

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



Vol.11 . No.87 Bhubaneswar, Tuesday, December 03, 2024 ବର୍ଷ- ୧୧ ସଂଖ୍ୟା-୮୭ ଭୁବନେଶ୍ୱର ମଙ୍ଗଳବାର, ଡ଼ିସେମ୍ବର ୦୩.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/-


# ରାଜ୍ୟରେ ୫୦୧୪ ଡାକ୍ତର ପଦବୀ ଖାଲି



ଭୁବନେଶ୍ୱର,୦୨/୧୨: ରାଜ୍ୟରେ ୩୭୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ଥିବା ବେଳେ ୫୦୧୪ଟି ଡାକ୍ତର ପଦବୀ ଖାଲି ପଡ଼ିଛି। ସେହିପରି ଏହି ସବୁ ଡାକ୍ତରଖାନାଗୁଡ଼ିକରେ ୧୧୧୪ଟି ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୪୫୦ଟି ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ ମୟୂରଭଞ୍ଜରେ ୩୦୯ଟି ଡାକ୍ତର ପଦବୀ ଖାଲି ପଡ଼ିଛି। ଏହି ଦୁଇ ଜିଲ୍ଲାରେ ଯଥାକ୍ରମେ ୮୭ ଓ ୮୮ଟି ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ଆଜି ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ବିଧାୟକ ପ୍ରଶାନ୍ତ ବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଏହି ତଥ୍ୟ ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରୀ ବିଧାନସଭାରେ ଉପସ୍ଥାପନ କରିଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ୩୦ଟି ଜିଲ୍ଲାର ୩୭୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବା CHCରେ ୭୮୦୬ଟି ମଞ୍ଜୁରୀପ୍ରାପ୍ତ ଡାକ୍ତରୀ ପଦ ଥିବା ବେଳେ ଏବେ ମାତ୍ର ୨୭୯୨ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ବାକି ୫୦୧୪ଟି ଡାକ୍ତର ପଦବୀ ଖାଲି ପଡ଼ିଛି। ସେହିପରି ଏହି ୩୭୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବା CHCରେ ୧୫୦୦ଟି ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଡାକ୍ତର ପଦବୀ ରହିଥିବା ବେଳେ ଏବେ ମାତ୍ର ୩୮୬ ଜଣ କାର୍ଯ୍ୟ କରୁଛନ୍ତି। ବାକି ୧୧୧୪ଟି ବିଶେଷଜ୍ଞ ଡାକ୍ତର ପଦ ଖାଲି ପଡ଼ିଛି। ଗଞ୍ଜାମ ଜିଲ୍ଲାରେ ୨୮ଟି ସିଏଚ୍‌ସି ଥିବା ବେଳେ ୫୮୧ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ରହିଛି। କିନ୍ତୁ ଏବେ ଜିଲ୍ଲାର ୨୮ଟି ସିଏଚ୍‌ସିରେ ମାତ୍ର ୧୩୧ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ୪୫୦ଟି ଡାକ୍ତର ପଦ ଖାଲି ପଡ଼ିଛି। ମୟୂରଭଞ୍ଜ ଜିଲ୍ଲାରେ ୨୮ଟି ସିଏଚ୍‌ସିରେ ୫୬୭ ଜଣ ଡାକ୍ତର କାର୍ଯ୍ୟ କରିବା କଥା। କିନ୍ତୁ ଏବେ ଏଠାରେ କାର୍ଯ୍ୟ କରୁଛନ୍ତି ୨୫୮ ଜଣ ଡାକ୍ତର। ଆହୁରି ୩୦୯ଟି ପଦବୀ ଖାଲି ପଡ଼ିଛି। ଅନୁଗୋଳ ଜିଲ୍ଲାରେ ୯ଟି ସିଏଚ୍‌ସିରେ ୧୮୯ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଥିବା ବେଳେ ୯୩ ଜଣ କାର୍ଯ୍ୟ କରୁଛନ୍ତି ଓ ବାକି ୯୬ଟି ଖାଲି ପଡ଼ିଛି। ବାଲେଶ୍ୱରର ୧୭ଟି ସିଏଚ୍‌ସିରେ ୩୫୨ ଜଣ ଡାକ୍ତର ରହିବା କଥା। କିନ୍ତୁ ଏବେ ସେଠାରେ ୧୨୦ ଜଣ କାର୍ଯ୍ୟ କରୁଥିବା ବେଳେ ୨୩୨ଟି ପଦବୀ ଖାଲି ପଡ଼ିଛି। ବଲାଙ୍ଗିର ଜିଲ୍ଲାରେ ୧୫ଟି ସିଏଚ୍‌ସି ଥିବା ବେଳେ ୩୧୪ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀରୁ ୧୭୩ଟି ଖାଲି ପଡ଼ିଛି। ମାତ୍ର ୧୪୧ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ବରଗଡ଼ ଜିଲ୍ଲାର ୧୬ଟି ସିଏଚ୍‌ସିରେ ୩୫୨ଟି ଡାକ୍ତର ପଦବୀ ଥିବା ବେଳେ ୨୫୪ଟି ଖାଲି ପଡ଼ିଛି। ବାକି ୯୮ଟିରେ ଡାକ୍ତର କାର୍ଯ୍ୟ କରୁଛନ୍ତି। ଭଦ୍ରକ ଜିଲ୍ଲାରେ ୭ଟି ସିଏଚ୍‌ସି ଥିବା ବେଳେ ୧୪୭ ଜଣ ଡାକ୍ତର ରହିବା କଥା। କିନ୍ତୁ ଏବେ ୫୪ ଜଣ ଡାକ୍ତର କାର୍ଯ୍ୟ କରୁଥିବା ବେଳେ ୯୩ଟି ପଦବୀ ଖାଲି ପଡ଼ିଛି। ବୌଦ୍ଧରେ ୫ଟି ସିଏଚ୍‌ସିରେ ୧୦୩ଟି ଡାକ୍ତର ପଦବୀ ରହିଥିବା ବେଳେ ମାତ୍ର ୪୫ ଜଣ କାର୍ଯ୍ୟ କରୁଛନ୍ତି। ୫୮ଟି ଡାକ୍ତର ପଦବୀ ଖାଲି ପଡ଼ିଛି। କଟକ ଜିଲ୍ଲାରେ ୧୯ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବା ସିଏଚ୍‌ସି ଅଛି। ସେଗୁଡ଼ିକରେ ମୋଟ ୩୯୪ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ରହିଛି। ସେଥିରୁ ୧୧୩ଟିରେ ଡାକ୍ତର କାର୍ଯ୍ୟ କରୁଥିବା ବେଳେ ୨୮୧ଟି ଖାଲି ପଡ଼ିଛି। ଦେବଗଡ଼ ଜିଲ୍ଲାର ୪ଟି ସିଏଚ୍‌ସିରେ ୮୩ ଜଣ ଡାକ୍ତର କାର୍ଯ୍ୟ କରିବା କଥା। ମାତ୍ର ଏବେ ସେହି ଡାକ୍ତରଖାନାଗୁଡ଼ିକରେ ୧୯ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ଆହୁରି ୬୪ଟି ପଦବୀ ଖାଲି ପଡ଼ିଛି। ଢେଙ୍କାନାଳ ଜିଲ୍ଲାର ୧୦ଟି ସିଏଚ୍‌ସିରେ ୨୦୯ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଥିବା ବେଳେ ୧୨୧ଟି ଖାଲି ପଡ଼ିଛି। ବାକି ୮୮ ଟିରେ ଡାକ୍ତର ଅଛନ୍ତି। ଗଜପତିରେ ୮ଟି ସିଏଚ୍‌ସିରେ ଥିବା ୧୬୮ଟି ଡାକ୍ତର ପଦବୀରୁ ୧୧୩ଟି ଖାଲି ପଡ଼ିଛି। ଜଗତସିଂହପୁର ଜିଲ୍ଲାରେ ଥିବା ୧୧ଟି ସିଏଚ୍‌ସିରେ ୨୧୯ ଜଣ ଡାକ୍ତର ରହିବା କଥା। କିନ୍ତୁ ଏବେ ଅଛନ୍ତି ମାତ୍ର ୭୪ ଜଣ। ବାକି ୧୪୫ଟି ଡାକ୍ତର ପବଦୀ ଖାଲି ପଡ଼ିଛି। ଯାଜପୁର ଜିଲ୍ଲାରେ ୧୨ଟି ସିଏଚ୍‌ସିରେ ୨୫୦ଟି ଡାକ୍ତର ପଦବୀ ରହିଥିବା ବେଳେ ମାତ୍ର ୮୨ ଜଣ କାର୍ଯ୍ୟ କରୁଛନ୍ତି ଓ ବାକି ୧୬୮ଟି ପଦବୀ ଖାଲି ପଡ଼ିଛି। ଝାରସୁଗୁଡ଼ାରେ ୬ଟି ସିଏଚ୍‌ସିରେ ୧୨୫ ଜଣ ଡାକ୍ତର ରହିବା କଥା। କିନ୍ତୁ ଏବେ ୪୧ ଜଣ ଡାକ୍ତର କାର୍ଯ୍ୟ କରୁଥିବା ବେଳେ ୮୪ଟି ପଦବୀ ଖାଲି ପଡ଼ିଛି। କଳାହାଣ୍ଡିରେ ୧୭ଟି ସିଏଚ୍‌ସିରେ ୩୫୩ଟି ଡାକ୍ତର ପଦବୀ ଥିବା ବେଳେ ୨୧୫ଟି ଖାଲି ପଡ଼ିଛି। କନ୍ଧମାଳରେ ୧୪ଟି ସିଏଚ୍‌ସିରେ ୨୯୨ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ରହିଥିବା ବେଳେ ୨୦୦ଟି ଖାଲି ପଡ଼ିଛି। ମାତ୍ର ୯୨ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। କେନ୍ଦ୍ରାପଡ଼ାରେ ୮ଟି ସିଏଚ୍‌ସିରେ ୧୬୮ଟି ଡାକ୍ତର ପଦବୀରୁ ୧୧୩ଟି ଖାଲି ପଡ଼ିଥିବା ବେଳେ କେନ୍ଦୁଝରରେ ୧୭ଟି ସିଏଚ୍‌ସିରେ ୩୫୩ଟି ପଦବୀରୁ ୨୨୬ଟି, ଖୋର୍ଦ୍ଧାରେ ୧୨ଟି ସିଏଚ୍‌ସିରେ ୨୫୦ଟି ପଦବୀରୁ ୧୨୬ଟି, କୋରାପୁଟରେ ୧୬ଟି ସିଏଚ୍‌ସିରେ ୩୩୪ଟି ପଦବୀରୁ ୨୦୪ଟି ଓ ମାଲକାନଗିରିରେ ୬ଟି ସିଏଚ୍‌ସିରେ ୧୨୬ଟି ପଦବୀରୁ ୮୪ଟି ପଦବୀ ଖାଲି ପଡ଼ିଛି। ନବରଙ୍ଗପୁର ଜିଲ୍ଲାରେ ୧୦ଟି ସିଏଚ୍‌ସି କାର୍ଯ୍ୟ କରୁଥିବା ବେଳେ ମଞ୍ଜୁରୀପ୍ରାପ୍ତ ୨୧୧ଟି ଡାକ୍ତର ପଦବୀରୁ ୧୧୮ଟି ଖାଲି ପଡ଼ିଛି। ମାତ୍ର ୯୩ ଜଣ ଡାକ୍ତର ଏବେ କାର୍ଯ୍ୟ କରୁଛନ୍ତି। ନୟାଗଡ଼ର ୧୨ଟି ସିଏଚ୍‌ସିରେ ମଞ୍ଜୁରୀପ୍ରାପ୍ତ ୨୪୮ଟି ଡାକ୍ତର ପଦବୀରୁ ୧୬୩ଟି ଖାଲି ପଡ଼ିଥିବା ବେଳେ ନୂଆପଡ଼ାରେ ୫ଟି ସିଏଚ୍‌ସିରେ ୧୦୪ଟି ପଦବୀରୁ ୪୮ଟି ଓ ପୁରୀରେ ୧୬ଟି ସିଏଚ୍‌ସିରେ ୩୩୧ଟି ଡାକ୍ତର ପଦବୀ ଥିବା ବେଳେ ୨୧୧ଟି ଖାଲି ପଡ଼ିଛି। ରାୟଗଡ଼ ଜିଲ୍ଲାରେ ଥିବା ୧୧ଟି ସିଏଚ୍‌ସିରେ ୨୩୧ଟି ଡାକ୍ତର ପଦବୀ ଥିବା ବେଳେ ୧୬୭ଟି ଖାଲି ପଡ଼ିଛି। ଏଠାରେ ମାତ୍ର ୬୪ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ସମ୍ବଲପୁର ଜିଲ୍ଲାରେ ୧୧ଟି ସିଏଚ୍‌ରେ ମାତ୍ର ୭୫ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ଏହି ଜିଲ୍ଲାରେ ଥିବା ସିଏଚ୍‌ସିଗୁଡ଼ିକରେ ୨୩୦ଟି ଡାକ୍ତର ପଦବୀ ଥିବା ବେଳେ ୧୭୩ଟି ଖାଲି ପଡ଼ିଛି। ସୁବର୍ଣ୍ଣପୁରରେ ୫ଟି ସିଏଚ୍‌ସିରେ ୩୭ ଜଣ ଡାକ୍ତର କାର୍ଯ୍ୟ କରୁଥିବା ବେଳେ ୬୮ଟି ପଦବୀ ଖାଲି ପଡ଼ିଛି। ସୁନ୍ଦରଗଡ଼ରେ ୨୦ଟି ସିଏଚ୍‌ସିରେ ୪୧୭ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଥିବା ବେଳେ ୧୬୭ ଜଣ କାର୍ଯ୍ୟ କରୁଛନ୍ତି। ବାକି ୨୫୭ଟି ଖାଲି ପଡ଼ିଛି।

## ଆଜିଠୁ ୫ଦିନିଆ ଗସ୍ତରେ ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର,୦୨/୧୨:ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠୁ ୫ଦିନିଆ ଓଡ଼ିଶା ଗସ୍ତରେ ଆସିବେ । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ବ୍ୟାପକ ପ୍ରସ୍ତୁତି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ୩ଦିନିଆ ଗସ୍ତ ଶେଷକରି ଗତକାଲି ଓଡ଼ିଶା ଛାଡ଼ିଥିବାବେଳେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆସନ୍ତାକାଲିଠୁ ୫ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ କଟକଣା ମଧ୍ୟ ଜାରି ହୋଇଛି । ସୂଚନା ଅନୁସାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସ୍ୱତନ୍ତ୍ର ବିମାନରେ ଆସନ୍ତାକାଲି ଅପରାହ୍ନ ୫ଟାରେ ଭୁବନେଶ୍ୱରରେ ପହଂଚିବେ । ରାଷ୍ଟ୍ରପତି ଆସନ୍ତାକାଲି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନୂଆ ପ୍ରତିମୂର୍ତ୍ତି ଅନାବରଣ କରିବା ସହ ଆଦିମଓ୍ୱାର ଜାର୍ପା ଜାହେର ପରିଦର୍ଶନ କରିବେ । ଡିସେମ୍ବର ୪ତାରିଖରେ ପୁରୀ ଯାଇ ସକାଳ ୧୦ଟା ୧୫ରୁ ୧୦ଟା ୪୦ମିନିଟ୍ ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବେ । ପରେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ଯୋଗ ଦେବେ । ଅପରାହ୍ନ ୩ଟା ୫୫ମିନିଟରେ ପୁରୀ ବ୍ଲୁ-ଫ୍ଲାଗ ବେଳାଭୂମିରେ ଆୟୋଜିତ ନୌସେନା ଦିବସ ସମାରୋହ ଓ ସମର କୌଶଳ ପ୍ରଦର୍ଶନରେ ମୁଖ୍ୟ ଅତିଥି ଭାବେ ସାମିଲ ହେବେ । ଡିସେମ୍ବର ୫ତାରିଖରେ ଓୟୁଏଟିର ୪୦ତମ ସମାବର୍ତ୍ତନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ । ସେହିଦିନ ଭୁବନେଶ୍ୱରର ନ୍ୟାୟିକ କୋର୍ଟର ନୂଆ ଅଟ୍ଟାଳିକାକୁ ଉଦଘାଟନ କରିବେ । ଡିସେମ୍ବର ୬ରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଯାଇ ଉପରବେଡ଼ାଠାରେ ଛାତ୍ରଛାତ୍ରୀ ଓ ଗାଁ ଲୋକମାନଙ୍କ ସହ ମତବିନିୟମ କରିବେ । ସେହିଦିନ ରାଇରଙ୍ଗପୁରଠାରେ ସେ ରାଇରଙ୍ଗପୁର ମହିଳା କଲେଜର ଛାତ୍ରଛାତ୍ରୀ ଓ ଅଧ୍ୟାପିକମାନଙ୍କ ସହ କଥା ହେବେ । ୭ତାରିଖରେ ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁରମରା-ଚକୁଳିଆ ଓ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍, ରାଇରଙ୍ଗପୁର ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ଦାଣ୍ଡବୋଷ ବିମାନ ବନ୍ଦର ଓ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

## ୫ ମାସରେ ୯୦ ସରକାରୀ ବାବୁଙ୍କ ବିରୋଧରେ ମାମଲା

ଭୁବନେଶ୍ୱର,୦୨/୧୨:ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ୫ ମାସ ମଧ୍ୟରେ ୯୦ ଜଣ ସରକାରୀ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ ହୋଇଛି। ବିଜେଡି ବିଧାୟକ ପ୍ରତାପ ଦେବଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଗୃହରେ ଏହି ଲିଖିତ ଉତ୍ତର ରଖିଛନ୍ତି। ୨୦୨୪ ଜୁନ୍ ମାସରୁ ଅକ୍ଟୋବର ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଦୁର୍ନୀତିଖୋରଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ମୁଖ୍ୟମନ୍ତ୍ରୀ ଗୃହରେ କହିଛନ୍ତି। ରୁଜୁ ହୋଇଥିବା ମାମଲା ମଧ୍ୟରେ ରାଜସ୍ୱ ବିଭାଗରେ ସର୍ବାଧିକ ୨୦ ଅଧିକାରୀ ଅଛନ୍ତି। ସେହିପରି ପଞ୍ଚାୟତିରାଜ ବିଭାଗର ୧୮ ଜଣ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ।

## ସଂସଦରେ ସମ୍ବିଧାନ ଉପରେ ହେବ ବିତର୍କ



ନୂଆଦିଲ୍ଲୀ, ୦୨/୧୨: ସଂସଦକୁ ଆସିବ ସମ୍ବିଧାନ ପ୍ରସଙ୍ଗ। ସମ୍ବିଧାନ ଉପରେ ବିତର୍କ ପାଇଁ ଲୋକସଭା ଓ ରାଜ୍ୟସଭାର ସମସ୍ତ ବିରୋଧୀ ଓ ଶାସକ ଦଳର ସାଂସଦମାନେ ଏକମତ ହୋଇଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଡିସେମ୍ବର ୧୩ରୁ ୧୭ ମଧ୍ୟରେ ଚାରିଦିନ ଧରି ସଂସଦର ଉଭୟ ଗୃହରେ ସମ୍ବିଧାନ ଉପରେ ବିତର୍କ ହେବ। ନଭେମ୍ବର ୨୫ ତାରିଖରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇଥିଲା। ତେବେ ସମ୍ବିଧାନକୁ ନେଇ ବିତର୍କ ଦାବିରେ ବାରମ୍ବାର ହଟ୍ଟଗୋଳ ଓ ଗୃହ ମୁଲତବୀ ହୋଇଥିଲା। ଯାହାକୁ ନେଇ ଆଜି ସର୍ବଦଳୀୟ ବୈଠକ ଡାକିଥିଲେ ବାଚସ୍ପତି ଓମ୍ ବିର୍ଲା। ଏହି ବୈଠକରେ ସମ୍ବିଧାନ ଉପରେ ବିତର୍କ ପାଇଁ ସବୁ ଦଳର ସଦସ୍ୟ ସହମତି ପ୍ରକାଶ କରିଥିବା ଜଣାପଡ଼ିଛି। ସର୍ବଦଳୀୟ ବୈଠକ ପରେ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। ଡିସେମ୍ବର ୧୩ରୁ ୧୭ ପର୍ଯ୍ୟନ୍ତ ଚାରିଦିନ ଧରି ସଂସଦର ଉଭୟ ଗୃହରେ ସମ୍ବିଧାନ ଉପରେ ବିତର୍କ ହେବ ବୋଲି ସେ କହିଛନ୍ତି। ପ୍ରଥମେ ଡିସେମ୍ବର ୧୩ ଓ ୧୪ ଦୁଇଦିନ ଲୋକସଭାରେ ଏବଂ ୧୬ ଓ ୧୭ ଡିସେମ୍ବରରେ ରାଜ୍ୟସଭାରେ ସମ୍ବିଧାନ ଉପରେ ବିତର୍କ ହେବ। ଏନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ରିଜିଜୁ କହିଛନ୍ତି, 'ସଂସଦ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଉଚିତ ନୁହେଁ। ସମସ୍ତ ବିରୋଧୀ ଦଳର ନେତାମାନଙ୍କୁ ଆମେ ଅନୁରୋଧ କରୁଛୁ, ଆସନ୍ତାକାଲିଠାରୁ ସଂସଦ କାର୍ଯ୍ୟ ସୁରୁଖୁରୁରେ କିପରି ଚାଲିବ, ସେନେଇ ସମସ୍ତେ ଦାୟିତ୍ୱବାନ ହେବେ।'

## ୧୨୫ କୋଟି ଲୁଟିଲେଣି ସାଇବର ଠକ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୦୨/୧୨: ରାଜ୍ୟରେ ସାଇବର ଲୁଟେରା ମାତିଛନ୍ତି। ସଚେତନତା ଅଭାବରୁ ଲୋକେ ସାଇବର ଠକେଇର ଶିକାର ହେଉଛନ୍ତି। ଗତ ୩ ବର୍ଷ ମଧ୍ୟରେ ସାଇବର ଲୁଟେରା ୧୨୫ କୋଟି ଲୁଟି ନେଇଛନ୍ତି। ଏନେଇ ୬ ହଜାର ୩୬୮ଟି ମାମଲା ରୁଜୁ ହୋଇଛି । ଅଭିଯୋଗ ଆଧାରରେ ୧୩୮୮ ଜଣ ଲୁଟେରା ଗିରଫ ହୋଇଛନ୍ତି । ଏହା ସହିତ ଲୁଟ୍ ହୋଇଥିବା ଲୋକଙ୍କର ୨ କୋଟି ୫୨ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି। ୨୦୨୩ ମସିହାରେ ଦାଏର ହୋଇଥିବା ୨୩୪୮ ଟି ମାମଲା ଆଧାରରେ ୫୨୨ ଜଣ ଗିରଫ ହୋଇଛନ୍ତି। ମୋଟ ୪୭ କୋଟି ୯୪ ଲକ୍ଷ ଟଙ୍କା ସାଇବର ଅପରାଧୀଙ୍କ ଦ୍ୱାରା ଲୁଟ୍ ହୋଇଛି । ରାଜ୍ୟ ସରକାର ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏପରି ଘଟଣାକୁ କିପରି ରୋକିହେବ ଏବଂ ଲୋକଙ୍କୁ ସଚେତନ କରିବା ନେଇ ସରକାରଙ୍କ ପକ୍ଷରୁ ପ୍ରୟାସ କରାଯାଉଛି ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ପ୍ରଦାନ କରିଛନ୍ତି। ବିଜେଡି ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ଉତ୍ତର ରଖିଛନ୍ତି ।

## ଖାଲି ପଡ଼ିଛି ୧୩ ହଜାର ୩୭୩ ପୁଲିସ ପଦବୀ

ଭୁବନେଶ୍ୱର,୦୨/୧୨: ଚାଲିଛି ବିଧାନସଭାର ଶୀତକାଳୀନ ଅଧିବେଶନ। ରାଜ୍ୟରେ ବିଭିନ୍ନ ପଦପଦବୀରେ କେତେ ସଂଖ୍ୟାରେ ପୁଲିସ କର୍ମଚାରୀ, ହୋମଗାର୍ଡ, ଅଗ୍ନିଶମ ବିଭାଗରେ ଓ କେତେ ସଂଖ୍ୟାରେ ବିଭିନ୍ନ ଜେଲରେ କେଉଁ ପଦ ସବୁ ଖାଲି ଅଛି ଓ କେବେ ସୁଦ୍ଧା ଏହିସବୁ ପଦପଦବୀ ପୂରଣ କରିବା ପାଇଁ ସରକାର ନିଷ୍ପତି ନେବେ ବୋଲି କଂଗ୍ରେସ ବିଧାୟକ ପବିତ୍ର ସାଉଁଟା ପ୍ରଶ୍ନ କରିଥିଲେ। ତାଙ୍କର ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉତ୍ତର ଦେଇ କହିଥିଲେ ଯେ, ରାଜ୍ୟରେ ଖାଲି ପଡ଼ିଛି ୧୩ ହଜାର ୩୭୩ ପୁଲିସ ପଦବୀ, ଅଗ୍ନିଶମ ବିଭାଗରେ ୪୮୧ ପଦବୀ, ୨୪୧୬ ହୋମଗାର୍ଡ ପଦବୀ ଖାଲି ପଡ଼ିଥିବାବେଳେ ଜେଲ ଗୁଡିକରେ ମଧ୍ୟ ୮୬୨ ପଦବୀ ଖାଲି ପଡ଼ିଛି। ଖାଲିଥିବା ପଦବୀ ଗୁଡ଼ିକୁ ନୂତନ ଚୟନ ଓ ପଦୋନ୍ନତି ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଉତ୍ତରରେ କୁହାଯାଇଥିଲା।

# କାହାର କଲ୍ୟାଣ କରୁଛି କଲ୍ୟାଣ ମଣ୍ଡପ

ଭୁବନେଶ୍ୱର,୦୨/୧୨: ବିଏମ୍‌ସିର ଧାର୍ଯ୍ୟ ରାଜସ୍ୱ ଲକ୍ଷ୍ୟ କୌଣସି ବର୍ଷରେ ମଧ୍ୟ ପୂରଣ ହେଉନି। ରାଜସ୍ୱ ଆଦାୟ ପାଇଁ ଯାବତୀୟ ଉତ୍ସ ରହିଥିଲେ ମଧ୍ୟ ଏଥିପ୍ରତି ଅଧିକାରୀ ଓ ଲୋକପ୍ରତିନିଧି ଉଭୟ ଆଖି ବୁଜି ଦେଇଛନ୍ତି। ଏଭଳି ରାଜସ୍ୱ ଉତ୍ସ ତାଲିକାର ଆଗରେ ରହିଛି କଲ୍ୟାଣମଣ୍ଡପ। ହେଲେ ଏହି ଉତ୍ସ ସବୁଠାରୁ ଅବହେଳିତ ଅବସ୍ଥାରେ ଅଛି। ଅନ୍‌ଲାଇନ୍‌ରେ ବୁକିଂ ହେଉଥିବାରୁ ଆୟୋଜକ ଏହାର ଅବସ୍ଥା ବାବଦରେ ଜାଣି ପାରୁ ନାହାନ୍ତି, ବୁକିଂ କରିଦେବା ପରେ ଫସି ଯାଉଛନ୍ତି। ଥରେ ବୁକିଂ ପରେ ଆଉ ଦ୍ୱିତୀୟବାର ଚାହୁଁନାହାନ୍ତି। ମରାମତି ନାଁରେ ଅନ୍‌ଲାଇନ୍ ବୁକିଂ ବନ୍ଦ କରି କେତେକ ତଳତଳିଆ କର୍ମଚାରୀଙ୍କ ଜରିଆରେ ଅଧିକାରୀ ଓ ଲୋକପ୍ରତିନିଧି ପକେଟ୍ ଗରମ କରୁଥିବା ଅଭିଯୋଗ ମଧ୍ୟ ବିଏମ୍‌ସିକୁ ବଦନାମ କରି ରଖିଛି। ସର୍ବସାଧାରଣଙ୍କର କଲ୍ୟାଣ ଉଦ୍ଦେଶ୍ୟରେ ନିର୍ମିତ କଲ୍ୟାଣମଣ୍ଡପ କାହାର କଲ୍ୟାଣ କରୁଛି ସେ ନେଇ ପ୍ରଶ୍ନ ଉଠିଛି। ନିକଟ ଅତୀତରେ ବୁଦ୍ଧେଶ୍ୱରୀ କଲୋନିରେ ଥିବା କଲ୍ୟାଣମଣ୍ଡପର ମରାମତି ନାଁରେ ଅନ୍‌ଲାଇନ୍ ବୁକିଂ ବନ୍ଦ ରଖି ହାତଗୁଞ୍ଜା ନେଇ ବେପାର ଚାଲିଥିବା ଅଭିଯୋଗର ତଦନ୍ତ ହୋଇଥିଲା। ଏବେ ଭିଏସ୍‌ଏସ୍ ନଗର କଲ୍ୟାଣମଣ୍ଡପକୁ ନେଇ ଗଦା ଗଦା ଅଭିଯୋଗ ପ୍ରବଳ ଅସନ୍ତୋଷ ସୃଷ୍ଟି କରିଛି। ଏହାର ଦର(ଦିନକୁ) ରହିଛି ୨୯, ୫୦୦ଟଙ୍କା। କିନ୍ତୁ ଏଠାରେ ଥିବା ସର୍ବନିମ୍ନ ମୌଳିକ ସେବାରେ ଘୋର ସମସ୍ୟା ରହିଛି। ଏଠାରେ ଥରେ ଭୋଜି ଭାତ ହେବା ପରେ ଆବର୍ଜନା ଉଠୁ ନାହିଁ। ଏହା ଠାରୁ ବଡ଼ ସମସ୍ୟା ହେଉଛି ପାଇଖାନା। ଏଠାରେ ଥିବା ପାଇଖାନା ବସିବା ଯୋଗ୍ୟ ନୁହେଁ। ବର୍ଷେ ହେବ ଏହି ପାଇଖାନା ଭାଙ୍ଗି ଯାଇଥିଲେ ମଧ୍ୟ ମରାମତି ହେଉନାହିଁ, ସଫା ମଧ୍ୟ ହେଉନାହିଁ। ମୁଖ୍ୟ ଫାଟକରୁ ମଣ୍ଡପ ପର୍ଯ୍ୟନ୍ତ ଯିବାକୁ ଥିବା ରାସ୍ତାରେ ଖରା, ବର୍ଷା ଓ ଶୀତରେ ମଧ୍ୟ ପାଣି ଜମି ରହୁଛି। କାଦୁଅ ପଚପଚ ହେଉଛି। ବେସିନ୍ ଓ ଟାଙ୍କି ପୂର୍ଣ୍ଣ ହେବା ପରେ ମଧ୍ୟ ମଟର ଚାଲୁଥିବାରୁ ବଳକା ପାଣି ବୋହି ଆସି ଏଭଳି ଅବସ୍ଥା କରିଛି। ଏଥିରେ ଖାଦ୍ୟପଦାର୍ଥ ପଡୁଥିବାରୁ ଦୁର୍ଗନ୍ଧରେ ରହି ହେଉ ନାହିଁ। ଏହା ଛଡ଼ା ମଣ୍ଡପ ସାରା ଖାଦ୍ୟପଦାର୍ଥ ପଡ଼ି ରହି ପଚ ଯିବା ପରେ ଅଞ୍ଚଳବାସୀଙ୍କୁ ଅତିଷ୍ଠ କରିଛି। ରାତି ହେଲେ ସମସ୍ୟା ତିନିଗୁଣା ହୋଇଯାଉଛି। ଯେତିକି ଲାଇଟ୍ ଲାଗିଛି ତାହାର ଅଧା ଜଳୁଛି। ମଣ୍ଡପର ପ୍ରବେଶ ପଥ କଡ଼ରେ ଶହ ଶହ ସ୍ଲାବ୍ ୨ ବର୍ଷ ହେଲା ଜମା ହୋଇଛି। ଅନ୍ଧାରରେ ଟିକିଏ ଅନ୍ୟମନସ୍କ ହେଲେ କାଦୁଅ କିମ୍ବା ଏହି ସ୍ଲାବ୍‌ରେ ପଡ଼ି ଆହତ ହେବା ଥୟ। ବାହାଘର ସିଜନ୍ ଆରମ୍ଭ ହୋଇଥିବାରୁ ଭଲ ବେପାର ହେବା କଥା। କିନ୍ତୁ ହେଉ ନାହିଁ। ବିଏମ୍‌ସି ସୂଚନା ମୁତାବକ, ମୋଟ ୧୧ଟି କଲ୍ୟାଣମଣ୍ଡପ ରହିଛି। ଭିଏସ୍‌ଏସ୍‌ନଗର କଲ୍ୟାଣମଣ୍ଡପ ୨୦୦୭ ମସିହାରେ ତିଆରି ହୋଇଥିଲା। ଗତ ଜାନୁଆରି ମାସରେ ଏହି ମଣ୍ଡପ ୩ ଦିନ ବୁକିଂ ହୋଇଥିବା ବେଳେ ଫେବ୍ରୁଆରିରେ ୬, ମାର୍ଚ୍ଚରେ ୭, ଏପ୍ରିଲ୍‌ରେ ୪, ଜୁନ୍‌ରେ ୧, ଜୁଲାଇରେ ୭, ଅଗଷ୍ଟରେ ୨, ସେପଟ୍ଟେମ୍ବରରେ ୨, ଅକ୍ଟୋବରରେ ୧ ଓ ଚଳିତ ମାସରେ ୬ ଦିନ ବୁକିଂ ହୋଇଛି। ମେ ମାସରେ ଦିନେ ହେଲେ ବୁକିଂ ହୋଇନାହିଁ। ଅର୍ଥାତ୍ ଚଳିତ ବର୍ଷ(ଆଜି ପର୍ଯ୍ୟନ୍ତ) ୩୯ ବୁକିଂ ପାଇଁ ବିଏମ୍‌ସି ୧୧ଲକ୍ଷ ୫୦ ହଜାର ୫୦୦ ଟଙ୍କା ରାଜସ୍ୱ ବାବଦକୁ ପାଇଛି। ସ୍ଥାନୀୟ ବାସିନ୍ଦା ଶୁଭ୍ରଜିତ ରାଉତ କହିଛନ୍ତି, ବିଏମ୍‌ସି ଅଧିକା ରାଜସ୍ୱ ପାଇଛି। ବୁକିଂ ବାଦ୍ ୧ ହଜାର ଟଙ୍କା ଅନ୍ୟାନ୍ୟ ଦେୟ ବାବଦକୁ ବିଏମ୍‌ସି ସଂଗ୍ରହ କରୁଛି। ୩୯ ବୁକିଂ ପାଇଁ ୩୯ ହଜାର ଟଙ୍କା ପାଇଛି। ମରାମତି ନାମରେ ୧୦ ଦିନ ବୁକିଂ ବନ୍ଦ ରଖିଛି। ହେଲେ କଣ ମରାମତି ହୋଇଛି ତାହା ମା' ଗଙ୍ଗେଇ ଜାଣନ୍ତି। ବାହାଘର ସିଜନ ଥିବାରୁ ଡିସେମ୍ବରରେ ୬ ଦିନ, ଜାନୁଆରିରେ ୪ଦିନ ଓ ଫେବ୍ରୁଆରିରେ ୩ ଦିନ ଅଗ୍ରିମ ବୁକିଂ ହୋଇଛି। ଗରିବ ବା ନିମ୍ନ ମଧ୍ୟବିତ ପରିବାର ଲୋକେ ଏଠାରେ ଶସ୍ତା ବୋଲି ବୁକିଂ କରନ୍ତି। କିନ୍ତୁ ଏଭଳି ସ୍ଥିତି ପାଇଁ ସେମାନେ ଘରୋଇ ମଣ୍ଡପରେ ଖର୍ଚ୍ଚାନ୍ତ ହେଉଛନ୍ତି, ବିଏମ୍‌ସି ରାଜସ୍ୱ ହରାଉଛି। ବିଏମ୍‌ସି ପକ୍ଷରୁ କୁହାଯାଇଛି କି ଯାତ୍ରୀ ନିବାସ ସହ ପ୍ରତ୍ୟେକ କଲ୍ୟାଣମଣ୍ଡପକୁ ନୂଆ ରୂପ ଦେବାପାଇଁ ଯୋଜନା ହୋଇଛି। ଏଥିପାଇଁ ଡିପିଆର ପ୍ରସ୍ତୁତ ହେଉଛି। ନୟମିତ ମରାମତି ମଧ୍ୟ ହେଉଛି।







# ଘୁ ଉଦୟଗିରି ସହର ରାଜ୍ୟର ସବୁଠାରୁ ଥଣ୍ଡା ସହର ୬.୨ ପାରଦ ଆକଳନ କଲା ପାଣିପାଗ ବିଭାଗ

ଘୁ ଉଦୟଗିରି, ୦୨/୧୨ (ନି.ପ୍ର): ରାଜ୍ୟର ସବୁଠୁ ଥଣ୍ଡା ସହର ଭାବେ କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ସ୍ଥାନିତ ହୋଇଆସୁଛି। ଗତ ୨୦ ତାରିଖରେ ଘୁ ଉଦୟଗିରି ସହରରେ ୬.୨ ପାରଦ ତାପମାତ୍ରା ରହିଥିବା ବେଳେ ଦୀର୍ଘ ୩ରୁ ୪ ବର୍ଷ ହେବ କନ୍ଧମାଳ ଜିଲ୍ଲାର ୧୨ ଗୋଟି ବ୍ଲକ ମଧ୍ୟରେ ବହୁ ମାତ୍ରାରେ ଥଣ୍ଡା ଓ ପାରଦ ପଡୁଥିବା ହେସ୍ତକ୍ଷେପ ହେଇଛି। ଏହି କ୍ଷେତ୍ରରେ ପୁଣି ଗତକାଲି ପାଣି ପାଗ ବିଭାଗର ଆକଳନ ଅନୁସାରେ ୬.୨ ଘୁ ଉଦୟଗିରିରେ ରହିଛି ।ସେହିପରି ଦାରିଙ୍ଗବାଡି ଠାରେ ୧୦ ଓ ଫୁଲବାଣୀରେ ୮.୫ ରହିଥିବା ସୂଚନା ରହିଛି ।ତେବେ ଅଞ୍ଚଳରେ ହାଡ଼ଭଙ୍ଗା ଜାଡ଼ ଓ ଶିତ ଅନୁଭୂତ ହୋଇଛି। ବିଳମ୍ବିତ ରାତିରୁ ଘନକୁହୁଡ଼ି ଆରମ୍ଭ ହୋଇ ସକାଳ ୮ ଟା ପର୍ଯ୍ୟନ୍ତ ଲାଗି ରହୁଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ପାଲଟିଛି। ସେପଟେ ପର୍ଯ୍ୟଟକ ମାନେ ମଧ୍ୟ ଶିତର ମଜା ଉଠାଇବା ପାଇଁ ବିଭିନ୍ନ ଜାଗାରୁ ଆସୁଛନ୍ତି ଓ ଆନନ୍ଦ ଉଲ୍ଲାସରେ ଶିତ ଉପଭୋଗ କରୁଛନ୍ତି ।

# ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗୀତାରେ ରାଇଘର ବ୍ଲକରୁ ୬ ଜଣ ବାଳିକା

ରାଇଘର,୦୨/୧୨ (ନି.ପ୍ର):ନବରଙ୍ଗପୁର ଜିଲ୍ଲା କ୍ରିକେଟ ଟିମରେ ଖେଳିବେ ରାଇଘର



ବ୍ଲକର ୬ ଜଣ ବାଳିକା । ଗତ ୨୧ ତାରିଖ ରେ ପାପଡାହାଣ୍ଡି ଠାରେ ୧୭ ବର୍ଷ ରୁ କମ ବୟସ ବାଳିକା କ୍ରିକେଟ ଟିମ ଚୟନ କରାଯାଇଛି, ସେଥିରୁ ରାଇଘର ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆପାରା ରୁ ୫ ଜଣ ଜାନକୀ ଯାନୀ, ସୁପର୍ଣ୍ଣା ଗଣ୍ଡ, ବିନା ଗଣ୍ଡ, ସସ୍ମିତା ଯାନୀ, ମାଧୁରୀ ଗଣ୍ଡ,ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଯୋଡିଙ୍ଗା ରୁ ୧ ଦୀପିକା ଗଣ୍ଡ,ଚୟନ ହୋଇଛନ୍ତି ।ସେମାନେ ୨ ଡିସେମ୍ବର ରେ ବାରିପଦା (ମୟୁରଭଞ୍ଜ)ଠାରେ ଅନୁଷ୍ଠିତ ହେଉଥିବା ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯଗୀତା ରେ ଭାଗ ନେବେ, ସେମାନେ ୧ ଡିସେମ୍ବର ରେ ନବରଙ୍ଗପୁର ରୁ ବାହାରିବେ । ସୂଚନା ଅନୁଯାଇ ନବରଙ୍ଗପୁର ଜିଲ୍ଲା ବାଳିକା କ୍ରିକେଟ ଟିମ କହିଲେ ପ୍ରଥମ କରି ରାଜ୍ୟ ସ୍ତରୀୟ ଖେଳିବାକୁ ଯାଉଛି । ସ୍କୁଲ ର ଶିକ୍ଷକ ଶିକ୍ଷୟତ୍ରୀ ଓ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜେନା ବହୁତ ଖୁସି ଅନୁଭବ କରି କହିଛନ୍ତି,ଭଲ ପ୍ରଦର୍ଶନ କରିବେ ବଲି ଆଶା ରଖିଛନ୍ତି । ବିଗତ ୧୨/୧୧ ରେ ଜଣେ ଛାତ୍ର ସରକାରୀ ଉଚ୍ଚବିଦ୍ୟାଳୟ ନୂଆପାରା ରୁ ଏଥଲେଟିକ ଖେଳିବାର ସୁଯଗ ପାଇ କେନ୍ଦୁଝର ଜିଲ୍ଲାରେ ଖେଳିଥିଲେ । ଖୁସିର କଥା ତାକୁ ଏବେ କ୍ରୀଡା ହଷ୍ଟେଲ ରେ ରହି ଖେଳିବାର ସୁଯଗ ମିଳିଛି । ସୂଚନା ଥାଉକି,ବାଳିକା ମାନେ ପ୍ରଥମ ଥର ପାଇଁ ଡ଼ିୟୁଜ ବଲରେ ଖେଳିବେ, ସେଥିପାଇଁ ୨ ମାସ ହେଲା ଡିୟୁଜ ବଲରେ ବାଳିକା ଙ୍କୁ ଅଭ୍ୟାସ କରାଉଛନ୍ତି ବଲି ତାଙ୍କ କ୍ରୀଡା ଶିକ୍ଷକ ମନଜ କୁମାର ବାଘ କହିଛନ୍ତି ।

# କୁଚିଣ୍ଡା ମହାବିଦ୍ୟାଳୟରେ 'ପରିବେଶ ଦୃଷ୍ଟି ରୁ ସ୍ଥାୟୀ ବିକାଶ ଲକ୍ଷ୍ୟ' ଶୀର୍ଷକ ସେମିନାର

କୁଚିଣ୍ଡା,୦୨/୧୨ (ନି.ପ୍ର): କୁଚିଣ୍ଡା ମହାବିଦ୍ୟାଳୟରେ ବିଜ୍ଞାନ ପରିଷଦ ତରଫରୁ ପରିବେଶ ଦୃଷ୍ଟିଭଙ୍ଗୀରୁ ସ୍ଥାୟୀ ବିକାଶ ଲକ୍ଷ୍ୟ ଶୀର୍ଷକ ସେମିନାର ଅଧକ୍ଷା ସୁଚିତ୍ରା ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ହୋଇଯାଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନର ପ୍ରଫେସର ଡଃ.ମଳୟ ରଞ୍ଜନ ମହାନନ୍ଦ ବକ୍ତା ଭାବେ ଯୋଗଦେଇ ଏକ ତଥ୍ୟ ଭିତ୍ତିକ ତଥା ଚିନ୍ତା ଜନକ ନିବନ୍ଧ ଦ୍ୱାରା ଧାରଣୀୟ ବିକାଶ, ଏହାର ସଂଜ୍ଞା, ଉପାଦାନ, ଉତ୍ସ ,ଲକ୍ଷ୍ୟ,ଏହାର ନିୟମାବଳୀ ଏବଂ ସୂଚକ ସମ୍ବନ୍ଧରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ପରିବେଶର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ର ରିତେଶ ଠାକୁର ଏବଂ ଲିପି ନାଏକ 'ତ୍ରୁଟିପୂର୍ଣ୍ଣ ଜୀବନ ଶୈଳୀ ହିଁ ରୋଗର ମୂଳ କାରଣ 'ନାମକ ଏକ ନିବନ୍ଧ ପାଠ କରିଥିଲେ। ଉପସଭାପତି ପ୍ରମୋଦ କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇ ବିଷୟ ବସ୍ତୁ ସମ୍ବନ୍ଧରେ ମତ ରଖିଥିଲେ। ନିର୍ମଳ ଉର୍ମା ଅତିଥି ପରିଚୟ ଦେଇଥିଲେ ଏବଂ ରିତୁପ୍ରିୟ ନାଏକ ବିକାଶରେ ବିଜ୍ଞାନର ଅବଦାନ ସହିତ ପରିବେଶର ସୁରକ୍ଷା କ୍ଷେତ୍ରରେ ବିଜ୍ଞାନର ଭୂମିକା ବିଷୟରେ ମତ ରଖିବା ସହିତ ସେମିନାର ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲ +୩ ଏବଂ+୨ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ଅଧାପକ ସତ୍ୟମ୍ ପଟେଲ ରସାୟନ ବିଜ୍ଞାନ ଅଧାପକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଲିଙ୍ଗଗତ ହିଂସା ରୋକିବା ନିମନ୍ତେ ସୁନ୍ଦରଗଡରେ ସଚେତନତା

ବଣାଇ,୦୨/୧୨ (ନି.ପ୍ର):ସୁନ୍ଦରଗଡ ସଦଭାବନା ଗୃହ ଠାରେ ଜିଲ୍ଲା ରେ ଲିଙ୍ଗଗତ ହିଂସା ରୋକିବା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଅଧକ୍ଷତା କରି ଲିଙ୍ଗଗତ ହିଂସା ବିରୋଧ ରେ ୧୬ ଦିବସୀୟ ଜିଲ୍ଲା ସ୍ତରୀୟ ସଚେତନତା ଅଭିଯାନ କାର୍ଯକ୍ରମ ର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ,ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କନକଲତା ନାଏକ, ଆଇ ଏ ଏଚ ଟିୟୁ ର ଡି ଏସ ପି ଶ୍ରୀମତୀ କାଦମ୍ବିନୀ ସାମଲ,ମହିଳା ସୁରକ୍ଷା ଅଧିକାରୀ ସ୍ନିଗ୍ଧା ରାଣୀ ମହାପାତ୍ର ଏବଂ ଜିଲ୍ଲା ର ବିଭିନ୍ନ ବର୍ଗ ର ଜନସାଧାରଣ ଉପସ୍ଥିତ ରହି ଜିଲ୍ଲା ରେ ଲିଙ୍ଗଗତ ହିଂସା ରୋକିବା ନିମନ୍ତେ କଣ କଣ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ତାହା ନେଇ କରିଥିଲେ। ସେହିଭଳି ଏଥି ପ୍ରତି ପ୍ରତ୍ୟେକ କ୍ଷେତ୍ର ରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯିବା ଉପରେ ମଧ ବୈଠକ ରେ ଆଲୋଚନା କରାଯାଇଥିଲା ।କାର୍ଯ୍ୟକ୍ରମ କୁ ଜିଲ୍ଲା ସଂଯୋଜିକା ମିନାକ୍ଷୀ ପ୍ରଧାନ ପରିଚାଳନା କରିଥିଲେ। ସେହିଭଳି ପ୍ରକଳ୍ପ ଅଧିକାରୀ ସୁଶୀଳା ରଥ ବାଲ୍ୟ ବିବାହ ମୁକ୍ତ ଭାରତ ର ଗଠନ ନିମନ୍ତେ ଶପଥ ପାଠ କରାଇଥିଲେ ।ଶେଷ ରେ ସୁରକ୍ଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମବାୟ ସମିତି ସମ୍ପାଦକଙ୍କ ୭ ଦଫା ଦାବିପତ୍ର

ଆଠଗଡ : ଆଠଗଡ ବ୍ଲକ ଓ ଏନଏସିରେ କାର୍ଯ୍ୟରତ ୨୬ ଟି ପ୍ରାଥମିକ କୃଷି ସେବା ସମବାୟ ସମିତିର ସଂପାଦକମାନେ ୭ ଦଫା ଦାବି ନେଇ ଆଠଗଡ ସମବାୟ ସହକାରୀ ନିବନ୍ଧକଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୧୦ ତାରିଖ ମଧ୍ୟରେ ସମସ୍ୟାର ସମାଧାନ କରା ନଗଲେ ୧୧ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସଂପାଦକ ମାନେ ପ୍ରଦାନ କରିଥିବା ଦାବିଗୁଡିକ ମଧ୍ୟରେ ବିନା କାରଣରେ ନିଜିଗଡ ସେବା ସମବାୟ ସମିତିର କର୍ମଚାରୀଙ୍କ ବନ୍ଦ ରହିଥିବା ୪ ମାସର ଦରମା ତୁରନ୍ତ ପ୍ରଦାନ, ସମିତିର ପରିଚାଳନା ପରିଷଦଙ୍କୁ କେଉଁ ଆଧାରରେ ବୈଠକ ଭତ୍ତା ପ୍ରଦାନ କରାଯିବ ତାର ସ୍ପଷ୍ଟୀକରଣ ଦେବା, ସମିତିରେ କାର୍ଯ୍ୟରତ ଡିଇଓ ମାନଙ୍କର ୧୦ ଲକ୍ଷ ଟଙ୍କା ବୀମା ବ୍ୟବସ୍ଥା କରିବା, ଧାନ କିଣା ପୂର୍ବରୁ ସମିତି ସ୍ତରରେ ଯେଉଁ ପ୍ରସ୍ତୁତି କରାଯିବ ଯଥା ୧୫୦୦ ରୁ ୨୦୦୦ ସ୍କୋୟାର ଫୁଟର ବିଶ୍ରାମସ୍ଥଳ, ଚେୟାର, ଟେବୁଲ, ପାନୀୟ ଜଳର ବ୍ୟବସ୍ଥା ନିମନ୍ତେ ବ୍ୟୟ ପରିମାଣର ଲିଖିତ ନିର୍ଦ୍ଦେଶ ପ୍ରଦାନ, ସମିତି ସ୍ତରରେ କାର୍ଯ୍ୟରତ ସମସ୍ତ ବର୍ଗର କର୍ମଚାରୀ ମାନଙ୍କର ଧାର୍ଯ୍ୟ ୬ଷ୍ଠ ବେତନ କମିଟିର ସୁପାରିଶ ମୁତାବକ ବେତନ ଓ ଡିଏ ଆଗାମୀ ଜାନୁୟାରୀ ପହିଲା ଠାରୁ ପ୍ରଦାନ ପ୍ରଭୃତି ଅନ୍ତର୍ଭୁକ୍ତ ।ସମିତି ସଂପାଦକ ସଂଘ ପକ୍ଷରୁ ଏକ ପ୍ରତିନିଧିଦଳ ଆଠଗଡ ସମବାୟ ସମିତି ସମୁହର ସହକାରୀ ନିବନ୍ଧକ ବିଜେନ୍ଦ୍ର କୁମାର ମହାନ୍ତିଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ। ଡିସେମ୍ବର ୧୧ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ସମୟରେ ସମିତିସ୍ତରରେ ଚାଷୀଙ୍କର ଅବା ସରକାରଙ୍କର ଯେ କୌଣସି ଲୋକାଭିମୁଖୀ ଯୋଜନାରେ ସମସ୍ୟା ସୃଷ୍ଟି ହେଲେ ସମିତି କର୍ମଚାରୀମାନେ ଦାୟୀ ରହିବେ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

# ମାଲକାନଗିରି ପୋଲିସ୍ ଦ୍ୱାରା ଛତିଶଗଡି କ୍ୟାଡ଼ର ଦୁଇ ମହିଳା ମାଓବାଦୀ ଗିରଫ

ମାଲକାନଗିରି, ୦୨/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ପୋଲିସକୁ ସଫଳତା । ଦୁଇ ଲକ୍ଷ ପୁରସ୍କାର ଘୋଷିତ ଛତିଶଗଡି କ୍ୟାଡ଼ର ମହିଳା ମାଓବାଦୀ ଆନ୍ତି ମାଡବି(୨୯) ଓରଫ ଲାକେକୁ ଗିରଫ କରିଛି ମାଲକାନଗିରି ଜିଲ୍ଲା ପୋଲିସ। ମାଲକାନଗିରି ଜିଲ୍ଲା ଏମଭି ୭୯ଥାନାସ୍ଥ କୁର୍ତ୍ତୀ ଜଂଗଲରୁ ଆଜି ଗିରଫ ହୋଇଛନ୍ତି ମାଓନେତ୍ରୀ ଲାକେ । ସେ ଦୀର୍ଘ ବର୍ଷ ଧରି ଆଗ ଧାଡ଼ିର ବରିଷ୍ଠ ମାଓ ନେତା ଉଦୟଙ୍କ ପ୍ରୋଟେକ୍ସନ ଟିମ୍ ସଦସ୍ୟା କାମ କରୁଥିଲେ । ମାଓନେତ୍ରୀ ଲାକେଙ୍କ ନାଁରେ ୨ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ଥିଲା। ଲାକେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ତିନି ରାଜ୍ୟରେ ଅନେକ ମାଓ ହିଂସାରେ ଜଡିତ ଥିବା ସହିତ ୧୧ଟି ଏନକାଉଣ୍ଟର ଘଟଣାରେ ସାମିଲ ଥିଲେ। ବିଶେଷ କରି ଓଡ଼ିଶାର ମାଲକାନଗିରି ଜିଲ୍ଲା ମାଥିଲି ଥାନା ସ୍ଥ ମାଓଗଡ଼ ତୁଳସି ଓ ଦୁଲଦୁଲି ପାହାଡ଼ରେ ପୋଲିସ ସହିତ ଏନକାଉଣ୍ଟରରେ ସାମିଲ ଥିଲେ। ଛତିଶଗଡ଼ ରାଜ୍ୟର ୫ଟି, ଆନ୍ଧ୍ରପ୍ରଦେଶର ଦୁଇଟି ଏନକାଉଣ୍ଟର ଘଟଣାରେ ସାମିଲ ଥିବା ଦକ୍ଷୀଣ ପିଶ୍ଚିମାଞ୍ଚଳ ଡିଆଇଜି ନିତି ଶେଖର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଆଜି ମାଲକାନଗିରି ଜିଲ୍ଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗିରଫ ମାଓ ନେତ୍ରୀ ଆନ୍ତି ମାଡିବିଙ୍କୁ ପ୍ରଦର୍ଶନ କରି ଡିଆଇଜି ନୀତି ଶେଖର ସମସ୍ତ ସୂଚନା ଦେବା ସହ ଖୁବଶୀଘ୍ର ମାଲକାନଗିରି ଜିଲ୍ଲା ମାଓମୁକ୍ତ ହେବ । ବର୍ତ୍ତମାନ ଗୁଇନ୍ଦା ବିଭାଗକୁ ଆକ୍ଟିଭ କରାଯାଇଛି । ଦୁର୍ଗମ ଓ ଗ୍ରାମାଞ୍ଚଳରୁ ସେମାନେ ବିଭିନ୍ନ ପ୍ରକାର ତଥ୍ୟ ସଂଗ୍ରହ କରୁଛନ୍ତି । ଜିଲ୍ଲାର ବିଭିନ୍ନ ମାଓ ପ୍ରବଣ ଅଞ୍ଚଳ ଗୁଡିକରେ ନିୟମିତ ଭାବେ ଜିଲ୍ଲା ପୋଲିସ,ଏସଓଜି, ଡିଭିଏଫ ଏବଂ ବିଏସଏଫ ଯବାନଙ୍କ ଦ୍ୱାରା କୁମ୍ବିଂ ଓ ସର୍ଚ୍ଚ ଅପରେସନ ଜାରି ରହିଛି । ବିଶେଷ କରି ଆନ୍ଧ୍ର ଓ ଛତିଶଗଡ଼ ସୀମାନ୍ତ ସିଲ କରାଯାଇ ବ୍ୟାପକ ଭାବେ ଯାନବାହାନ ଯାଞ୍ଚ ଓ ତଲାସି ଅଭିଯାନ ଚାଲୁ ରହିଛି ବୋଲି ଡିଆଇଜି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟାନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ତପନ ନାରାୟଣ ରଥ, ଏସଡିପିଓ ସଚିନ ପାଟିଲ, ଅତିରିକ୍ତ ଏସପି ରାଜ କିଶୋର ଦାଶ ପ୍ରମୁଖ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଲାୟନ୍ସ କ୍ଲବ ଦ୍ୱାରା ମାଗଣା ଚକ୍ଷୁ ଶିବିର

ଟିଟିଲାଗଡ଼, ୦୨/୧୨ (ନି.ପ୍ର): ଓମ୍ଭଲି ସ୍କୁଲ ଜୁନିଅର ୱିଙ୍ଗ ଟିଟିଲାଗଡରେ ଏସସିଡି ଚକ୍ଷୁ ହସ୍ପିଟାଲ (ପିପଲପଦର) ଙ୍କ ସହଯୋଗରେ ସଭାପତି ଲାୟନ୍ ଗଙ୍ଗାଧର ଶର୍ମାଙ୍କ ନେତୃତ୍ୱରେ ଲାୟନ୍ସ କ୍ଲବ ଟିଟିଲାଗଡ ଦ୍ୱାରା ଏକ ମାଗଣା ଚକ୍ଷୁ ଶିବିର ଆୟୋଜନ ଯାଇଛି। ଯେଉଁଥିରେ ସମସ୍ତ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା ଏବଂ ଯାହାର ଆଖିରେ କୋ?ଣସି ଦର୍ଶନ ତ୍ରୁଟି ଥିଲା, ଆୟୋଜକମାନେ ସେମାନଙ୍କୁ ମାଗଣା ପାୱାର ଚଷମା ଯୋଗାଇଦେବାକୁ ପ୍ରତିଶ୍ରୁତି କରିଛନ୍ତି। ଏହାପୂର୍ବରୁ, ଏହି ଶିବିର ଟିଟିଲାଗଡ ସରକାରୀ ଧବଳେଳବଳେଶ୍ୱର ୟୁଜି ହାଇସ୍କୁଲ, ଓମ ଭେଲି ଚାହାରଭଟା ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ମଧ ଆୟୋଜିତ ହୋଇଯାଇଛି ଏବଂ ପ୍ରାୟ ୧୬୦୦ ରୁ ଉର୍ଦ୍ଧ୍ୱ ପିଲାଙ୍କ ଆଖିରେ ପରିକ୍ଷା କରା ସରିଛି ଏବଂ ୧୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାୱାର ଗ୍ଲାସ ଯୋଗାଇ ଦିଆଯିବ। ଲାୟନ୍ ସଞ୍ଜୟ ନାୟକ (ମାର୍କେଟିଙ୍ଗ ଚେୟାର ପର୍ସନ), ଲାୟନ୍ ସୁଜିତ ଚୌଧୁରୀ (ପ୍ରକଳ୍ପ ନିର୍ଦ୍ଦେଶକ),ଲାୟନ୍ ଏମଡି ଆବ୍ୱାସ ଖାନ (ସଚିବ) ଲାୟନ୍



ଗଙ୍ଗାଧର ଶର୍ମା (ଅଧକ୍ଷ)। ଅଧକ୍ଷ ଗଙ୍ଗାଧର ଶର୍ମା ଓମାଭେଲି ବିଦ୍ୟାଳୟର ଚେୟାରମେନ ଲାୟନ୍ ଦୀପକ ସାହୁଙ୍କ ସହଯୋଗ ଏବଂ କାର୍ଯ୍ୟକ୍ରମର ସୁଗମ ପରିଚାଳନା ତଥା ସଫଳତା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ଲାୟନ୍ ସୁଜିତ ଚୌଧୁରୀଙ୍କ ସୁନ୍ଦର ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ଆସନ୍ତାକାଲି ଅର୍ଥାତ୍ ୩୦ ନଭେମ୍ବର ୨୦୨୪ ରେ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିକ୍ଷକମାନଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯିବାର ସୁଚନା ଦେଇଛନ୍ତି ଯେଉଁଥିରେ ଯଦି ପିଲାମାନଙ୍କ ଆଖିରେ କୌଣସି ଭିଜୁଆଲ୍ ତ୍ରୁଟି ଥାଏ, ତେବେ ଶିକ୍ଷକମାନେ ଏହାକୁ ସ୍ୱୟଂ ଚିହ୍ନଟ କରିବାରେ ସମର୍ଥ ହେବାପାଇଁ ଟ୍ରେନୀଙ୍ଗ ଅଛି ଯାହା କି ୯ଉଉ ଚକ୍ଷୁ ହସ୍ପିଟାଲର ତାଲିମପ୍ରାପ୍ତ ଶିକ୍ଷକମାନଙ୍କ ଦ୍ୱାରା ପରିଚାଳିତ ହେବ । ଏବଂ ଡିସେମ୍ବର ୧, ୨୦୨୪ ରବିବାର ଦିନ, କେନ୍ଦୁମୁଡି ଗ୍ରାମରେ ଏକ ମାଗଣା ମଧୁମେହ ସ୍କ୍ରିନିଂ ଏବଂ ସଚେତନତା ଶିବିର ଆୟୋଜନ କରାଯିବ ।

# ଜଙ୍ଗଲ ଅଧିକାର କମିଟିର ମହିଳାଙ୍କୁ ଜଙ୍ଗଲ ଅଧିକାର ଆଇନ ତାଲିମ ପ୍ରଦାନ

ଘୁ ଉଦୟଗିରି:୦୨/୧୨ (ନି.ପ୍ର):ରାଜ୍ୟ ସରକାର ଓ ବସୁନ୍ଧରା ଅନୁଷ୍ଠାନ ଆନୁକୁଲ୍ୟରେ ରାଇକିଆ ବ୍ଲକରେ ଜଙ୍ଗଲ ଅଧିକାର କମିଟିର ସଦସ୍ୟାମାନଙ୍କୁ ଜଙ୍ଗଲ ଅଧିକାର ଆଇନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦିଆଯାଇଛି। ରାଇକିଆ ବ୍ଲକର ଜଙ୍ଗଲ ଅଧିକାର କମିଟିର ସଦସ୍ୟାମାନଙ୍କୁ ଏହି ଶିବିରରେ ଜଙ୍ଗଲ ଅଧିକାର ଆଇନ, ଜଙ୍ଗଲ ଅଧିକାର କମିଟିର ଭୂମିକା, ଗ୍ରାମସଭା, ବ୍ୟକ୍ତିଗତ, ଗୋଷ୍ଠିଗତ, ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର, ଲଘୁବନ ଜାତ ଦ୍ରବ୍ୟ ସଂଗ୍ରହ, ବିକ୍ରୟ ଓ ଜୀବନ ଜୀବିକା ଉପରେ ତାଲିମ ଦେବା ସହ ମୋ ଜଙ୍ଗଲ ଜମି ଏବଂ ଜଙ୍ଗଲ ସୁରକ୍ଷା ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି । ମହିଳାମାନଙ୍କର ଗ୍ରାମସଭା ଓ ଜଙ୍ଗଲ ସମ୍ବଳର ସୁପରିଚାଳନାରେ ଭୂମିକା ଉପରେ ମଧ ଆଲୋକପାତ କରାଯାଇଥିଲା



। ରାଇକିଆ ବ୍ଲକର ୩୦ ଗୋଟି ଜଙ୍ଗଲ ଅଧିକାର କମିଟିର ସଦସ୍ୟାମାନେ ଏହି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ବେହେରା,ବସୁନ୍ଧରାର ଆଞ୍ଚଳିକ କାର୍ଯ୍ୟକ୍ରମ ଅଧିକାରିଣୀ ରଞ୍ଜିତା ପଟ୍ଟନାୟକ, ଜୀବନ ଜୀବିକା ଅଧିକାରୀ ମନମୋହନ ବାରିକ, ଜିଲ୍ଲା ସଂଯୋଜକ ଚିତ୍ତରଞ୍ଜନ ଗଣ୍ଡ, ବ୍ଲକ ସଂଯୋଜକ ହୃଷିକେଶ ପ୍ରଧାନ, ଏମ ଆଇ ଆସିଷ୍ଟାଣ୍ଟ ରୋଜାଲିନ ବେହେରା, ଲଘୁ ବନଜାତ ଆବାହିକା ସୁଭଦ୍ରା ଭୂୟାଁ, ମୌସୁମୀ ପ୍ରଧାନ ଯୋଗଦେଇଥିଲେ।

# ରାୟଗଡା ସ୍ୱୟଂଶାସିତ ମହା ବିଦ୍ୟାଳୟରେ (ଉ ଆଇ.ଆର.ସି) କ୍ୟାମ୍ପ ବା ୟୁଥ ରେଡ କ୍ରସ ଅନୁଷ୍ଠିତ

ରାୟଗଡା,୦୨/୧୨ (ନି.ପ୍ର):ରାୟଗଡା ସ୍ୱୟଂଶାସିତ ମହା ବିଦ୍ୟାଳୟରେ ଜିଲ୍ଲା ର ବିଭିନ୍ନ କଲେଜ ର ଛାତ୍ର ଛାତ୍ରୀ ମାନଙ୍କୁ ନେଇଁ ତିନି ଦିନିଆ (ଉ ଆଇ. ଆର. ସି) କ୍ୟାମ୍ପ ବା ୟୁଥ ରେଡ କ୍ରସ ଆରମ୍ଭ ହୋଇଥିଲା ।ଏଠାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥଲେ ଶ୍ରୀ ଏସ୍ ଚୌଧ୍ରୀ, ଡକ୍ଟର ଆଘସ୍ୟା ରାଜ୍, ଡକ୍ଟର ବି ଶ୍ରଫ, ଶ୍ରୀ ଅଭିନାଶ ରେଡି, ଏବଂ ରାୟଗଡ଼ା ଉପୋଜିଲ୍ଲା ପାଳ ସଂଙ୍ଘ ମୀତ୍ରା ଦେବୀ ସେଠାରେ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରକାର ରକ୍ତ ଦାନ, ୟୋଗା,ରୋଡ଼ ସେଫ୍ଟୀ,ସାଇବର ସେଫ୍ଟି,ଫାଷ୍ଟ ଏଡ୍ସ,ଏହିଭଳି ବିଭିନ୍ନ ପ୍ରକାର ସଚେତନା ମୂଳକ ବାର୍ତ୍ତା ପ୍ରଦାନକରିଥିଲେ, ଏବଂ ତିନି ଧରି ବିଭିନ୍ନ ପ୍ରକାର ସଂସ୍କୃତିକ କାର୍ଯ କ୍ରମ ଆରମ୍ଭ ହେଇଥିଲା ନାଚ ଗୀତ ସହିତ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ମଧ୍ୟ ଆରମ୍ଭ ହେଇଥିଲା,ସେଠାର ରାୟଗଡ଼ା ଜିଲ୍ଲା ର ଜଣେ ଯୋଣା ସୁଣା କଣ୍ଠଶିଳ୍ପୀ ତୋଥା କଲ୍ୟାସିଂହପୁର ଦେବଗିର ମହାବିଦ୍ୟାଳୟ ର ଛାତ୍ର କମଲ୍ ବେନିଆ ନିଜର ସଙ୍ଗୀତ ମଧ୍ୟମରେ ସମସ୍ତଙ୍କୁ ମନୋରଞ୍ଜିନ କରିବା ସହ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତର ପାଇଁ ମନୋନୀତ ହୋଇଥିଲେ ଏବଂ ବିଭିନ୍ନ କଲେଜ୍ ର ଛାତ୍ର ଛାତ୍ରୀ ମାନଙ୍କୁ ମଧ ପୁରସ୍କୃତ କରିବା ସହ ରାଜ୍ୟ ସ୍ତର ପାଇଁ ମନୋନିତ କରାଯାଇଥିଲା।

# ବ୍ୟାସନଗରରେ ସବ୍-ଡିଭିଜନ୍ ପ୍ରତିଷ୍ଠା ପାଇଁ ବିଧାନସଭାରେ ଉପସ୍ଥାପନ କଲେ କୋରେଇ ବିଧାୟକ

କୋରେଇ,୦୨/୧୨ (ନି.ପ୍ର): ଆଜି ବିଧାନସଭାରେ କୋରେଇର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଆକାଶ ଦାସନାୟକ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସଂପର୍କରେ ମାନ୍ୟବର ବାଚସ୍ପତି ମହୋଦୟାଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି। ଜିଲ୍ଲା ଗଠନକୁ ଅନେକ ବର୍ଷ ହୋଇଗଲେ ମଧ ଆଜି ପର୍ଯ୍ୟନ୍ତ ଅନେକ ଗୁଡିଏ ଜିଲ୍ଲା ରହିଛି ଯେଉଁ ଜିଲ୍ଲା ଗୁଡିକରେ ସବ୍?-ଡିଭିଜନ୍ ପ୍ରତିଷ୍ଠା ହୋଇପାରିନାହିଁ । ଯେପରିକି ଯାଜପୁର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରପଡା, ଝାରସୁଗୁଡା ଆଦି ଜିଲ୍ଲାରେ ସବ୍?-ଡିଭିଜନ୍ ନାହିଁ । ତେଣୁ ମୋର ଆଜି ଆପଣଙ୍କୁ ଅନୁରୋଧ ରହିବ ଯେ - ଯାଜପୁର ଜିଲ୍ଲାର ବ୍ୟାସନଗର ଠାରେ ଏକ ସବ୍?-ଡିଭିଜନ୍ ପ୍ରତିଷ୍ଠା କରିବା ପାଇଁ ଦାବି କରିଛନ୍ତି । କାରଣ ବ୍ୟାସନଗର ସହର କଳିଙ୍ଗନଗର ଶିଳ୍ପାଂଚଳର ମୁଖଶାଳା ଏବଂ ଏ.ଡି.ଜେ. କୋର୍ଟ ମଧ ବ୍ୟାସନଗର ସହରରେ ପ୍ରତିଷ୍ଠା ହୋଇସାରିଛି । ବ୍ୟାସନଗର ସହରରେ ଗୋଟିଏ ସବ୍?-ଡିଭିଜନ୍ ପ୍ରତିଷ୍ଠା ହେଲେ କୋରେଇ ନିର୍ବାଚନ ମଣ୍ଡଳୀର ବ୍ୟାସନଗର ପୌରପରିଷଦ,



କୋରେଇ ବ୍ଲକ୍?, ରସୁଲପୁର ବ୍ଲକ୍ ସମେତ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ସୁକିନ୍ଦା ବ୍ଲକ୍ ଓ ଦାନଗଦୀ ବ୍ଲକ୍ ମଧ ଉପକୃତ ହେବେ । ତେଣୁ ମୁଁ ଅନୁରୋଧ କରିବି ଆପଣଙ୍କ ଜରିଆରେ ସରକାରଙ୍କ ନିକଟରେ ରଖିବା ପାଇଁ ଯେ - ଯେତେ ଜଲ୍?ଦି ସବ୍?-ଡିଭିଜନ୍ ହୋଇପାରିବ ସମସ୍ତେ ଉପକୃତ ହେବେ । ବିଧାୟକ ଏଭଳୀ ଦାବୀ ଉପସ୍ଥାପନା କରିଥିବାରୁ କୋରେଇ ବାସୀ ଖୁସି ପ୍ରକାଶ କରିଛନ୍ତି।

# ଅବସରପ୍ରାପ୍ତ ସେନା ଅଧିକାରୀ ଦମ୍ପତିଙ୍କ ସ୍ୱର୍ଗାଲୋକ

ଜି.ଉଦୟଗିରି: ୦୨/୧୨ (ନି.ପ୍ର):ଭଲ ଜୀବନ ସାଥି ଟିଏ ହେବା ପାଇଁ ଜଣେ ପୁରୁଷ ଜଣେ ନାରୀ କୁ ବିବାହ କରି ସାତ ଜନ୍ମ ନିମନ୍ତେ ବିବାହ ବେଦୀ ରେ ବାନ୍ଧି ହୋଇ ଯାଆନ୍ତି । ଦୁହେଁ ସାତ ଜନ୍ମର ସାଥି ପାଇଁ ଅଗ୍ନୀ ଦେବତାଙ୍କ ଠାରେ ଶପଥ ନେଇଥାଆନ୍ତି କିଏ କାହାକୁ ଛାଡି ତିଳେ ମାତ୍ର ରହିପାରନ୍ତି ନାହିଁ । ସେହିଭଳି ଆଜି ଏକ ଅଘଟଣ ଘଟି ଯାଇଛି ସ୍ଥାନୀୟ ଅଞ୍ଚଳରେ ଏବଂ ଶୋକର ଛାୟା ଖେଳି ଯାଇଛି । ସୂଚନା ପ୍ରକାରେ ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତ ଅନ୍ତର୍ଗତ ପୁକୁଲିଙ୍ଗିଆ ଗ୍ରାମର ଜଣେ ଅବସର ପ୍ରାପ୍ତ ସେନା ଅଧିକାରୀ ଗଙ୍ଗାଧର ପ୍ରଧାନ(୮୦) ବୁଧବାର ମଧ୍ୟ ରାତ୍ରୀ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଗୁରୁବାର ସକାଳୁ ବନ୍ଧୁ ପରିଜନ ମୃତକ ଗଙ୍ଗାଧରଙ୍କ ମରଶରୀର ଗ୍ରାମ ସ୍ମଶାନକୁ ଶେଷ କୃତ୍ୟ ସମ୍ପନ୍ନ କରିବା ପାଇଁ ନେଇଥିଲେ । କିନ୍ତୁ ବିଧିର ବିଧାନ ଘରକୁ ଆସି ଖବର ଶୁଣିବାକୁ ପାଇଥିଲେ କି, ମୃତକ ଗଙ୍ଗାଧରଙ୍କ ସହଧର୍ମିଣୀ ପତ୍ନୀ ନୁନାଦେବୀ ପ୍ରଧାନ (୭୦) ଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତ୍ୱର ହେବାରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ଏବଂ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେଠାରୁ ମୃତ ନୁନାଦେବୀଙ୍କ ମରଶରୀର ପୁକୁଲିଙ୍ଗିଆ ସ୍ମଶାନକୁ ନେଇ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ କରାଯାଇଛି । ସୂଚନା ଥାଉ କି ତାଙ୍କର ତିନି ଜଣ ଝିଅ ଥିବା ସୂଚନା । ମାର୍ଗଶିର ମାସ ୨ୟ ଗୁରୁବାର ଭଳି ଗୋଟିଏ ଦିନରେ ଅବସରପ୍ରାପ୍ତ ସେନା ଅଧିକାରୀ ଦମ୍ପତିଙ୍କ ମୃତ୍ୟୁ ଘଟଣା ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି ।

# କଥା ଦେଇ କଥା ରଖିଲେ ସାଂସଦ ଏବଂ ବିଧାୟକ: ଏନଏଚ୧୬ ରେ ନିର୍ମାଣ ହେବ ଫ୍ଲାଏଓଭର ଓ ତିନୋଟି ଅଣ୍ଡର ପାସ

ଛତ୍ରପୁର,୦୨/୧୨ (ନି.ପ୍ର):ଏନଏଚ୧୬ ରେ ନିର୍ମାଣ ହେବ ଫ୍ଲାଏଓଭର ଓ ତିନୋଟି ଅଣ୍ଡର ପାସ ଏ ନେଇ ପ୍ରୟାସ ଆରମ୍ଭ କରିଛି ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ)। ଗଞ୍ଜାମ ଜିଲ୍ଲାର ପୁଇଁତୋଳା ଛକଠୁ ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ସେକସନ୍ ୭୦ କିମି ମଧ୍ୟରେ ଏକ ଫ୍ଲାଏଓଭର୍ ଓ ତିନିଟି ଅଣ୍ଡ?ପାସ୍? ନିର୍ମାଣ ପାଇଁ ଏନ୍?ଏଚ ଆଇ ପକ୍ଷରୁ ଅନୁମୋଦନ ପରେ ରୂପରେଖ ପ୍ରସ୍ତୁତ ହୋଇଛି ।ସେହିପରି ଏହାମଧ୍ୟରେ ୩ଟି ଭେଇକୁଲାର୍ ଅଣ୍ଡରପାସ୍? (ଭିୟୁପି) ନିର୍ମାଣ ପାଇଁ ମଧ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ୧୧୯.୫୩ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିବା ବେଳେ ଟେଣ୍ଡର ଆହ୍ୱାନ୍ କରାଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏ ନେଇ ବାରମ୍ବାର ଏନଏଚଆଇ କର୍ତ୍ତୃପକ୍ଷଙ୍କୁ ଚିଠି କରୁଥିଲେ ଏହା ସହ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କାରୀଙ୍କୁ ମଧ ଚିଠି କରିଥିଲେ ଖାଲି ଏତିକି ନୁହେଁ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ ପାଣିଗ୍ରାହୀଙ୍କ ସହ ଛତ୍ରପୁର ବିଧାୟକ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ , ରୋଡ ଟ୍ରାନ୍ସପୋର୍ଟ ହାଇୱେ ମନ୍ତ୍ରଣାଳୟଙ୍କ ସହ ଆଲୋଚନା କରି ସମୀକ୍ଷା କରିଥିଲେ ଯାହା ଫଳ ସ୍ୱରୂପ ଓଭରବ୍ରିଜ ନିର୍ମାଣ ପାଇଁ ଭାରତୀୟ ରାଷ୍ଟ୍ରୀୟ ରାଜପଥ ପ୍ରାଧିକରଣ ବିଭାଗ ଟେଣ୍ଡର ବାହାର କରିଛନ୍ତି । ଏହି ଖବର ମିଳିବା ପରେ ପରେ ଉଭୟ ସାଂସଦ ଏବଂ ଛତ୍ରପୁର ବିଧାୟକ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଶ୍ରୀ ନିତିନ ଗଡ଼କରି, ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଜାତୀୟ ରାଜପଥ ନମ୍ବର-୧୬ ( ପୁଇଁତୋଳା ଠାରୁ ଗିରିସୋଲା ) ଦୁର୍ଘଟଣା ପ୍ରବଣ ଅଂଚଳ ହୋଇଥିବାରୁ ବିଗତ ଦିନରେ ବହୁ ଦୁର୍ଘଟଣା ଘଟୁଥିଲା ତେବେ ଫ୍ଲାଏଓଭର ଓ ଅଣ୍ଡରପାସ ନିର୍ମାଣ ହେଲେ ଦୁର୍ଘଟଣା କମିବା ସହ ଲୋକମାନେ ଉପକୃତ ହୋଇପାରିବେ ବୋଲି କହିଛନ୍ତି ଉଭୟ ।

# ମହୋରମ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି କଳିଙ୍ଗନଗର !

କଳିଙ୍ଗନଗର,୦୨/୧୨ (ନି.ପ୍ର): ଯାଜପୁର ଜିଲ୍ଲା ରେ ଥିବା ଏକାଧିକ ଶିଳ୍ପସଂସ୍ଥା ସେମାନଙ୍କର ପ୍ରକଳ୍ପ କାର୍ଯ୍ୟ କରୁଥିବା ବେଳେ ସରକାରୀ ଜାଗା ରୁ? ବାହାରୁଥିବା ଲଘୁ ଖଣିଜ ସମ୍ପଦକୁ ଗଛିତ କରି ସରକାରୀ ନିୟମ ରେ ତାହା ବିକ୍ରୀ ନିମନ୍ତେ ବେବସ୍ଥା କରାଯାଇଥାଏ। ମାତ୍ର କଳିଙ୍ଗନଗର ରେ ଥିବା ଏକାଧିକ ସ୍ଥାନରୁ ବେଆଇନ ଲଘୁ ଖଣିଜ ସମ୍ପଦର ଦିନରାତି ହରି ଲୁଟ ହେଉଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ କଳିଙ୍ଗନଗର ରେ ନୂତନ ଭାବରେ ନିର୍ମାଣ ହେଉଥିବା ନିୟୁଭିଷ୍ଟା ସିମେଣ୍ଟ କାରଖାନା ରେଳୱେ ରାସ୍ତା ରୁ ବିପୁଳ ପରିମାଣର ମହରୋମ ଚୋରି ହୋଇଥିବା ଦେଖିବାକୁ ମିଳିଛି। ଯାହା କି ସ୍ଥାନୀୟ ତହସିଲଦାର ଓ ଯାଜପୁର ଜିଲ୍ଲା ଲଘୁ ଖଣିଜ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନାହିଁ। ଯାହା ଫଳରେ ମାଫିଆଙ୍କ ମନୋବଳ ବଢ଼ିଚାଲିଛି। ସ୍ଥାନୀୟ ଅଞ୍ଚଳର କିଛି ଠିକାଦାର ଓ ମହରୋମ ମାଫିଆ ମଧ୍ୟରେ ମଧୁ ଚନ୍ଦ୍ରିକା ହୋଇଥିବା ବେଳେ କମ୍ପାନୀ ସହିତ ଯୋଗାଯୋଗ କରିବା ପରେ ମଧ କୌଣସି ପଦକ୍ଷେପ ଗ୍ରହଣ ନକରି ଓଲଟା ଦୋଷୀଙ୍କୁ ଘଣ୍ଟ ଘୋଡାଇ ଥିବା ଦେଖିବାକୁ ମିଳିଛି। ଉକ୍ତ ମହରୋମ ମାନତିରା ପଞ୍ଚାୟତ ର ଖାତା ନମ୍ବର ୮୭,୧୭ ର ପ୍ଲଟ ନମ୍ବର ୫୭୧,୫୭୦ ପରି ଆହୁରି ଅନେକେ ପ୍ଲଟ ରେ ଏହି ମହରୋମ ପକାଇ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଆଗକୁ ଦେଖିବାକୁ ବାକି ରହିଲା କି ଦାନଗଦି ତହସିଲଦାର ଓ ଯାଜପୁର ଜିଲ୍ଲା ଲଘୁ ଖଣିଜ ସଂପଦ ବିଭାଗ କିଛି ପଦକ୍ଷେପ ଗ୍ରହଣ କରୁଛନ୍ତି ନା ଯଥା ପୂର୍ବଂ ତଥା ପରଂ' ରେ ନିରବ ଦ୍ରଷ୍ଟା ସାଜୁଛନ୍ତି।



# ଯୋଗୀ ସୁବାସ ମୁନିଙ୍କର ଅମର ସାହିତ୍ୟ କାଳ ଜୟୀ ହୋଇ ରହିବ ଷଷ୍ଠ ଶ୍ରାଦ୍ଧଦିବସରେ ଶ୍ରଦ୍ଧାଞ୍ଜଳି

ବଡ଼ସାହି ୨/୧୨. ଯୋଗୀ ସୁବାସ ମୁନିଙ୍କ ଅମର ଲେଖନୀ କାଳଜୟୀ ହୋଇ ରହିବ । ସେ ଏକଧାରରେ ଜଣେ ସମାଜ ସଂସ୍କାରକ, ଆଧାତ୍ମିକତାର ଜଣେ ମୂର୍ତ୍ତିମନ୍ତ ପ୍ରତୀକ ବୋଲି ଓଡ଼ିଶା ପ୍ରାନ୍ତ ମୁନିସମାଜର ଭୂତପୂର୍ବ ଅଧ୍ୟକ୍ଷ ତଥା ବେତନଟୀରୁ ଦୀର୍ଘ ୪୩ବର୍ଷ ଧରି ପ୍ରକାଶ ପାଉଥିବା ଆଧ୍ୟତ୍ମିକ ପତ୍ରିକା ଜ୍ଞାନଦୀପର ସଂସ୍ଥାପକ ସଂପାଦକ ମୁନି ଶିରେମଣି ସୁବାସ ମୁନିଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀରେ ମତ ପ୍ରକାଶ ପାଇଛି । ପଣ୍ଡୁଗଡ଼ିଆ ଶିବମୁନି ଯୋଗାଶ୍ରମରେ ଯୋଗୀ ସୁବାସ ମୁନି ସ୍ମୃତି କମିଟି ଦ୍ୱାରା ଆୟୋଜିତ ସ୍ମୃତିଚାରଣ ସଭାରେ କମିଟିର ସଭାପତି ମୁନିମତୀ ତୂଳାମଣି ଭୂୟାଁ ସତ୍ୟପତାକା ଉତୋଳନ କରିଥିଲେ ଓ ଯୋଗୀ ନରୋତ୍ତମ ମୁନି ପତାକା ସଙ୍ଗୀତ ଗାନ କରିଥିଲେ । ପରେ ପରେ ଏକ ସୁସଜ୍ଜିତ ମଞ୍ଚରେ ସଭାକାର୍ଯ୍ୟ ସ୍ମୃତି କମିଟି ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସର୍ବପ୍ରଥମେ ଆଶ୍ରମ ପରିସରରେ ଥିବା ଯୋଗୀ ସୁବାସ ମୁନି ଓ ଶିବ ମୁନିଙ୍କ ପୂର୍ଣ୍ଣାବ ୟବ ପ୍ରତିମୂର୍ତ୍ତିରେ ଅତିଥି ବୃନ୍ଦ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଉଦଘାଟକ ଭାବେ ମୟୂରଭଞ୍ଜର ବରିଷ୍ଠ ସାମ୍ବାଦିକ ତଥା ଦୈନିକ ସମାଜର ଜିଲ୍ଲା ପ୍ରତିନିଧି ଡଃ ବିଜୟ କୁମାର ଅଗ୍ରୱାଲା ଯୋଗଦାନ କରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସୁବାସ ମୁନିଙ୍କ ସ୍ମୃତିଚାରଣ କରି କହିଥିଲେ ଯେ ସୁବାସ ମୁନି ଯେଉଁ ସାହିତ୍ୟ ମୁନିସମାଜକୁ ଦାନ କରିଯାଇଛନ୍ତି ତାହା ଅତୁଳନୀୟ । ଏହା ସମସ୍ତଙ୍କୁ ପ୍ରେରଣା ଯୋଗାଇବ । ସଭାରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜର କେନ୍ଦ୍ରୀୟ ଅଧ୍ୟକ୍ଷ ମୁନୀଶ୍ୱର ପଣ୍ଡିତ ନିରଞ୍ଜନ ମୁନି ସୁବାସ ମୁନି ଏକ ବିରଳ ବ୍ୟକ୍ତିତ୍ୱ ଏବଂ ତାଙ୍କ ପ୍ରତିଷ୍ଠିତ ଜ୍ଞାନଦୀପ ପତ୍ରିକା ଆଜି ସମସ୍ତଙ୍କୁ ଆଲୋକ ପ୍ରଦାନ କରି ଚାଲିଛି ଓ ତାଙ୍କ ସହିତ ଘନିଷ୍ଠ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ । ସ୍ୱତନ୍ତ୍ର ଅତିଥିଭାବେ ଯୋଗ ଦେଇଥିଲେ ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ୍ ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ । ସେ



ସୁବାସ ମୁନିଙ୍କ କର୍ମମୟ ଜୀବନ ସମ୍ପର୍କରେ କହିଥିଲେ । ମୁଖ୍ୟବକ୍ତା ଭାବେ ସେବା ନିବୃତ ଅଧ୍ୟାପକ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ପ୍ରଧାନ ଯୋଗଦେଇ ସୁବାସ ମୁନିଙ୍କ ଆଧାତ୍ମିକ ଜୀବନରେ ଯୋଗର ଶ୍ରେଷ୍ଠତା ପ୍ରତିପାଦନ କରିଥିଲେ । ସମ୍ମାନିତ ବକ୍ତାଭାବେ ଯୋଗ ଦେଇଥିଲେ ଓଡିଶା ପ୍ରାନ୍ତୀୟ ମୁନି ସମାଜର ଅଧ୍ୟକ୍ଷ ଯୋଗୀ ବାସନ୍ତ ମୁନି । ସମ୍ମାନିତ ଅତିଥି ଥିଲେ ପ୍ରାନ୍ତୀୟ ସହ ସଂପାଦକ ଯୋଗାଚାର୍ଯ୍ୟ ଅଭୟ ମୁନି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଯୋଗୀ ଗୌରାଙ୍ଗ ପଟ୍ଟନାୟକ, ଯୋଗାଚାର୍ଯ୍ୟ ଦାମୋଦର ମୁନି । ସଭାରେ ଯୋଗୀ ସୁବାସ ମୁନିଙ୍କ ଶ୍ରେଷ୍ଠ ଛାତ୍ର ତଥା ଅନେକ ପ୍ରତିଭାର ଅଧିକାରୀ ବିଶିଷ୍ଟ ଫଟୋଗ୍ରାଫର ଷ୍ଟୁଡିଓ ରୂପରଙ୍ଗର ସତ୍ତ୍ୱାଧିକାରୀ ନଗେନ ଦାସଙ୍କୁ ଉପଢ଼ୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମାନପତ୍ର ପାଠ କରିଥିଲେ ମୁନିମତୀ ଗୀତାଞ୍ଜଳି ଭୂୟାଁ । ଆଶ୍ରମରେ ପ୍ରଥମଥର ପାଦ ଥାପିଥିବା ଡ଼ଃ ବିଜୟ କୁମାର ଅଗ୍ରୱାଲା ଓ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ ମୁନି ସୈନିକ ଯୋଗୀ ନରୋତ୍ତମ ମୁନି । ସୁବାସ ମୁନିଙ୍କ ସୁପୁତ୍ରୀ ତଥା ବିବି କଲେଜର ପ୍ରାକ୍ତନ ଅଧ୍ୟକ୍ଷା ମୁନିମତୀ ଡ଼ଃ ଅଳକା ମଞ୍ଜରୀ ଭୂୟାଁ ପ୍ରାରମ୍ଭିକ ସଂଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ତଥା ଜ୍ଞାନଦୀପର ସହ ସଂପାଦକ ଯୋଗୀ ଭାଗବତ ମୁନି କମିଟି ସଂପର୍କରେ ଓ ସଭାର ଆଭିମୂଖ୍ୟ ପ୍ରଦାନ କରିଥିଲେ । ସ୍ମୃତି କମିଟିର ସଂପାଦକ ତଥା ଜ୍ଞାନଦୀପର ସଂପାଦକ ଯୋଗୀ ସଞ୍ଜୟ ମୁନି ସଂପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରନ୍ତୀୟ ପ୍ରଚାର ସଂଗଠନମନ୍ତ୍ରୀ ଯୋଗୀ ମହିମ ମୁନି ସଂଗୀତ ଗାନ କରିଥିଲେ । ସଭାରେ ସୁବାସ ମୁନିଙ୍କ ସମ୍ପର୍କରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଜେତାଙ୍କୁ ସଙ୍ଗେ ସଙ୍ଗେ ପୁରସ୍କାର ପ୍ରଦାନ କରାଯାଇଥିଲା । ଅନ୍ୟତମ ବକ୍ତାଭାବେ ଯୋଗୀ ମକରଧର ବଳ, ଯୋଗୀ ଅଜିତ ମୁନି, ମୁନିମତୀ ଗୌରୀ ଦେବୀ, ମୁନି ଶିରିଷ ଚନ୍ଦ୍ର ସାହୁ, ମୁନି ପିତାମ୍ବର, ମୁନିରାଜ ଅନନ୍ତ, ଯୋଗୀ ସୃଷ୍ଟିଧର, ଯୋଗୀ ଅନାଦି ବିଶ୍ୱାଳ ପ୍ରମୁଖ ସୁବାସ ମୁନିଙ୍କ ସ୍ମୃତିଚାରଣ କରି ଥିଲେ । ସ୍ମୃତି କମିଟିର ଉପସଭାପତି ଯୋଗୀ ହରେକୃଷ୍ଣ ମୁନି ଧନ୍ୟବାଦ ଅର୍ପଣ କରିଥିଲେ । ଆଶ୍ରମ ତରଫରୁ ସହଯୋଗ କରିଥିଲେ ଆଶ୍ରମ ସଞ୍ଚାଳକ ମୁନି ରତିକାନ୍ତ , କୃତ୍ତିବାସ ମୁନି, ବିକ୍ରମ ମୁନି, ଯୋଗୀ ସତୀଶ ମୁନି, ସରୋଜ. ନିହାରିକା, ସନ୍ଦୀପ , ସୁମିତ୍, ଚିଣ୍ଟୁ ସୁଇଟି, ରାଜଶ୍ରୀ, ମନିମତୀ କବିତା, ମୁନିରାଜ ବାବୁଲି ପ୍ରମୁଖ ।

## ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଶୋଭା ଦିଦି ଙ୍କ ବିୟୋଗ

ଜଳେଶ୍ୱର, ୨/୧୨(ନି.ପ୍ର): ଜଳେଶ୍ୱର ବ୍ଲକ,କୋଟ ସାହି ପଞ୍ଚାୟତ ମୂଳ ନିବାସୀ,ବର୍ତ୍ତମାନ ମ୍ୟୁନିସିପାଲିଟି ସ୍ଥିତ ୧୨ ନମ୍ବର ୱାର୍ଡ, ଧରାଷ୍ଟକ ବାସୀ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଶୋଭାରାଣୀ ଦାସ ମହାପାତ୍ର(ଶୋଭା ଦିଦି) ଙ୍କ ବିୟୋଗ ହୋଇଯାଇଛି । ସେ ମଧୁମେହ ରୋଗରେ ପୀଡିତ ଥାଇ, ୬୭ ବର୍ଷ ବୟସ ରେ ଶନିବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ।ସେ ନଛିମପୁର ଉନ୍ନତି ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଯୋଗଦେଇ ୨୦୨୦ ମସିହାରେ, ଆଦର୍ଶ ଭାବେ ଅବସର ନେଇଥିଲେ । ବିଦ୍ୟାଳୟ ପରିସରରେ ଶୃଙ୍ଖଳା, ଶିକ୍ଷାଦାନ ଓ ବିଭିନ୍ନ କ୍ଷେତ୍ରରେ ସୁଧାର ଆଣି ଅଭିଭାବକ ମହଲରେ ପ୍ରଶଂସିତ ହୋଇଥିଲେ ।ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ଭାଇ ଅଜୟ, ସଞ୍ଜୟ, ଭାଉଜ ଭବାନୀ, ରଶ୍ମିତା, ପୁତୁରା ଆୟୁଷ୍ମାନ ତଥା ଅନ୍ୟ ଆତ୍ମିୟ ସ୍ୱଜନ, ପରିବାର ବର୍ଗ ଉପସ୍ଥିତ ଥିଲେ ।ମୃତ୍ୟୁ ଖବର ପାଇ ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତୀପ୍ କୁମାର ପ୍ରଧାନ, ଜଳେଶ୍ୱର ଓକିଲ ସଂଘର ସଭାପତି କୁଞ୍ଜବିହାରୀ ଦାସ, କାଉନ୍ସିଲର ଶିବନାରାୟଣ ମହାପାତ୍ର, ଯୁବନେତା ରାକେଶ ବାରିକ,ସିଆରସିସି ପ୍ରଫୁଲ୍ଲ ମହାନ୍ତି,ଭରତ ଦତ୍ତ,ସରୋଜ ଗିରି ପ୍ରମୁଖ ଶେଷଦର୍ଶନ କରିଥିଲେ ।ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁତୁରା ଆୟୁଷ୍ମାନ ମୁଖାଗ୍ନି ଦେଇଥିଲେ ।ତାଙ୍କର ବିୟୋଗରେ ଜଳେଶ୍ୱର ମ୍ୟୁନସିପାଲିଟି, ନଛିମପୁର,କୋଟ ସାହି ପଞ୍ଚାୟତ ର ବହୁ ବ୍ୟକ୍ତି ବିଶେଷ, ଶିକ୍ଷାବିତ୍,ସହକର୍ମୀ, ଅଭିଭାବକ, ଶିକ୍ଷାର୍ଥୀ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

## ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ରକ୍ତଦାନ ଶିବିର:-୪୨ ୟୁନିଟ ରକ୍ତ ସଂଗ୍ରହ

ଜଳେଶ୍ୱର, ୨/୧୨(ନି.ପ୍ର): ସୈନିକ ମାନେ ସୀମା ସୁରକ୍ଷା ଓ ଦେଶକୁ ସୁରକ୍ଷା ଦେବା ସହିତ ଅବସର ପରେ ମଧ୍ୟ ରକ୍ତଦାନ କରି ଜନ ଜୀବନ କୁ ରକ୍ଷା କରୁଛନ୍ତି । ତେଣୁ ରକ୍ତଦାନ ଶିବିର ଆୟୋଜନ କରିବା ସହିତ ନିଜେ ରକ୍ତ ଦାନ କରି ସମସ୍ତ ଙ୍କ ପାଇଁ ବିରଳ ଉଦାହରଣ ସାଜିଛନ୍ତି । ରବିବାର ପୂର୍ବାହ୍ନରେ ମ୍ୟୁନିସିପାଲିଟି ଅଧିନ,ନନ୍ଦିକା ସ୍ଥିତ ସ୍ନେହା ମାର୍ବଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।ଆୟୋଜିତ ଶିବିରକୁ ଅବସରପ୍ରାପ୍ତ ସେନା ଅଧିକାରୀ ସଂଘର ଜିଲ୍ଲା ସମ୍ପାଦକ ଆନନ୍ଦ କୁମାର ବରାଳ ଉଦଘାଟନ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ସେନା ଅଧିକାରୀ ତଥା ଜଳେଶ୍ୱର ଶାଖା ସଂଘର ସଭାପତି ତାରା ପଦ ମହାନ୍ତି,ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ,ବାଲିଆପାଳ ସଂଘର ସମ୍ପାଦକ ରାଧାନାଥ ରାଉତ୍,ସମାଜସେବୀ ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଶିବିର କୁ ଉଦଘାଟନ କରି, ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ ।ବାଲେଶ୍ୱର ରକ୍ତଦାତା କେନ୍ଦ୍ରର ଡ଼ା ସତିଶ ଚନ୍ଦ୍ର ଜେନା,ଟେକ୍ନିସିଆନ ବସନ୍ତ ଜେନା, ଜ୍ୟୋସ୍ନା ସ୍ୱାଇଁ, ସନ୍ତୋଷେ ଜେନା, କ୍ଷିରୋଦ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଉକ୍ତ ଶିବିର ରେ ମୋଟ ୪୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।ଜଳେଶ୍ୱର ସଂଘ ଶାଖା ପକ୍ଷରୁ, ଅବସରପ୍ରାପ୍ତ ସୈନିକ କାହ୍ନୁ ଚରଣ ସାହୁ, ରବିନ୍ଦ୍ର ଦତ୍ତ, ରାଜୀବ ଲୋଚନ ପଣ୍ଡା, ବିଶେଶ୍ୱର ଦାସ, ଶ୍ରୀମନ୍ତ ପାଲ, ଜୟନ୍ତ ପ୍ରଧାନ,ଜଙ୍ଗେଶ୍ୱର ବ୍ରହ୍ମ, ଦିଲ୍ଲୀପ କୁମାର ଗିରି, ବିଶ୍ୱଜିତ ଗିରି, ସୁପ୍ରିୟା ଭଞ୍ଜ, ରମେଶ ଚନ୍ଦ୍ର ପଟ୍ଟନାୟକ,ଚୈତନ୍ୟ ଗିରି, ରଞ୍ଜନ କୁମାର ଦେ,ରତିକାନ୍ତ ମହାନ୍ତି, ସ୍ୱାଗତ ପରିଡ଼ା,ରଜନୀ କାନ୍ତ ଜେନା, ମନୋଜ କୁମାର ଜେନା,ଗୌରୀ ଶଙ୍କର ପ୍ରଧାନ ପ୍ରମୁଖ ସଭ୍ୟ ଶିବିର କୁ ପରିଚାଳନା କରିଥିଲେ ।

## ଓଡ଼ିଶା ରେ ଆଳୁ ସଙ୍କଟ-ଆଧାର କାର୍ଡ ଦେଖାଇ,ଭେଦଭାବ ରେ ଚୋରାରେ ମିଳୁଛି ଆଳୁ



ଜଳେଶ୍ୱର, ୨/୧୨(ନି.ପ୍ର): ଜଳେଶ୍ୱର ସୀମାନ୍ତ ଅଞ୍ଚଳ ଓ ଅଭ୍ୟନ୍ତରୀଣ ଓଡିଶାରେ ଧିରେ ଧିରେ ଆଳୁ ସଙ୍କଟର ସମସ୍ୟା ଉତ୍କଟ ହେବାକୁ ଯାଉଛି । ପଶ୍ଚିମବଙ୍ଗ ସରକାର ଓଡ଼ିଶା କୁ ଆଳୁ ରପ୍ତାନି ରେ କଟକଣା ଲଗାଇବା ପରେ ସୀମାନ୍ତ ଅଞ୍ଚଳରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି । ଜଳେଶ୍ୱର ଅଞ୍ଚଳରେ ଆଳୁ କିଲୋ ପିଛା ୪୦/୪୫ ଦର ରହିଥିବା ବେଳେ, ଧାନ ଅମଳ ସମୟରେ କୃଷକ ମାନେ ଚିନ୍ତାରେ ପଡିଛନ୍ତି । ବିଶେଷ କରି ଗ୍ରାମାଞ୍ଚଳ ମାନଙ୍କ ରେ ଅଧିକ କୃଷି ଶ୍ରମିକ କାର୍ଯ୍ୟ କରୁଥିବାରୁ,ଖାଉଟି ଙ୍କୁ ପନିପରିବା ଦର ଭାରି ବାଧୁଛି । ଜଳେଶ୍ୱର ଅଞ୍ଚଳର କେତେକ ବ୍ୟବସାୟୀ ଓ ଗ୍ରାହକ ପଶ୍ଚିମବଙ୍ଗ ରୁ ଆଳୁ ଚୋରାରେ ଆଣୁଥିବା ବେଳେ ଭେଦଭାବ ର ଶୀକାର ମଧ୍ୟ ହେଉଛନ୍ତି । ବିଶେଷ କରି ପଶ୍ଚିମ ବଙ୍ଗ ଖାଉଟି ଙ୍କ ପାଇଁ ବସ୍ତା ପିଛା ୧୨ ଶହ ଓ ଓଡ଼ିଶା ଗ୍ରାହକଙ୍କ ପାଇଁ ୧୭/୧୮ ଶହ ରୁ ଅଧିକ ଦର ରେ ବିକ୍ରୟ ହେଉଛି । ଅଧିବାସୀ ଙ୍କ ଚିହ୍ନଟ ପାଇଁ,ଅଧାର କାର୍ଡ କୁ ବ୍ୟବହାର କରି ଓଡ଼ିଶା ଗ୍ରାହକ ଙ୍କ ପାଇଁ ଘୋର ଭେଦ ଭାବ କରାଯାଉଛି । ଏହା ସହିତ ସୀମାନ୍ତ ନାକା ପଏଣ୍ଟ ଗୁଡ଼ିକରେ ରାତିରେ ପୋଲିସ କୁ ହାତ ଗୁଞ୍ଜା ଦେଇ ଆଳୁ ପିକ ଅପ୍ ଆଣୁଥିବା ଜଳେଶ୍ୱର ର କିଛି ଆଳୁ ବ୍ୟବସାୟୀ କହିଛନ୍ତି ।ପଶ୍ଚିମବଙ୍ଗ ସରକାର ଆଳୁ ରପ୍ତାନି ବନ୍ଦ କରିବା ପରେ, ବାଇକ, ସାଇକେଲ ସାହାଯ୍ୟ ବସ୍ତାଏ ୨ ବସ୍ତା ଆଳୁ ଆଣୁଥିବା ମଧ୍ୟ ଦେଖା ଯାଉଛି । ଏମିତିକି ପଶ୍ଚିମବଙ୍ଗ ପୋଲିସ ଧରିଲେ, ଆଧାର ଦେଖି ୨ ଶହ ରୁ ୫ ଶହ ଟଙ୍କା ବସ୍ତା ପିଛା ହାତ ଗୁଞ୍ଜା ନେଇ ମଧ୍ୟ ଛାଡୁଥିବା ଦେଖା ଯାଇଛି । ଟ୍ରକ ମାଧ୍ୟମରେ ଚୋରା ରେ ଆଳୁ ଆଣିଲେ ୨୦ ରୁ ୨୫ ହଜାର ଟଙ୍କା ଦେଇ ଆଣୁଥିବା ଯୋଗୁଁ ଦରବୃଦ୍ଧି ହେଉଛି ବୋଲି ବ୍ୟବସାୟୀ କହିଛନ୍ତି । ଫଳରେ ଆଳୁ ସଙ୍କଟ ଗୁରୁତର ହେବା ସହିତ ସୀମାନ୍ତ ଅଞ୍ଚଳରେ ,ତିବ୍ର ଅସନ୍ତୋଷ ଓ ଚାପା ଉତ୍ତେଜନା ଦେଖାଦେଇଛି ।

## ରାଷ୍ଟ୍ରବାଦୀ କବିତା ମହୋତ୍ସବ ଅନୁଷ୍ଠିତ

କେନ୍ଦ୍ରାପଡ଼ା ୨/୧୨(ନି.ପ୍ର): ସାମାଜିକ ସଂଗଠନ ‘ଜୟରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ’ ପକ୍ଷରୁ ତୃତୀୟ ରାଷ୍ଟ୍ରବାଦୀ କବିତା ମହୋତ୍ସବ ସ୍ଥାନୀୟ ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ପ୍ରାବନ୍ଧିକ ଦାସ ବେନହୁର ଉତ୍ସବକୁ ଉଦଘାଟନ କରି ରାଷ୍ଟ୍ର ଓ ବ୍ୟକ୍ତିର ସମ୍ପର୍କକୁ ବାଖ୍ୟା କରିଥିଲେ । ରାଷ୍ଟ୍ର ଏକ ସାମଗ୍ରିକ ସତ୍ତା । ବୈଦିକ କାଳରୁ ରାଷ୍ଟ୍ର ଅଛି, ରାଷ୍ଟ୍ର ସହିତ ଆମେ ଅଛୁ ବୋଲି ମତ ଦେବା ସହ ସାହିତ୍ୟିକ ମାଟି, ମା ଓ ଦେଶ ମନସ୍କ ହୋଇ ସାହିତ୍ୟ ରଚନା କରିବା ଉଚିତ୍ ବୋଲି ମତ ଦେଇଥିଲେ । ଉତ୍ସବରେ ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ କବି ସୁରେଶ ନାୟକ ଯୁବପିଢ଼ି ସତ୍ୟନିଷ୍ଠ ଭାବନା ଓ ଶୃଙ୍ଖଳିତ ଆଚରଣ ପୂର୍ବକ ଦେଶ ହିତରେ କାର୍ଯ୍ୟ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେକ୍ଷ ଉତ୍ସବରେ ବିଶିଷ୍ଟ କବି ଡକ୍ଟର ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କୁ ‘ଜୟ ରାଷ୍ଟ୍ର କବିତା ସମ୍ମାନ’ ପ୍ରଦାନ କରାଯାଇଥିଲା । ସମ୍ମାନ ସ୍ୱରୂପ ଟ୍ରଫି, ଅଙ୍ଗବସ୍ତ୍ର ଓ ୫ ହଜାର ଟଙ୍କା ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ କବି ସମ୍ମିଳନୀରେ ୧୩ ଜଣ ରାଷ୍ଟବାଦୀ କବି ସ୍ୱରଚିତ କବିତା ପାଠ କରିଥିଲେ । କବି ମାନଙ୍କୁ ‘ମମତା ସିହ୍ନା ସ୍ମାରକୀ’ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଯୁବ ଗାଳ୍ପିକ ମାତୃଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ବିରେନ୍ଦ୍ର ଦାସ, ଆଶିଷ ଦାସ, ମାନସ ତ୍ରିପାଠୀ, ଅମିତ୍ ଭଦ୍ର, ସୁଶାନ୍ତ ନାୟକ, ରଶ୍ମିରଞ୍ଜନ ସ୍ୱାଇଁ, ମଳୟ ସାହୁ, ଜ୍ଞାନରଞ୍ଜନ ଦାସ, ରିନାରାଣୀ ଦାସ, ଦେବ ପ୍ରସନ୍ନ ସ୍ୱାଇଁ, ନମିତା ଜେନା, ବିକାଶ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ । ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ଦ୍ୱିବେଦୀ ଓ ସମାଜସେବୀ ରୀତା ରାୟ କବିତା ପାଠୋତ୍ସବ ସଂଯୋଜନା କରିଥିଲେ । ଡାକ୍ତର ରମାନାଥ ମହାନ୍ତି, ସଚିନନ୍ଦନ ଦାସ, ଡାକ୍ତର ବିରେନ୍ଦ୍ର ଦାସ, ଅକ୍ଷୟ କୁମାର ପାଣି, ଡକ୍ଟର ସର୍ବେଶ୍ୱର ସେଣ, ନିମନ୍ତ୍ରିତ କବି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ବିରଜା ରାଉତରାୟଙ୍କ ପୁସ୍ତକ ନୂଆ ଜନ୍ହ ଉଇଁଛି ଉନ୍ମୋଚିତ ହୋଇଥିଲା । ଶେଷରେ ଅନୁଷ୍ଠାନର ସମ୍ପାଦକ ପଙ୍କଜ ସିହ୍ନା ଧନ୍ୟବାଦ ଦେଇଥିଲେ ।

## ଯାଦବ ମହାସଭା ବରୀର ଏକାଦଶ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା

ବରୀ : ଯାଦବ ମହାସଭା, ବରୀର ଏକାଦଶ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ରବିବାର ପୂର୍ବାହ୍ନରେ ବରୀ ବ୍ଲକ ଅନ୍ତର୍ଗତ ରମ୍ଭା ସ୍ଥିତ ଜାଗୁଳାଇ ମନ୍ଦିର ପ୍ରାଙ୍ଗଣରେ ମହାସଭାର ସ୍ଥାୟୀ ସଭାପତି ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବରୀ ଅଞ୍ଚଳର ସିଭିଲ ସର୍ଭିସରେ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୁଭଦର୍ଶନି ଦାସ, ସତରୁପା ଶତପଥୀ, ଆଶୁତୋଷ ତ୍ରିପାଠୀ, ନିତ୍ୟ ରଞ୍ଜନ ସାମଲ, ଅଂଶଦେବ ପୁହାଣ ଏବଂ ନୀଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଶୁଭ୍ର ସନ୍ତୋଷ ଜେନା, ଭାରତ ଗୌରବ ରାୟ, ରାହୁଲ ଦାସ, ଶୁଭମ୍ ଦାସ ଓ ସ୍ମୃତିରେଖା ବେହେରାଙ୍କୁ ଏବଂ ମେଟ୍ରିକ୍ ପରୀକ୍ଷାରେ ଏ ୱାନ ଗ୍ରେଡ଼ ପାଇଥିବା ଅଙ୍କିତ ଜେନା ଓ ସିପ୍ରା ରାୟଙ୍କୁ ମାନପତ୍ର ଉପ ଢୌକନ ଏବଂ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଡିହବାରୀଙ୍ଗି ଗ୍ରାମର ବର୍ଷୀୟାନ ସମାଜସେବୀ ଲକ୍ଷ୍ମୀଧର ଦାସଙ୍କୁ ଅତିଥି ମାନଙ୍କ ଦ୍ୱାରା ଯାଦବ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ମୂଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡ଼ ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଧାୟିକା ସୁନନ୍ଦା ଦାସ, ମୂଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ଼ କୁମରବର ଦାସ ଓ ଅନ୍ୟ ମାନଙ୍କ ମଧ୍ୟରେ ଭାରତୀୟ ଯାଦବ ମହାସଭା ସଭାପତି ଇ ପ୍ରଦିପ ବେହେରା, ଝାଡ଼ଖଣ୍ଡ ଯାଦବ ସଙ୍ଘ ସଭାପତି ପିତାମ୍ବର ଦାସ, ଯାଜପୁର ଜିଲ୍ଲା ସଭାପତି ଗଣେଶ୍ୱର ଦାସ, ବୈରାଗୀ ଚରଣ ପଟ୍ଟନାୟକ ଯୋଗଦେଇଥିଲେ । ଉତ୍ସବରେ ଅତିଥି ପରିଚୟ ଅଶୋକ କୁମାର ଦାସ ଦେଇଥିବା ବେଳେ ସଂପାଦକୀୟ ବିବରଣୀ ପାଠ କିଶୋର ଚନ୍ଦ୍ର ଦାସ କରିଥିଲେ । କାର୍ଯକ୍ରମ ପରିଚାଳନାରେ ମହେଶ୍ୱର ଦାସ, କପିଳେନ୍ଦ୍ର ଦାସ, ସଂଗ୍ରାମ କେଶରୀ ପଲେଇ, ରାମ ଚନ୍ଦ୍ର ବେହେରା, ସମିର କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଗଙ୍ଗାଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ

ବଡ଼ସାହି ୨/୧୨(ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ବିହାର ସ୍ଥିତ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨୫ତମ କ୍ରୀଡ଼ା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ଡ଼କ୍ଟର କୁମାର ବାବୁଲିଙ୍କ ସଭାପତିତ୍ୱରେ ଉଦଘାଟନ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସଚ୍ଚୀନ୍ଦ୍ର କୁମାର ବିଶ୍ୱାଳ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ କବି ରତିକାନ୍ତ ବେହେରା ଯୋଗଦାନ କରି କ୍ରୀଡା ପିଲାଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ କରାଇବା ସହିତ ଶାରିରୀକ ମାନସିକ ବିକାଶ କରାଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥିଭାବେ କ୍ରୀଡା ଶିକ୍ଷକ ମନୋରଞ୍ଜନ ମହାପାତ୍ର, ସିଆରସିସି ସନକ କୁମାର ଘୋଷ, କବି କାର୍ତ୍ତିକ ସେଠୀ, ରଣଜିତ୍ ମହାନ୍ତି ଓ ସୋନାକ୍ଷି ଦଣ୍ଡପାଟ ଯୋଗଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ରାଉତ ସୂର୍ଯ୍ୟକାନ୍ତୀ ପୁହାଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ସେହିପରି ରବିବାର ଉଦ୍ ?ଯାପନ ଉତ୍ସବ କବିକଲୋଳ ଶିବଶଙ୍କର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼କ୍ଟର ଜଗତ୍ ବନ୍ଧୁ ଆଚାର୍ଯ୍ୟ ଯୋଗଦାନ କରି କ୍ରୀଡା ଶାରିରୀକ ମାନସିକ ବିକାଶର ମୂଳ ପିଣ୍ଡ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସାଂସଦଙ୍କ ପ୍ରତିନିଧି ଶଶିଶେଖର ପଣ୍ଡା ଓ ସମ୍ମାନୀତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଭବାନୀ ଶଙ୍କର ସାହୁ, ସମାଜସେବୀ ଜୟଚ଼ନ୍ଦ୍ର ମହାନ୍ତି, ଗୁରୁଜୀ ଦୀପକ ଦାସ, ରୀନା ଷଡଙ୍ଗୀ ଓ ବୀଣାପାଣି ବାରିକ ଯୋଗଦାନ କରି କ୍ରୀଡ଼ା ପିଲାଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ସେ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଅତିଥି ପରିଚୟ ଗୁରୁଜୀ ଅତୁଲ୍ୟ ସୁନ୍ଦର ଭଞ୍ଜ ବାବୁ କରିଥିବା ବେଳେ ସମ୍ପିତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜ୍ଞାପନ ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲା ଓଡ଼ିଶା କ୍ଷୁଦ୍ର ଓ ମାଧ୍ୟମ ସମ୍ବାଦପତ୍ର ସଂଗଠନ



ଭୁବନେଶ୍ୱର, ୨/୧୨(ନି.ପ୍ର): ଭାରତ ବର୍ଷର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ପ୍ରାୟତଃ ସରକାରୀ ବିଜ୍ଞାପନ ଉପରେ ନିର୍ଭର କରିଥାନ୍ତି । ୨୦୧୫ ପର୍ଯ୍ୟନ୍ତ ଡିଏଭିପି ପକ୍ଷରୁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକୁ ଜାତୀୟ ଦିବସ ତଥା ସ୍ୱାଧୀନତା ଓ ସାଧାରଣତନ୍ତ୍ର ଦିବସ, ଆମ୍ବେଦକର ଓ ଗାନ୍ଧୀ ଜୟନ୍ତୀ ଭଳି ଦିବସ ମାନଙ୍କରେ ବିଜ୍ଞାପନ ଡିଏଭିପି ଜରିଆରେ ପ୍ରଦାନ କରି ଆସୁଥିଲେ । କିନ୍ତୁ ଦୁର୍ଭାଗ୍ୟର କଥା, ଭାଜପା ସରକାର ଗଠନ ହେବା ପରେ ସମ୍ପୃକ୍ତ ଖବରକାଗଜଗୁଡ଼ିକୁ ବିଜ୍ଞାପନ ପ୍ରଦାନ କରାଗଲା ନାହିଁ । ଏଠାରେ ଉଲ୍ଲେଖ କରାଯାଇପାରେ, ବୃହତ ପ୍ରସାରଣ ଦାବି କରୁଥିବା ସମ୍ବାଦପତ୍ରଗୁଡ଼ିକୁ ବିଭିନ୍ନ କର୍ପୋରେଟ୍ ହାଉସ ଓ ସରକାର ବିପୁଳ ପରିମାଣରେ ବିଜ୍ଞାପନ ପ୍ରଦାନ କରିଥାନ୍ତି । ଛୋଟ ଛୋଟ କାଗଜଗୁଡ଼ିକ ଏଥିରୁ ପ୍ରାୟତଃ ବଂଚିତ ହେଉଛନ୍ତି । ପୂର୍ବରୁ ଯେଉଁ ବିଜ୍ଞାପନ ଗୁଡ଼ିକ ସରକାରୀ କ୍ଷେତ୍ରରେ ମିଳୁଥିଲା ତାହା ବନ୍ଦ ହୋଇଯିବାରୁ ବହୁ ଖବରକାଗଜ ପ୍ରକାଶନ ବନ୍ଦ ହେବାକୁ ଲାଗିଲାଣି । ତେଣୁ କେନ୍ଦ୍ର ସରକାର ଏ ଦିଗରେ ଅଧିକ ଦୃଷ୍ଟି ଦେଇ ଦେଶର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକୁ ପୂର୍ବରୁ ଦିଆଯାଉଥିବା ବିଜ୍ଞାପନ ଗୁଡ଼ିକ ପ୍ରଦାନ କଲେ ଆର୍ଥିକ ସ୍ଥିତି ସୁଧାରିପାରିବ । ଫଳରେ ବହୁ ସମ୍ବାଦପତ୍ର ପ୍ରକାଶନ ବନ୍ଦ ହେବାକୁ ଯାଉଛି ବୋଲି ଓଡିଶାର କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରର ସଭାପତି ରବି ରଥ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ଏଥିସହ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଜୁଏଲ ଓରାମଙ୍କ ସମେତ ରାଜ୍ୟର ପ୍ରମୁଖ ସାଂସଦମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

## ମୋଟର ସାଇକେଲ ଦୁର୍ଘଟଣା ୩ ଯୁବକ ଗୁରୁତର

ନବରଙ୍ଗପୁର: ୨/୧୨(ନି.ପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ଚିକିଲି ଛକ ନିକଟରେ ରବିବାର ଅପରାହ୍ନରେ ମୋଟର ସାଇକେଲ ଦୁର୍ଘଟଣା ଘଟି ୩ ଜଣ ଗୁରୁତର । ଆଜି ଅପରାହ୍ନରେ ୩ ଜଣ ଯୁବକ ନିଜ ମୋଟର ସାଇକେଲ ରେ ଡାବୁଗାଁ ଠାରୁ ନିଜ ଗ୍ରାମ କକଡାଗୁଡା ଯାଉଥିବା ସମୟରେ ଚିକିଲି ଗ୍ରାମ ଛକ ନିକଟରେ ଥିବା ନଦୀରେ ପୋଲ ପୂର୍ବରୁ ଗାର୍ଡ ପୋଷ୍ଟରେ ଭାରସାମ୍ୟ ହରାଇ ପିଟି ହୋଇଥିଲେ । ଫଳରେ ମୋଟର ସାଇକେଲ ରେ ଥିବା ତିନିଜଣ ଯୁବକ ଆହତ ହୋଇଥିଲେ । ତିନିଜଣ ଯୁବକଙ୍କ ର ଗୋଡ ଭାଙ୍ଗି ଯାଇଛି । ଯୁବକ ମାନେ ହେଲେ କକଡାଗୁଡା ଗ୍ରାମର ମଧୁ ଗୌଡ଼, ଈଶ୍ୱର ଗୌଡ଼ ଓ ରାଜେଶ ଗୌଡ଼ । ଘଟଣା ସ୍ଥଳରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ୩ ଜଣ ଙ୍କର ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଏନେଇ ଡାବୁଗାଁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ।

## ଜଳେଶ୍ୱରରେ ବାଲେଶ୍ୱର ଜିଲ୍ଲା ଅଧିବକ୍ତା ପରିଷଦ ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ଜଳେଶ୍ୱର ୨/୧୨(ନି.ପ୍ର): ରବିବାର ନୂଆ ବଜାର ଭଂଜଶ୍ରୀ ଭବନରେ ବାଲେଶ୍ୱର ଜିଲ୍ଲାର ଅଧିବକ୍ତା ପରିଷଦର ସମ୍ବିଧାନ ଦିବସ ଜଳେଶ୍ୱର ଶାଖା ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବାଲେଶ୍ୱର ଜିଲ୍ଲା ସଭାପତି ଲକ୍ଷ୍ମୀକାନ୍ତ ବେହେରା ସଭାପତିତ୍ୱ କରି ଏବେ ସମ୍ବିଧାନ ଦିବସ ସଂପର୍କରେ ସମାଜରେ ବ୍ୟାପକ ସଚେତନତାର ଆବଶ୍ୟକ ଅଛି ବୋଲି କହିଥିଲେ । ମୁଖ୍ୟ ଅତିଥିଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ୍ ମହାନ୍ତି ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ସମାଜର ଆବଶ୍ୟକତାକୁ ଲକ୍ଷ୍ୟ କରି ସମ୍ବିଧାନର କେତେକ ଅନୁଚ୍ଛେଦର ପରିବର୍ତ୍ତନ କରାଯାଉଥିବାରୁ ଭାରତୀୟ ସମ୍ବିଧାନ ଅଧିକ ସୁଦୃଢ ଓ ହିତୈଷୀ ହୋଇଥିବା ସମ୍ପର୍କରେ ସବିଶେଷ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥିଭାବେ ପରିଷଦର ଜିଲ୍ଲା ସଂପାଦକ ଗୋବର୍ଦ୍ଧନ ସାହୁ ଯୋଗ ଦେଇ ବିଭିନ୍ନ ସମୟରେ କେତେକ ରାଜନୈତିକ ଦଳ ଭାରତୀୟ ସମ୍ବିଧାନ ବିପଦରେ ରହିଥିବା କଥା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବରଂ ଆମ ସମ୍ବିଧାନ ପୃଥିବୀର ଅନ୍ୟଦେଶର ସମ୍ବିଧାନ ଠାରୁ ଦୀର୍ଘତମ ହାତ ଲେଖା ସମ୍ବିଧାନ ହୋଇଥିବା ବେଳେ ଏହା ସବୁ ବର୍ଗର ଲୋକଙ୍କୁ ନ୍ୟାୟ ଦେବାରେ ସମର୍ଥ ହୋଇଛି ବୋଲି କହିଥିଲେ ।

## ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ମିଳିତ ବୈଠକ



ନବରଙ୍ଗପୁର ୨/୧୨(ନି.ପ୍ର): ଧରାକୋଟ ସ୍ଥିତ ଶ୍ରୀ ରାଜ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ,ଶିକ୍ଷକ ଓ ଉନ୍ନୟନ କମିଟିର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଏ ବି ଇ ଓ ସିମାଞ୍ଚଳ ବେହେରା,ବିଭୂତି ଭୂଷଣ ପାତ୍ର, ସି ଆର ସି ସି ଜଗନ୍ନାଥ ପଢ଼ିହାରି,ଶିକ୍ଷକ୍ୱିଧୁ ଭୂଷଣ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ବିଦ୍ୟାଳୟ ର ସୁପରିଚାଳନା ଓ ଉନ୍ନୟନ କାର୍ଯ୍ୟ ର ସଠିକ ପରିଚାଳନା ପାଇଁ ଏକ ନୂତନ କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ଭାବରେ ପୂର୍ଣ୍ଣ ଚନ୍ଦ୍ର ନାୟକ,ଉପ ସଭାପତି ଭାବରେ ଜୟନ୍ତୀ ଦାସ ସଭ୍ୟ,ସଭ୍ୟା ଭାବରେ ମାଳତି ସେଠୀ,ସୁଜାତା ସେଠୀ,ଯମୁନା ବେହେରା,ସାବିତ୍ରୀ ନାୟକ,ଉଷାରାଣୀ ଡାକୁଆ,ରାଜେନ୍ଦ୍ର ଦାସ,ସୁଶାନ୍ତ ସ୍ୱାଇଁ,ରାମଚନ୍ଦ୍ର ବେହେରା,ରୋହିତ ଗୌଡ଼ ଓ ବିଜୟ ଗୌଡ଼ ମନୋନୀତ ହୋଇଥିଲେ । ଏହି ଅବସରରେ ବିଦ୍ୟାଳୟର ସୁପରିଚାଳନା,ଉନ୍ନୟନ କାର୍ଯ୍ୟ ର ସୁବିନିଯୋଗ,ଗୁଣାତ୍ମକ ଶିକ୍ଷାର ବିକାଶ,ଛାତ୍ର ଛାତ୍ରୀ ଙ୍କ ଶୃଙ୍ଖଳା ଜ୍ଞାନ ବଜାୟ ରଖିବା,କର୍ମଚାରୀ ମାନଙ୍କ ସଠିକ ଦାୟିତ୍ୱ ନିର୍ବାହ ସହ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀଙ୍କ ତଥ୍ୟ ଭିତ୍ତିକ ଆପ ଲୋଡ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା ।

## ଜଳେଶ୍ୱର ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକାର ବାର୍ଷିକ ଉତ୍ସବ



ଜଳେଶ୍ୱର, ୨/୧୨(ନି.ପ୍ର): ଜଳେଶ୍ୱର ନଗର ସ୍ଥିତ,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ୨ ଦିନିଆ ଶିଶୁ ବାଟିକାର, ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ଶିଶୁ ବାଟିକା ବିଭାଗରେ ବାର୍ଷିକ ଖେଳକୁଦ ସମାରୋହ ସୂଚାରୁରୂପେ ଅନୁଷ୍ଠିତ ହୋଇଥିଲା ।ଉକ୍ତ ଉତ୍ସବକୁ ବିଦ୍ୟାଳୟର ପ୍ରଧାନ ଗୁରୁଜୀ ରାଧା ରଞ୍ଜନ ବାଗ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ, ଅନୁଷ୍ଠାନ ର ସଭାପତି ଶଶିକାନ୍ତ ପ୍ରଧାନ ଓ ସମ୍ପାଦକ ଶ୍ରୀଯୁକ୍ତ ଗିରିଶ କୁମାର ପାଣିଗ୍ରାହୀ ଯୋଗଦେଇ, କ୍ରିଡ଼ା,ଶିଶୁ ଜୀବନ ରେ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ ।ପ୍ରଧାନ ଆଚାର୍ଯ୍ୟ,ଅତିଥି ପରିଚୟ ପ୍ରଦାନ କରିବା ସହିତ ଖେଳ କୁଦ ଦ୍ୱାରା ଶିଶୁ ମାନଙ୍କ ମାନସିକ, ଶାରୀରିକ ଓ ସ୍ୱାସ୍ଥ୍ୟଗତ ଜୀବନ ସୁନ୍ଦର ହୋଇଥାଏ ବୋଲି କହିଥିଲେ ।ବାଟିକା ପ୍ରମୁଖ ଶ୍ରୀମତୀ ମମତା ରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ତା ୨୯/୧୧/୨୦୨୪ ରିଖ ଶୁକ୍ରବାର ଉଦଯାପନ ସଭାରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ କପିଳେଶ୍ୱର ମହାନ୍ତି ପୂର୍ବତନ ସମ୍ପାଦକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜଳେଶ୍ୱର ଓ ପୂର୍ବତନ କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ହରିଶଙ୍କର ରାଜ ଉପସ୍ଥିତ ରହି ସମସ୍ତ ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।ବାଟିକା ବିଭାଗର ସମସ୍ତ ଗୁରୁମା ତଥା ଲିପସୀତା ଗୁରୁମା, ରଶ୍ମିତା ଗୁରୁମା, କଳ୍ପନା ଗୁରୁମା, ନିରୁପମା ଗୁରୁମା, ଅଞ୍ଜନା ଗୁରୁମା, ପ୍ରୀତିନନ୍ଦା ଗୁରୁମା ଏବଂ ଅପା ତଥା ଆଭା ଅପା, କବିତା ଅପା କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।




# ଟିକା ପ୍ରତି ଧ୍ୟାନ ଦିଅ

ମହାମାରୀର ନିୟନ୍ତ୍ରଣ ତଥା ସଂକ୍ରମଣର ବେଗ ଭାଙ୍ଗିବାକୁ ଓଡିଶା ସମେତ କେତେକ ରାଜ୍ୟ ଲକଡାଉନ ଅବଧିକୁ ଜୁନ୍ ମଧ୍ୟଭାଗ ପର୍ଯ୍ୟନ୍ତ ବୃଦ୍ଧି କରିଥିବାବେଳେ ସଂକ୍ରମଣ ହ୍ରାସ ପାଇଥିବା କେତେକ ରାଜ୍ୟ ତଥା ଉତରପ୍ରଦେଶ, ମହାରାଷ୍ଟ୍ର, ହରିଆନା ଓ କେରଳ ଲକଡାଉନ କଟକଣା କୋହଳ କରିବା କେତେକ କ୍ଷେତ୍ରକୁ ପୁନଃ ସକ୍ରୀୟ କରିବା ପାଇଁ ଅନୁମତି ଦେଇଛନ୍ତି। ଅନ୍ୟପକ୍ଷରେ ଟେଷ୍ଟିଂ, ଟ୍ରେସିଂ ଓ ଟ୍ରାକିଂକୁ ରାଜ୍ୟ ସରକାରମାନେ ତ୍ୱରାନ୍ୱିତ କରିଛନ୍ତି। ଦ୍ୱିତୀୟ ଲହର ସଂକ୍ରମଣ ଶୀର୍ଷ ଅଧାରୁ ଅଧିକ ହ୍ରାସ ପାଇଥବାବେଳେ ମଧ୍ୟ ଦେଶରେ ଦୈନିକ ସଂକ୍ରମଣ ଗତ ସେପ୍ଟେମ୍ବର ମାସରେ ପ୍ରଥମ ଲହରର ଶୀର୍ଷ ଠାରୁ ବହୁ ଉପରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ମହାମାରୀର ପ୍ରଥମ ଲହରରେ ସର୍ବୋଚ୍ଚ ଦୈନିକ ସଂକ୍ରମଣ ୯୮ ହଜାର ରହିଥିବାବେଳେ ଦ୍ୱିତୀୟ ଲହରରେ ସର୍ବୋଚ୍ଚ ସଂକ୍ରମଣର ଅଧାରୁ ଅଧିକ ହ୍ରାସ ପାଇଥିବା ସତ୍ୱେ ଦୈନିକ ସଂକ୍ରମଣ ଏବେ ୧ଲକ୍ଷ ୨୦ ହଜାର ଉପରେ ରହିଛି। ସେହିପରି ଦ୍ୱିତୀୟ ଲହରର ୫୨ଦିନ ପରେ ଦୈନିକ ମୃତକଙ୍କ ସଂଖ୍ୟା ମଙ୍ଗଳବାର ଦିନ ପ୍ରଥମ ଥର ପାଇଁ ୩ ହଜାର ତଳକୁ ଖସିଛି। ତେବେ କେତେକ ରାଜ୍ୟରେ ସଂକ୍ରମଣ ଆଶାତୀତ ଭାବେ ହ୍ରାସ ପାଇଥିବା ସତ୍ୱେ ପ୍ଲାଟୁ ବା ସ୍ଥିର ଅବସ୍ଥାରେ ରହିଛି। ଅନ୍ୟପକ୍ଷରେ ମହାମାରୀର ମୁକାବିଲା ପାଇଁ ଶେଷ ଲଢେଇ ସ୍ୱରୁପ ଦେଶରେ ଟିକାକରଣ ଅଭିଯାନ ଜାରି ରହିଥିବା ସତ୍ୱେ ଟିକାର ଘୋର ଅଭାବ ଯୋଗୁଁ ଅଭିଯାନ ବାଧା ପ୍ରାପ୍ତ ହୋଇଛି। ପ୍ରଥମ ପର୍ଯ୍ୟାୟ ତଥା କରୋନା ଯୋଦ୍ଧାଙ୍କୁ ଟିକାକରଣ ପ୍ରାୟ ୯୮ ପ୍ରତିଶତରେ ପହଁଚିଥିବାବେଳେ ବୟସ୍କ ୪୫ରୁ ୬୦ ବର୍ଷ ନାଗରିକଙ୍କୁ ଟିକାଦାନ ଲକ୍ଷ୍ୟ ଧାର୍ଯ୍ୟ ହୋଇପାରିନାହିଁ। ଗତ ମେ' ପହିଲାରୁ ଦେଶବ୍ୟାପୀ ୧୮ ରୁ ୪୪ବର୍ଷର ଯୁବକଙ୍କୁ ଟିକାଦାନ ଅଭିଯାନ ଆରମ୍ଭ ହୋଇଥିବାବେଳେ ଟିକାର ଘୋର ଅଭାବ। ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ତଥା ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନକୁ କେବଳ ବିଫଳ କରିନାହିଁ, ଯୁବଗୋଷ୍ଠୀଙ୍କ ମଧ୍ୟରେ ନୈରାଶ୍ୟ ଭାବ ସୃଷ୍ଟି କରିଛି। କହିବା ବାହୁଲ୍ୟ ଯେ, ଗତ ଜାନୁୟାରୀ ମାସ ୧୬ ତାରିଖରୁ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିଲେ ମଧ୍ୟ ବର୍ତମାନ ସୁଦ୍ଧା ମାତ୍ର ୨୧ କୋଟି ଲୋକଙ୍କୁ ଟିକାକରଣ ସମ୍ଭବ ହାଇଛି। ସରକାର ଦୁଇଟି ଟିକା କୋଭିସିଲିଡ ଓ କୋଭାକ୍ସିନ୍ କୁ ଅନୁମୋଦନ ଦେଇଥିବାବେଳେ ଦୁଇ ପ୍ରସ୍ତୁତକାରୀ କମ୍ପାନୀ ସେରମ ଇନଷ୍ଟିଚ୍ୟୁଟ ଓ ଭାରତ ବାୟୋଟେକ ଚାହିଦା ମୁତାବକ ଟିକା ଯୋଗାଇ ପାରୁନାହାଁନ୍ତି। ଇତିମଧ୍ୟରେ କେନ୍ଦ୍ର ସରକାରଙ୍କ ଟିକା ବଂଟନ ନୀତି ଯୋଗୁଁ ବହୁ ରାଜ୍ୟ ନିଜସ୍ୱ ପାଣ୍ଠିରେ ଟିକା କିଣିବାକୁ ଅସମର୍ଥତା ପ୍ରକାଶ କରିଛନ୍ତି। କେବଳ ଏତିକି ଗୋଟିଏ ଟିକାର ଭିନ୍ନ ଭିନ୍ନ ଦର ମଧ୍ୟ ଏଥିରେ ଘୋର ଅନ୍ତରାୟ ସୃଷ୍ଟି କରିଛି। ଯାହାକୁ ନେଇ ସୁପ୍ରିମକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିବା ସହ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା ମଧ୍ୟ କରିଛନ୍ତି। ଆହୁରି ମଧ୍ୟ କେନ୍ଦ୍ର ସରକାର ଋଷର ସ୍ପୁଟିନିକ୍ ଭି ସମେତ କେତେକ ବିଦେଶୀ ଟିକାକୁ ଜରୁରୀ ବ୍ୟବହାର ନିମନ୍ତେ ଅନୁମତି ଦେଇଥିବା ସତ୍ୱେ ଟିକା ଆମଦାନୀ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଟିକା ଆମଦାନୀ ପାଇଁ ଗ୍ଲୋବାଲ ଟେଣ୍ଡର ଲାଗି ରାଜ୍ୟସରକାରମାନଙ୍କୁ ଅନୁମତି ଦେଇଥିବା ବେଳେ ଏଥିପ୍ରତି ବିଦେଶର କମ୍ପାନୀଗୁଡିକ ଅନାଗ୍ରହୀ ଅଛନ୍ତି। ଟେଣ୍ଡରରେ ଅଂଶଗ୍ରହଣ କରିନାହାଁନ୍ତି। ଯେଉଁଥିପାଇଁ ଓଡିଶା ସରକାର କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ନିଜେ ଟିକା ଆମଦାନୀ କରିବାକୁ ଅନୁରୋଧ କରିଛନ୍ତି। ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ମାତ୍ର କେନ୍ଦ୍ର ଟିକା ଆମଦାନୀ କରିବାକୁ ଓଡିଶା ସରକାର ଯେଉଁ ଦାବି କରିଛନ୍ତି, ତାହା ଯଥାର୍ଥ ବୋଲି କୁହାଯାଇପାରିବ। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଆସନ୍ତା ଡିସେମ୍ବର ସୁଦ୍ଧା ୨୬୭ କୋଟି ଆମଦାନୀ କରିବେ ଏବଂ ଟିକାକରଣ ଅଭିଯାନ ସଂପୂର୍ଣ୍ଣ କରିବେ ବୋଲି ବାରମ୍ବାର ଯେଉଁ ଘୋଷଣା କରୁଛନ୍ତି, ତାହା କେବଳ ମୁହଁ ଫୁଟାଣୀ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କୁହାଯାଇପାରେ। କେନ୍ଦ୍ରର ଟିକା ନୀତି ସ୍ପଷ୍ଟ ନଥିବାରୁ ଏବଂ ଟିକା ଆମଦାନୀ ଦାୟିତ୍ୱ ରାଜ୍ୟମାନଙ୍କ ଉପରେ ଛାଡି ଦେଇ କେବଳ ଘୋଷଣା କରିବାରେ ବ୍ୟସ୍ତ ଥିବା ମନେହୁଏ। ଏହା ନିଶ୍ଚିତ ଯେ, ଦୂରଦୃଷ୍ଟି ଅଭାବରୁ ଦେଶରେ ଟିକାକରଣ ଅଭିଯାନ ଏକପ୍ରକାର ସ୍ଥାଣୁ ହୋଇଯାଇଛି। ଯୁବବର୍ଗଙ୍କ ପାଇଁ ଟିକା ନାହିଁ। ପଂଜିକରଣ ପାଇଁ କୋ-ୱିନ୍ ପୋର୍ଟାଲ ଏବେ ବନ୍ଦ ହୋଇଗଲାଣି।

# ସେହି ମାୟାବିନୀ ଚରିତ୍ର, ଚେହେରା ପଛରେ କେତେଯେ ନିରଙ୍କୁଶ



ବ୍ରହ୍ମାଣ୍ଡ ଅନ୍ତର୍ଦ୍ଧ୍ୟାୟ ନିରାକାରଙ୍କ ମାୟାରେ ପାପ ପୂନ୍ୟର ହିସାବସମାନ୍ତରାଳ ହୋଇଥାଏ ବୋଲି ବି□ର ସମସ୍ତଙ୍କର !ହେଲେ ତାହା କେତେବେଳେ ହୁଏ ଅବା କେଉଁଠି ଦେଖିଛି କିଏ ?କିନ୍ତୁ ଚର୍ଚ୍ଚା ଓ ବାସ୍ତବତା ମଧ୍ୟରେ ପାର୍ଥକ୍ୟଯେ ଗଭୀର ସେଇଥିରେ ଦ୍ୱିମତ ନାହିଁ !! ହେ ନିରାକାର, ତୁମରି କରୁଣାର ଚର୍ଚ୍ଚା ଘୋର, ଯେଉଁଥିରେ ବ୍ରହ୍ମାଣ୍ଡର ସମସ୍ତ ନିର୍ଜୀବ, ଚରାଚର ନିମଗ୍ନ ବିଭୋର ! ହେଲେ କୋଟି କୋଟି ନିର୍ମାୟାଙ୍କ କାରୁଣ୍ୟ ଚିତ୍କାର କରୁଅଛି ମୋତେ ବ୍ୟାପକ ଅସ୍ଥିର ! ତୁମେ କେତେବେଳେ ଅଛ ପୁଣି କେତେବେଳେ ନାହଁ, କେଉଁଠାରେ ଉପସ୍ଥିତ କେଉଁଠାରୁ ଅନ୍ତର୍ଦ୍ଧାନ ବୁଝିବା କ୍ଷମତା ବିହୁନ ନିର୍ବୋଧ ମୁଁ ଆଜି ନା□ର। କେତେବେଳେ ତୁମେ ଆବିର୍ଭାବ ହୋଇ କରିଥାଅ ଦୁଃସ୍କୃତ ସଂହାର ତ ଆଉ କେତେବେଳେ ତୁମ ନାମଧରି ସାମାଜିକ ବ୍ୟବସ୍ଥା ଛାରଖାର ! ତୁମ୍ଭଙ୍କୁହିଁ ଜ୍ଞାତ କି ଲୀଳା ତୁମ୍ଭର !! ବାସ୍ତବରେ ତୁମେ ଅଛ କି ନାହଁ କୌଣସି ପ୍ରାମାଣିକ ତଥ୍ୟ ନାହିଁ କି ବି□ର। ତଥାପି ତୁମ୍ଭ ବିରୋଦ୍ଧେ ସମ୍ଭାଷଣ ଗ୍ରହଣୀୟ ହୁଏନି କାହାର ! ସେହି ଅଦୃଶ୍ୟ ନିରାକାରଙ୍କ ନାମ ନେଇ କିନ୍ତୁ □ଳିଛି ବ୍ୟାପାର ଅପାର। କେତେବେଳେ ମୁକ୍ତିର ପଥ ପ୍ରଦର୍ଶକ ତ କେତେବେଳେ ବ୍ୟବସାୟ ଏବଂ ଆଉ କେତେବେଳେ ରାଜନୀତି ସମସ୍ତଙ୍କ ଅମୋଘ ଅସ୍ତ୍ର ସାଜିଛି କେବଳ ନାମଟି ତୁମର ! ଅନ୍ତ ନାହିଁ ଭାବିଦେଲେ ଏହି ସବୁକଥା ମୋ ଆଶ୍ଚର୍ଯ୍ୟର ! ମୁଁ ଜାଣିନାହିଁ ଭଗବାନ ଅଛନ୍ତି କି ନାହିଁ। ତଥାପି ଅନେକ ଲୋକ କହନ୍ତି ଭଗବାନ ନିଶ୍ଚିତ ଅଛନ୍ତି ତ ଆଉ କିଛି ଲୋକଙ୍କ ସେହି କଥାରେ ଦ୍ୱିମତ ଯେ ଭଗବାନ ବୋଲି କିଛି କୋଉଠି ନାହିଁ। ମୁଁ କିନ୍ତୁ ନିର୍ବୋଧ ମୁଢଟିଏ ଗୁରୁଙ୍କ ଗୋଟିଏ କଥାରେ □ଳେ ଯେବେ ନ ଦେଖିବୁ ଦୁଇ ନୟନେ, ପରତେ ନଯିବୁ ଗୁରୁ ବଚନେ ନୀତିକୁ ଆଦରି। ଯାହାହେଉ ଯାହାର ଯେମିତି ବି□ର ସିଏ ସେହି ପଥ ଅନୁସରଣ କରି ଜୀବନର ଶେଷ ପର୍ଯ୍ୟନ୍ତ □ଳନ୍ତୁ, ସେଇଥିରେ ଆମର କୌଣସି ହସ୍ତକ୍ଷେପ କରିବାର ନାହିଁ। କିନ୍ତୁ ଯଦି କୌଣସି ଅପପୃଷ୍ଟି ଦେଖାଯାଏ ତାକୁ ବର୍ଜନ ବି□ର ସ୍ୱାଗତଯୋଗ୍ୟ ନିଶ୍ଚୟ। ଅର୍ଥାତ ଭଗବାନ ଭଳି ଗୋଟିଏ ସୁନ୍ଦର ଶବ୍ଦର ଅପବ୍ୟବହାର କରି କରାଯାଉଥିବା, ବ୍ୟବସାୟ, ରାଜନୀତି, ଲୁଣ୍ଠନ ତଥା ପ୍ରତାରଣାପୂର୍ଣ୍ଣ ମନ୍ତବ୍ୟ ଗୁଡିକୁ ସାଧାରଣ ଲୋକେ ବିପର୍ଯ୍ୟୟର □ବିକାଠି ଭଳି ମନେକରିବା ଅତ୍ୟନ୍ତ ବିଧେୟ। ଅନେକ କ୍ଷେତ୍ରରେ ସାଧାରଣ ନିର୍ବୋଧଙ୍କ ଅଜ୍ଞାନତାର ସୁଯୋଗ ନେଇ କେତେକ ଛଦ୍ମବେଶୀ ରାକ୍ଷସ ଭଗବାନ ସଦୃଶ୍ୟ ପ୍ରକଟ ପୂର୍ବକ ଭଗବାନଙ୍କ ମିଥ୍ୟା ରଚନାର ପ୍ରହେଳିକା ସୃଷ୍ଟିକରି ସମାଜକୁ ନର୍କଗାମୀ କରୁଥିବା ଗୋଟିଏ ସାଧାରଣ ପ୍ରଣାଳୀ ବହୁ ଅତୀତରୁ ପ୍ରଚଳିତ ଏକ ସାମାଜିକ ପ୍ରଥା ଯାହା ଆମେ ସମସ୍ତେ ଜାଣୁ। ଉପର ଲଖିତ ଦୁଇଟି ଗୋଷ୍ଠୀଙ୍କ ମଧ୍ୟରୁ ପ୍ରଥମଟି କେବଳ ନିଜର ଅନଭିଜ୍ଞତା ହେତୁ କୌଣସି ପ୍ରାମାଣିକ ତଥ୍ୟ ନଥିଲେ ମଧ୍ୟ ଅନ୍ୟର ପ୍ରରୋଚନାରେ ଭୟଭୀତ ହୋଇ ଗ୍ରହଣ କରୁଥିବା ବେଳେ ଦ୍ୱିତୀୟ ନିଜର ବୈ□ରିକ ଜିଜ୍ଞାସୁ ମନୋଭାବ ଜନିତ କୌଣସି ଅଦୃଶ୍ୟ, ଅସ୍ପୃଶ୍ୟଙ୍କୁ ସ୍ୱୀକାର କରିବା ଯୁକ୍ତିଯୁକ୍ତ ମନେ କରିନଥା'ନ୍ତି। ଯେଉଁମାନେ ଭଗବାନଙ୍କୁ ମାନନ୍ତି ନାହିଁ ସେମାନେ ସାଧାରଣ ଚରିତ୍ର ପ୍ରବାହ କରିଥା'ନ୍ତି। ହେଲେ ଯେଉଁମାନେ ଭଗବାନଙ୍କୁ ଗ୍ରହଣ କରନ୍ତି ସେମାନଙ୍କ ବାସ୍ତବିକ ଭକ୍ତିପୂତ ଭାବାବେଗ ଅକଳନୀୟ। ସେମାନେ ଭଗବାନଙ୍କ ନାମ ପଡିଲେ ନିଜସ୍ୱ ସର୍ବସ୍ୱ ଜଳାଞ୍ଜଳି ଦେଇ ନିଜକୁ ସମ୍ପୂର୍ଣ୍ଣରୂପେ ଉତ୍ସର୍ଗିକୃତ କରିଥାନ୍ତି ପ୍ରଭୁଙ୍କ ପାଦପଦ୍ମରେ !! ଏହା ବ୍ୟତୀତ ଆଉ କିଛି ଲୋକ ଭଗବାନଙ୍କ ନାମନେଇ ସାଧାରଣ ଲୋକଙ୍କୁ ଲୁଟୁଥିବା ମଧ୍ୟ କୌଣସି ନୂଆଁକଥା ନାହିଁ ଆମ ପାଇଁ ଯାହା ସବୁବେଳେ ଦେଖି, ଶୁଣି ଆମ ଦେହସୁହା ହୋଇଗଲାଣି। ହେଲେ ସାଧାରଣ ମଣିଷଙ୍କ ଆସ୍ଥା ସେହି ଭଗବାନଙ୍କ ନାମନେଇ ଯେଉଁମାନେ ସମାଜକୁ ଠକୁଛନ୍ତି ସେମାନଙ୍କୁ ଉଚିତ ଦଣ୍ଡ ବିଧାନ କରାଯିବ କେବେ ଓ କରିବ କିଏ ପ୍ରଶ୍ନବାଚୀ ସୃଷ୍ଟି କରୁଛି ମନରେ ଆମର। ଆଦିକାଳରୁ ପୁରାଣଠାରୁ ଆରମ୍ଭ କରି ବିଭିନ୍ନ ଦାର୍ଶନିକ ମତବାଦ ଗୁଡିକରେ କେତେକ ସମ୍ମୋହନକାରୀ ରାକ୍ଷସଙ୍କ ଚରିତ୍ର ବର୍ଣ୍ଣିତ ଯେଉଁମାନେ ଅନେକ ସମୟରେ ନିଜର ପ୍ରକୃତ ରୁପକୁ ବଦଳାଇ ସୁନ୍ଦର ଚେହେରା ପ୍ରଦର୍ଶନ ପୂର୍ବକ ଅନେକ ଅପହରଣକାରୀ କାର୍ଯ୍ୟରେ ଲିପ୍ତରହି ସରଳ ନିର୍ବୋଧ ଲୋକଙ୍କୁ ପ୍ରତାରିତ କରୁଥିଲେ। ଅର୍ଥାତ ରାକ୍ଷସ ମନବୃ□ ସମ୍ପନ୍ନ ମଣିଷ ଭଗବାନ ଭଳି ପବିତ୍ର ନାମ ତଥା ଚେହେରା ଧାରଣ କରି ସାମାଜିକ ଦୁରା□ର କରୁଥିବା କଥା ଅନେକ ସ୍ଥାନରେ ବର୍ଣ୍ଣନା କରାଯାଇଥିବା କାହାକୁ ଅଗୋଚର ନୁହେଁ। ସେମାନେ ବାସ୍ତବିକ ଭଗବାନ ଭଳି ପବିତ୍ର ଶବ୍ଦର ବ୍ୟବହାରିକ ମୂଲ୍ୟ ବୋଧ କରିପାରୁନଥିବା ବେଳେ ଆଭ୍ୟନ୍ତରୀଣ ଭାବେ କୌଣସି ଭକ୍ତିପୂତ ବି□ରଧାରା ରଖିନଥାଇ କେବଳ ଲୋକଙ୍କୁ ଦେଖାଣିଆ ଭାବେ ନିଜର ଭକ୍ତି ବ୍ୟକ୍ତ କରୁଥାଇ କୌଣସି ବିଶ୍ୱାସ ରଖିନଥିବା, ଅନୁଭବ ନାହିଁ ସାଧାରଣ ନିର୍ବୋଧ ମଣିଷ ମାନଙ୍କର। ଏହିକଥା ସତ୍ୟଯେ ଏମିତି ଅନେକ ମଣିଷ ଭଗବାନ ବିଶ୍ୱାସୀ ନହୋଇ ମଧ୍ୟ ଲୋକଙ୍କୁ ଅତ୍ୟନ୍ତ ଭକ୍ତିପୂତ ପ୍ରଦର୍ଶନ କରିଥା'ନ୍ତି ଯାହା ସହଜରେ ବୁଝି ହୁଏନି ! କାରଣ ସେମାନେ ଯଦି ସତରେ ଭଗବାନ ଶବ୍ଦକୁ ସମ୍ମାନ ଦେଇଥା'ନ୍ତେ ତାହେଲେ କେବେହେଲେ ସାମାଜିକ ଦୁରା□ରରେ ନିଜକୁ ନିୟୋଜିତ କରିନଥା'ନ୍ତେ। ତେଣୁ ସେମାନେ ନିଶ୍ଚିତ ନାସ୍ତିକବାଦୀ ଯେଉଁମାନେ ଭଗବାନଙ୍କ ନାମ ନେଇ ସାମାଜିକ ଭ୍ରଷ୍ଟା□ରରେ ଜଡିତ। ତଥାପି ସେହି ଚେହେରା ପଛରେ ରହିଥିବା ପ୍ରକୃତ ରୁପକୁ ଚିହ୍ନି ନପାରି ମଣିଷ ଅନେକ ସମୟରେ ବ୍ୟାପକ ସମସ୍ୟାର ସମ୍ମୁଖୀନ ହୋଇଥିବା ବର୍ଣ୍ଣିତ ସମସ୍ତ ସାମାଜିକ ଚରିତ୍ର ସମସ୍ତଙ୍କୁ ଭଲଭାବେ ଜଣା। ହେଲେ ସାଧାରଣ ଲୋକଙ୍କ ନିର୍ବୋଧତା ହେତୁ ସେହି ଲିଖିତ ବର୍ଣ୍ଣିତ ବିଷୟ ଗୁଡିକ ଉ□ମ ଭାବେ ଭବାନ୍ତର୍ଭୁକ ନହୋଇ ଭିଭିନ୍ନ ଭାବମଧ୍ୟର ଅନୁଭୂତି ମଧ୍ୟରେ ସୀମିତ ରହିଯାଇଥିବା ହେତୁ ଉପଯୁକ୍ତ ଯୌକ୍ତିକ ଜ୍ଞାନ ଉଦୟ ହୋଇ ପାରୁନଥିବା ଗୋଟିଏ ଉଦ୍ବେଗ ଜନକ ବିଷୟ। ଇତି ମଧ୍ୟରେ ସାଧାରଣ ଲୋକଙ୍କ, ସେହି ବର୍ଣ୍ଣିତ ବିଷୟ ଗୁଡିକୁ ସାଧାରଣ ଗଳ୍ପ ଭଳି ଗ୍ରହଣ କରି ନିଜକୁ ସମଯୋପୋଯୋଗୀ କରାଇ ଜୀବନ ବ□ିବା ପ୍ରଥା ଅତ୍ୟନ୍ତ ମର୍ମସ୍ପର୍ଶୀ ! ସେମାନେ ସେହି କଥା ଗୁଡିକର ବାସ୍ତବତା ତଥା ଦାର୍ଶନିକ ତତ୍ୱ ଜ୍ଞାନକୁ ସମ୍ପୂର୍ଣ୍ଣ ଭାବେ ବୁଝିନପାରି କଦର୍ଥରେ ବ୍ୟବହାର କରୁଥିବା ହେତୁ ସାଧାରଣଜ୍ଞାନ ଶୂନ୍ୟ ହୋଇ ନିଜର ଜୀବନଧାରାକୁ ପରୋକ୍ଷରେ ବ୍ୟଥିତ କରୁଥିବା ସେମାନଙ୍କ ଭାବ ବହିର୍ଭୁତ ବିଷୟ ! ତେଣୁ ସମୟ ସ୍ରୋତରେ କାହାର ପ୍ରରୋଚନରେ ନିଜକୁ ବାହିତ କରି ଜୀବନ ବ□ୁଥିବା ପ୍ରାୟତଃ ସମସ୍ତ ମଣିଷଙ୍କ ଜୀବନ ବଂଚିବା ପ୍ରଣାଳୀ ଅପ୍ରାକୃତିକ ଢଙ୍ଗରେ □ଳିଥିବା କେହି ବୁଝିନପାରି ବରଂ ଉନ୍ମ□ର ମିଥ୍ୟା ପ୍ରହେଳିକାରେ ନିଜକୁ ନିମଜ୍ଜିତ କରି ରଖିଥିବା ଏକ ଆଶ୍ଚର୍ଯ୍ୟ ଜନକ ପରିସ୍ଥିତି ଦେଖିବାକୁ ମିଳୁଛି ଆଜି ସମୟରେ !ତେଣୁ ସ୍ଥିର ଚି□ରେ ସ୍ୱତଃ ତର୍ଜମା କିମ୍ବା ବିସ୍ଲେଷଣ, ଆଲୋଚନା କରି ଦେଖିଲେ ଜାଣିହେବ ଯେ ପୂର୍ବପରି ବ□ମାନ ମଧ୍ୟ ଅନୁରୂପ ମଣିଷ ଗୁଡିଏ ବିଭିନ୍ନ ଉପାୟରେ ସାଧାରଣ ମଣିଷ ମାନଙ୍କୁ ନିଜର ରାକ୍ଷସ ଚେହେରାକୁ ଆଢୁଆଳରେ ରଖି ନିଜକୁ ଭଗବାନଙ୍କ ଦୁତଭଳି ପ୍ରଦର୍ଶନ ପୂର୍ବକ ସାଧାରଣ ମଣିଷ ମାନଙ୍କୁ ପ୍ରତାରିତ କରି □ଳିଛନ୍ତି ଯାହା ଆମେ ବୁଝିନପାରି ତାହା ବିପରୀତେ ଆନନ୍ଦ ଅନୁଭବ କରୁଅଛେ ! ସେହି ମାୟାବିନୀ ଚରିତ୍ର, ଚେହେରା ପଛରେ କେତେଯେ ନିରଙ୍କୁଶ ଦୁଃସ□ରିତ୍ରିକ କୁକର୍ମ ପ୍ରବାହ କରୁଛନ୍ତି ସେମାନେ ତାହାର ଅନ୍ଦାଜ ମଧ୍ୟ କରି ହେଉନାହିଁ ସହଜରେ ! ଉପସ୍ଥିତ ସମୟର ସେହି ମାୟାବିନୀ ନର ରାକ୍ଷସଙ୍କ ଦର୍ଶନୀ ଏବଂ ତତ୍କାଳୀନ ରାକ୍ଷସଙ୍କ ମାୟାବିନୀ ଚରିତ୍ର ଗୁଡିକ ମଧ୍ୟରେ କୌଣସି ଭିନ୍ନତା ନାହିଁ। କେବଳ ସମୟର ଅନ୍ତରାଳେ କିଛି ପରିବ□ିତ ପନ୍ଥା ଅନୁସରଣ କରି □ରିତ୍ରିକ ପ୍ରବାହର ରୂପରେଖ ଗୁଡିକରେ କିଂଚିତ ପରିବ□ନ କରାଯିବା ଛଡା ଭାବଧାରା ସମ୍ପୂର୍ଣ୍ଣଭାବେ ସମାନ୍ତରାଳ ଗତିରେ ପ୍ରବାହିତ। ସାଧାରଣ ମଣିଷ କୁହେଳିକାରେ ସମ୍ମୋହିତ ନହୋଇ ନିଜସ୍ୱ ଅନ୍ତର୍ଜ୍ଞାନ ସୃଷ୍ଟି କରି ଦାର୍ଶନିକ ତତ୍ୱ ଗୁଡିକର ଉପଯୁକ୍ତ ଭବାନ୍ତର୍ଭୂକ୍ତ ନହେଲେ ମଣିଷ ସମାଜ ସମୟ ପୂର୍ବରୁ ଯେ ସଂକୁଚିତ ହେବ ସେଇଥିରେ କୌଣସି ସନ୍ଦେହ ନାହିଁ ! ତେଣୁ ମନୁଷ୍ୟାକୃତ ସମୟର ଏହି ଅସ୍ଥିର ଗତିରେ ନିଜକୁ ବଳିନପକାଇ ମଣିଷ ଜୀବନର ସତ୍ୟତାକୁ ଅନୁଭବ କରିବା ସହିତ ଗୋଟିଏ ସୁନ୍ଦର ମାନବୀୟ ସମାଜ ଗଠନ ଦିଗରେ ନିଜକୁ ନିୟୋଜିତ କରିବାରେ ଆମ ବି□ରଧାରା ସହିତ ସଂଶ୍ଳିଷ୍ଟ ହେବାପାଇଁ ଆପଣଙ୍କ ବି□ର ବ୍ୟକ୍ତ କରିବେ ବୋଲି ଆଶା.....!!

# ଦେଶ କାନ୍ଦୁଛି – ଶୁଣୁଛି କି ଜାତି ?

କିଏ ଶୁଣୁଛି ଘାଟିମୁଲକର ଘାଏଲ୍ ଜୀବନ କଥା ? ଏ ଦେଶର ଶାସନ, ପ୍ରଶାସନ ଯେତେବେଳେ ଆସନର ଭାଗବଂଟା ଆଉ ଭୋଗବଂଟାଠାରୁ ଆରମ୍ଭକରି ବିଭିନ୍ନ ଶୈଳୀର ବିଳାସବ୍ୟସନରେ ବ୍ୟସ୍ତ, ରାଜନୈତିକ ଦଳ ସମେତ ନିର୍ବାଚିତ ନେତାମାନେ ମ୍ନ ନିଜ ନିଜ ଦଳୀୟ ଓ ବ୍ୟକ୍ତିଗତ ସ୍ୱାର୍ଥସାଧନରେ ମସ୍ତ – ମାଟିର ମଣିଷ, ଖଣିଖାଦାନ୍‌ର ମଜଦୁର୍ ତଥା କୃଷକ, ଶ୍ରମିକ ଓ ଦରିଦ୍ର ଦୁର୍ଗତ ଦଳିତ ବର୍ଗର ଆଶାଆକାଂକ୍ଷା ଆତଙ୍କର ଅପଛାୟାରେ ରାହୁଗ୍ରସ୍ତ; ପ୍ରବଂଚିତ ଜନସାଧାରଣଙ୍କ ଅବଦମିତ ଅଶାନ୍ତି ଓ ଅସନ୍ତୋଷ ଘରେଘରେ ଭବିଷ୍ୟତର ପ୍ରଚଣ୍ଡ ବିଦ୍ରୋହର ପ୍ରସ୍ତୁତି ପାଇଁ ପୂର୍ଣ୍ଣ ପ୍ରଜ୍ୱଳିତ – ସେତେବେଳେ ଜୀବନସଂଗ୍ରାମର ସ୍ୱାଧୀନତା ଦାବୀରେ ଅଗ୍ନିଗର୍ଭ ଆନ୍ଦୋଳନ। ଏ କରୋନା ମହାମାରୀ ସମୟରେ ସକାଳୁ ଉଠି ମୋବାଇଲ ଧରିବାକୁ ଭୟ ଲାଗୁଛି। ସମ୍ବାଦପତ୍ରରେ ଆଖି ବୁଲାଇଲେ ଗତରାତିର ଭୟଙ୍କର ଦୃଶ୍ୟମାନ ବଡବଡ ହରଫରେ ନାଚିଯାଉଛି। ଚାରିଆଡେ ହାହାକାର। ନାହିଁନାହିଁର ଆର୍ତଚିତ୍କାର। ଟିକା, ଅମ୍ଳଜାନ, ଭେଂଟିଲେଟର, ଜୀବନରକ୍ଷାକାରୀ ଔଷଧ ଅଭାବ। ହସ୍‌ପିଟାଲରେ ବେଡ୍, ଆଇ.ସି.ୟୁ ଅଭାବ। ଶବ ପୋଡିବାକୁ ମଶାଣି ଅଭାବ। ଜୀବନ ରକ୍ଷା ପାଇଁ ଜୀବିକା ଉଚ୍ଛନ୍ନ। କି ଧନୀ କି ଗରିବ ସମସ୍ତେ କାନ୍ଦୁଛନ୍ତି। ଶୁଣିବ କିଏ ?ମିଛ ପାଖେ ସତ ବନ୍ଧା ପଡିଛି। ଘୋର କଳିକାଳରେ ମାଳିକାବଚନ ସତ ହେବାକୁ ବସିଛି। ୬୦୦ ବର୍ଷ ତଳେ ଯେଉଁ ସବୁ ମାଳିକାରେ ଭବିଷ୍ୟତବାଣୀ କରାଯାଇଥିଲା – ସେ ସବୁ ଘଟଣା ଅଘଟଣା ଘଟିଚାଲିଛି। ଅଜଣା ଭବିଷ୍ୟତରେ ଲୋକେ ଥରହର। କିଏ ଶୁଣୁଛି – କାହା କଥା ? ଏଇ ଲେଖକ ସାରା ବିଶ୍ୱକୁ ୩ଟି ପ୍ରସ୍ତାବ ଦେଇଥିଲା। କରୋନା ମହାମାରୀକୁ ଅନ୍ତର୍ଜାତୀୟ ବିପତି ଘୋଷଣା – ବିଶ୍ୱର ସବୁ ସରକାର ଏକହେବା ଏବଂ ଧନୀକଶ୍ରେଣୀ ତାଙ୍କ ସମ୍ପତିରୁ ସ୍ୱଇଛାରେ ଅଧା ଦାନ କରିବା। ଏ କଥାକୁ ଶୁଣିବ କିଏ ?ଆମ ଜୀବନ ଏବେ ଗଳ୍ପ ବିରଳ। ବୈଠକଖାନାରେ ସେ ବନ୍ଧୁତ୍ୱପୂର୍ଣ୍ଣ ଗଳ୍ପର ଉଷୁମ୍ ଆସର ନାହିଁ କି ଶୟନକକ୍ଷରେ ସେ ଦାମ୍ପତ୍ୟଜୀବନର ମୃଦୁମଧୁର ଗଳ୍ପାଳପର ଅନ୍ତରଙ୍ଗ ଅବସର ନାହିଁ। ଯଦିବା ଅଛି, ତୁଳନାତ୍ମକ ଭାବରେ ତିରିଶଚାଳିଶ ବର୍ଷ ତଳର ସେ ପୂର୍ବ ପର୍ଯ୍ୟାୟଠାରୁ ଶୋଚନୀୟ ତାର ହ୍ରାସପ୍ରାପ୍ତିର ହାର। ଅନ୍ୟର କଥା ଆମେ ଆଖିବାଟେ ଶୁଣୁଛୁ – କାନବାଟେ ଶୁଣି ମନ ଭିତରକୁ ତାହା ଭେଦିପାରୁ ନାହିଁ। ଆମର କଥା ଅନ୍ୟର ଧୈର୍ଯ୍ୟପରୀକ୍ଷାରେ ଅନୁତୀର୍ଣ୍ଣ। ଅର୍ଥାତ୍ ବର୍ତମାନର ସମାଜରେ କେହି କାହାରି କଥା ଶୁଣୁନାହାନ୍ତି କହିଲେ ଚଳେ। ଏପରିକି ଟିକିଏ ଅବଧାନକୁ ଆଣି ଅନୁଭବ କଲେ ବେଶ୍ ବୁଝିହେବ କଥାଟାକୁ। ରୋଗୀ କହୁଛନ୍ତି ଡାକ୍ତର ଶୁଣୁନାହାନ୍ତି, ଚାଷୀମୂଲିଆ ପାଟି କରୁଛନ୍ତି ମାଲିକେ କାନରେ ପଟି ବାନ୍ଧିଛନ୍ତି, ମାଷ୍ଟ୍ରେ ପଢାଉଛନ୍ତି ଛାତ୍ରୀଛାତ୍ରେ ମନ ଦେଉନାହାନ୍ତି, ମହକିଲ ବିକଳ ହେଉଛନ୍ତି ଓକିଲ ତାରିଖ ଗଢଉଛନ୍ତି, ସାମ୍ବାଦିକ ପଚାରୁଛନ୍ତି ଥାନାବାବୁ ଆଡେଇଯାଉଛନ୍ତି, ଜନତା ଚିଲଉଛନ୍ତି ନେତା ବିଲିବିଲଉଛନ୍ତି – ଇତ୍ୟାଦି ।ମୋଟାମୋଟି ଏଇ ହେଉଛି ଅବସ୍ଥା। ପଡିଶାଘରୁ କାନ୍ଦବୋବାଳି ଶୁଭିଲେ ଆମ ଘରର ଟାଟିକବାଟ ପଡିଯାଉଛି। ସଡକ-ଦୁର୍ଘଟଣାର ଅସହାୟ ଶିକାର କି ତାର ମୁମୁର୍ଷୁ ସାଥୀ ଯେତେ ନେହୁରା ହୋଇ ଡାକ ପକାଇଲେ ବି ପାଖ କାଟି ଆଗକୁ ଛୁଟିଯାଉଛନ୍ତି ଛୋଟବଡ ଯାନଚାଳକ। କମ୍ପାନୀର ଛଟେଇ କର୍ମଚାରୀ ହକ ମାଗିଲେ ଶୁଣୁ ନାହାନ୍ତି ପରିଚାଳକ ।କିଏ ଶୁଣୁଛି ?ଦେଶ କାନ୍ଦୁଛି – ଶୁଣୁଛି କି ଜାତି ?ମଣିଷ କାନ୍ଦୁଛି – ଶୁଣୁଛନ୍ତି କି ମଠ-ମନ୍ଦିର-ମସ୍‌ଜିଦ୍-ଗିର୍ଜା-ପାଗୋଡାର ଧର୍ମାଧିପତି ?ମାଆ କାନ୍ଦୁଛି – ଶୁଣୁଛନ୍ତି କି ସନ୍ତାନସନ୍ତତି ?କେହି କାହାରିଠୁ ପଦଟିଏ କଥା ଶୁଣୁନଥିବାର ଏ ପ୍ରକାର ଏକ ଜୀବନକ୍ଷେତ୍ରରେ ଆମର କଥାସବୁ କେନ୍ଦ୍ରଚ୍ୟୁତିର କମ୍ପନ କେବଳ। ଶବ୍ଦ ଶୁଭୁଛି, କିନ୍ତୁ ସ୍ୱରଗ୍ରହଣକାରୀ ପରିଧି ବାହାରେ। ଦୁଇଟି ବ୍ୟକ୍ତିଗତ ସଂପର୍କର ମୁହଁ ମଝିରେ ଖଣ୍ଡିଏ ଦିହାତଉଂଚ ଖବରକାଗଜର କୃତ୍ରିମ ଉଠାପାଚେରି - ନହେଲେ ଉପସ୍ଥିତ ଅତିଥିଙ୍କ କୁଶଳ ପ୍ରଶ୍ନର ଉତର ଶୁଣୁଛି ଅଭ୍ୟାଗତଙ୍କ ମୁହଁସାମ୍ନାର ଚଳନ୍ତା ଟେଲିଭିଜନ୍ - ନତୁବା ଇଆଡେ ମିନିଟିଏ କଥା ହେଲାବଳେକୁ ସିଆଡେ ତୁହାକୁତୁହା ଡାକିଲାଣି ମୋବାଇଲ୍ ।ଆଗର ଗଳ୍ପାଳପ ଏବର ଅଳ୍ପାଳାପରେ ଆସି ପହଂଚିସାରିଛି। ଏହା କୌଣସିମତେ ଆମର ଚେତନାସ୍ତରୀୟ ଏକ ବିବର୍ତନକୁ ସୂଚାଉନାହିଁ କି ସମୟୋଚିତ ପରିବର୍ତନକୁ ଦର୍ଶାଉନାହିଁ। ଏହା ଅମ ଆତ୍ମବଧିର ସାମାଜିକ ଜୀବନଶୈଳୀକୁ ସଂପୂର୍ଣ୍ଣ କବଳିତ କରିନେଇଥିବା ଏକ ଶୀତଳ ମାନସିକତାକୁ ହିଁ ମୋହର ମାରି ନିଶ୍ଚଳ ଚେତନାର ଚାରିକାନ୍ଥରେ ନିର୍ଜୀବ ପୋଷ୍ଟରମାନ ମାରିଚାଲିଛି ।ଏ ସମୟ ଏକ ସମ୍ବେଦନଶୂନ୍ୟ ସମୟ। ପୁଞ୍ଜିବାଦୀ ଅର୍ଥନୀତିରୁ ଜଗତୀକରଣ ପର୍ଯ୍ୟନ୍ତ ପ୍ରସାରିତ ଶିଳ୍ପବିପ୍ଳବୋତର ଯେଉଁ ଆଧୁନିକ ସମୟଖଣ୍ଡରେ ଆମେ ବୈଷୟିକ-ବୈଜ୍ଞାନିକ ଅଭିବୃଦ୍ଧିର ପ୍ରଯୁକ୍ତି ବିଦ୍ୟାଭିତିକ ପୃଥିବୀଟିକୁ ପାଇଛୁ, ସେ ପୃଥିବୀ ଆମକୁ ଦେଇଛି ଈଶ୍ୱରହୀନ ଦେବାଳୟ, ମନୁଷ୍ୟହୀନ ଗୃହାଳୟ ଓ ମୂଲ୍ୟବୋଧହୀନ ପଣ୍ୟାଳୟ। ଏଇ ନଷ୍ଟତ୍ରିଭୁଜ ମ୍ନରେ ଆମର ଜୀବନ କ୍ରମେ ଏକ ଜଟିଳ ଜ୍ୟାମିତିର ଅସ୍ୱଚ୍ଛତା ଛଡା ଆଉ କ'ଣ ? ପୁରୁଣା ସମାଜର ପଡିଆରା ଆଉ ପୂର୍ବସଂସ୍କୃତିର ପରମ୍ପରା ଆମ ବିଶ୍ୱାସର ବଳୟ ବାହାରେ କେବଳ ଏକ ସମାଜତାତ୍ୱିକ ଓ ପ୍ରତ୍ନତାତ୍ୱିକ ଅଧ୍ୟୟନ ମାତ୍ର। ଚିମିନିର କଳାଧୂଆଁ ସେପଟେ ଚାଷକ୍ଷେତର ସେଇ ଚକବନ୍ଦୀ ଚକଡା - ଅଖଭଙ୍ଗା ଶଗଡଗଡାର ଗାଁ। ସବାରିପାଲିଙ୍କିସବୁ ଜାଦୁଘରର ସାମଗ୍ରୀ। ଆଦିବାସୀର ଧନୁଶରଠାରୁ ଆରମ୍ଭ କରି ରାଜା-ମହାରାଜା-ବାଦ୍‌ଶା-ସୁଲତାନ୍ ଆଉ ଅତୀତର ସଂଗ୍ରାମୀ ବୀର-ବୀରାଙ୍ଗନାମାନଙ୍କର ଅସ୍ତ୍ରଶସ୍ତ୍ରସବୁ ମ୍ନ ସେଇ ଜାଦୁଘରର ବଖରା ଭିତରେ ଆମ ସମାଧିସ୍ଥ ସାମରିକ ସଂସ୍କୃତିର ସ୍ଥାବର ସମ୍ପତି। ପୁରାତନ ଦେବଦେବୀମୂର୍ତିଠାରୁ ଆରମ୍ଭ କରି କୋହିନୂର ହୀରା ପର୍ଯ୍ୟନ୍ତ ଆମର ଅଚଳାଚଳ ଐତିହ୍ୟର ଅନେକ ସ୍ମାରକୀ ଦେଶରୁ ଚାଲାଣ ହୋଇସାରିଛି ବିଦେଶକୁ। ବେଳେବେଳେ ଖବରକାଗଜର ଏଇସବୁ ବିବରଣୀକୁ ନେଇ ଆମ ଆଧୁନିକ ବୈଠକୀଗଳ୍ପ ଗଡିଚାଲେ କପେ ଚା' ଥଣ୍ଡା ହେବାଯାଏଁ ବା ଖୁବ୍ ବେଶିରେ ଗୋଟାଏ ପେଗ୍ ବିଦେଶୀ ପାନୀୟର ଉଷୁମ୍ ଆସର ଶେଷ ହେବାଯାଏଁ ।ଆମ ଗଳ୍ପ ଏବେ କେବଳ ଖବରକାଗଜର ଖୋରାକକୁ ନେଇ ଖଣ୍ଡିଖଣ୍ଡି ଖୁଚୁରା ଆଳାପ କିଛି। ସେ ଅଳ୍ପାୟୁ ଆଳାପର ଆୟତନ ମ୍ନରେ ଆମ ଆୟତ ବାହାରର ଅନେକ କଥା – କୋର୍ଟକଚେରୀ, ସରକାର, ପୁଲିସ୍, ଆତଙ୍କବାଦୀ, ସୀମାନ୍ତରେ ସାମରିକ ଶକ୍ତିପ୍ରଦର୍ଶନ, ପରମାଣୁ ବୋମା ପରୀକ୍ଷାଠାରୁ ଆରମ୍ଭ କରି ଗଣଧର୍ଷଣ, ରାସ୍ତା ଦୁର୍ଘଟଣା ଓ ଚିକିତ୍ସା ଅବହେଳାରୁ ଶିଶୁମୃତ୍ୟୁ ପର୍ଯ୍ୟନ୍ତ ବହୁ ବଡବଡ କଳାହରଫ୍‌ର ଶିରୋନାମାସବୁ ଆମକୁ ଯୋଗାଇଦିଏ ଆମ ମୌଖିକ ଚର୍ଚ୍ଚାର ଚର୍ବିତଚର୍ବଣ ମନ୍ତବ୍ୟ ଓ ମତଦାନର ସୁଯୋଗ। କିନ୍ତୁ ଶୁଣୁଛି କିଏ ? ଆଜି ଖଳନେତୃବର୍ଗଙ୍କ କଳା କାରସାଦିକୁ ନେଇ ଚହଳ ତ କାଲି ଗେରୁଆ ଖୋଳର ଗୁରୁବାବାମାନଙ୍କ 'ଲୁଙ୍ଗୁଳା 'ସାଦିକୁ ନେଇ ଚମକ। ପହରଦିନ ପୁଣି ବାଟରେ ଘାଟରେ ସିନେମାଷ୍ଟାର୍‌ମାନଙ୍କ 'ସେନ୍‌ଶୋ'କୁ ନେଇ ମସ୍‌ଗୁଲ୍ ମଜ୍‌ଲିସ୍ ତ ଦୋକାନବଜାରରେ କ୍ରିକେଟ୍ ହିରୋମାନଙ୍କ ବାହାଘର-ବୁହାଘରକୁ ନେଇ ସରଗରମ ଆଲୋଚନା ।ବାଟଘାଟ, ଦୋକାନବଜାର, ବସଷ୍ଟାଣ୍ଡ୍ – ଗୁଡିଏ ଗଳ୍ପାଳପର ଗହଳି। କିନ୍ତୁ ଆମ ଶୁନ୍‌ଶାନ୍ ସୌଖୀନ୍ ଘରସବୁ ଦୁଆରକିଳା। ସେଠି ଆଉ ଦୁଃଖସୁଖ ନାହିଁ - ଅନ୍ତରଙ୍ଗ ଭାବବିନିମୟର ସେ ଅକୃତ୍ରିମ ଅବସର ନାହିଁ - ପୁରୁଣା ପରଦା ପଛର ସେ ବ୍ୟକ୍ତିଗତ ପୃଥିବୀଟି କୁଆଡେ ହଜିଯାଇଛି କେବଠୁ ।ଏଇ ହଜିଲା କଥାର ଖିଅକୁ ଖୋଜିଖୋଜି ଘଟଣା ଭିତରୁ ଛାଣିନେଇଆସେ ଚରିତ୍ରକୁ - ପୁଣି ବଦଳିଚାଲିଥିବା ସମାଜର ସୂତ୍ର ଧରିଧରି ପହଂଚିଯାଏ କେଉଁଠି ନା କେଉଁଠି କେଉଁ ବିଚିତ୍ର ପରିବେଶରେ। କେତେବେଳେ ଘଟଣା-ଚରିତ୍ର-ପରିବେଶ ତ ଆଉ କେତେବେଳେ ସ୍ଥାନ-କାଳ-ପାତ୍ରର ପରିସର ଭିତରୁ ମୁକୁଳିଆସେ ମାମୁଲି ମଣିଷେ ... ଜନ ଓ ଜାତିର ଗୁଳ୍ମାଚ୍ଛାଦିତ ଘନଘଟା ମ୍ନରୁ ଉଙ୍କିମାରେ ଜର୍ଜରିତ ବ୍ୟକ୍ତି, ଯାହାକୁ ଆମେ ଆମ ସମାଜ ଓ ସାହିତ୍ୟର ମ୍ନସ୍ୱର୍ଗରେ ଏବେ ବି ତ୍ରିଶଙ୍କୁ ସ୍ଥିତିରେ ରଖିଆସିଛେ।

ମାୟାଧର ନାୟକ

# ବର୍ଷାଦିନେ ତ୍ୱଚାର ଯତ୍ନ



ଋତୁ ବଦଳିବା ସହ ଏହାର ପ୍ରଭାବ ତ୍ୱଚା ଉପରେ ମଧ୍ୟ ପଡିଥାଏ । ବିଶେଷ କରି ବର୍ଷା ଦିନେ ପବନରେ ଅଧିକ ବ୍ୟାକ୍ଟେରିଆ ଆସିଥାନ୍ତି, ଯାହା ଦ୍ୱାରା ତ୍ୱଚା ଇନ୍‌ଫେକ୍ସନ ହେବାର ଆଶଙ୍କା ଥାଏ ।...





**ତ୍ୱଚାର ଯତ୍ନ:**

ବର୍ଷା ଦିନେ ତ୍ୱଚାକୁ ଶୁଷ୍କ ଏବଂ ପରିଷ୍କାର ରଖନ୍ତୁ । ଏହି ଦିନେ ଖୁବ୍‌ଶୀଘ୍ର ବ୍ୟାକ୍ଟେରିଆ ସଂକ୍ରମଣ ହୋଇଥାଏ । ଏଥିପାଇଁ ଭଲ କ୍ୱାଲିଟିର ଆଣ୍ଟି ବ୍ୟାକ୍ଟେରିଆଲ୍ ଫେସ୍‌ୱାଶ ଏବଂ ଟୋନେର କିମ୍ବା ଡିପ୍ ପୋର୍ କ୍ଲିଜଂର ବ୍ୟବହାର କରନ୍ତୁ । ଆଣ୍ଟି ଫଙ୍ଗାଲ ଏବଂ ଆଣ୍ଟି ବ୍ୟାକ୍ଟେରିଆର ପାଉଡର ବା ଅଏଣ୍ଟମେଣ୍ଟ ବ୍ୟବହାର କରନ୍ତୁ । ଖରା ହେଉ ବା ନ ହେଉ ଘରୁ ବାହାରକୁ ଯିବା ପୂର୍ବରୁ ତ୍ୱଚାର ସନ୍‌ସ୍କ୍ରିନ୍ ଲୋଶନ୍ ଲଗାନ୍ତୁ ।

**ତୈଳୀୟ ତ୍ୱଚା:**

ଯଦି ଆପଣଙ୍କ ତ୍ୱଚା ତୈଳୀୟ ତେବେ ଉଷୁମ ପାଣିରେ ମୁହଁ ଧୁଅନ୍ତୁ । ଏହା ତ୍ୱଚାକୁ ତୈଳମୁକ୍ତ କରିବା ସହ କୋମଳ ରଖିଥାଏ । ସପ୍ତାହରେ ଅନ୍ତତଃ ୨ ଥର ସ୍କ୍ରବିଂ କରନ୍ତୁ । ୱାଟ୍‌ର ପ୍ରୁଫ୍ ମେକ୍ ଅପ୍ ନିଅନ୍ତୁ ।

**ଶୁଷ୍କ ତ୍ୱଚା:**

ଏହି ତ୍ୱଚା ପାଇଁ ମଇଶ୍ଚରାଇଜର ଲଗାଇବା ସହ ଆଲ୍‌କୋହଲ୍ ଫ୍ରି ଟୋନର ବ୍ୟବହାର କରନ୍ତୁ । ଗୋଲାପଜଳ ଏବଂ ଗ୍ଲିସେରିନ୍‌ର ମିଶ୍ରଣକୁ ତ୍ୱଚାରେ ଲଗାନ୍ତୁ । ପ୍ରଚୁର ପରିମାଣରେ ପାଣି ପିଅନ୍ତୁ ।

**ସେନ୍‌ସିଟିଭ୍ ତ୍ୱଚା:**

ଏହି ତ୍ୱଚା ପାଇଁ ମଇଶ୍ଚରାଇଜର ବ୍ୟବହାର ଜରୁରୀ । ସ୍କ୍ରବିଂ କରିବା ଆଦୌ ଠିକ୍ ନୁହେଁ । କିଟ୍‌ରେ ରଖିବାକୁ ଭୁଲନ୍ତୁ ନାହିଁ ।

**ଆଣ୍ଟି ଫଙ୍ଗାଲ କ୍ରିମ୍ :**

ଏହି ଦିନେ ରାସ୍ତାରେ ଜମି ରହିଥିବା ଅପରିଷ୍କାର ପାଣି ସଂସ୍ପର୍ଶରେ ଆସି ପାଦ, ଗୋଇଠି କିମ୍ବା ତ୍ୱଚାରେ ସମସ୍ୟା ଦେଖାଦେଇଥାଏ । ତେଣୁ ହାଲ୍‌କା ଉଷୁମ ପାଣିରେ ଗାଧାନ୍ତୁ । ଗାଧୋଇ ସାରିବା ପରେ ପଙ୍ଖା ପବନରେ ଶରୀରକୁ ଭଲ ଭାବେ ଶୁଖାନ୍ତୁ । ଅଣ୍ଡରଆର୍ମ ଏବଂ ପାଦର ଆଙ୍ଗୁଠି ମଝିରେ ଆଣ୍ଟି ଫଙ୍ଗାଲ ପାଉଡର ଲଗାଇବାକୁ ଭୁଲନ୍ତୁ ନାହିଁ ।

**ୱାଟର ବେସ୍‌ଡ କସ୍‌ମେଟିକ୍ସ:**

ମୁହଁକୁ ମେଡିକେଟେଡ୍ ଫେସ୍‌ୱାଶ୍‌ରେ ଦିନକୁ ୨/୩ ଥର ଧୁଅନ୍ତୁ । ଏପରି କରିବା ଦ୍ୱାରା ତ୍ୱଚାର ଲୋମଛିଦ୍ରରେ ଜମି ରହିଥିବା ଧୂଳି ପରିଷ୍କାର ହୋଇଥାଏ । ନନ୍ ଆଲ୍‌ହୋହଲିକ୍ ଟୋନର ବ୍ୟବହାର କରନ୍ତୁ । ତ୍ୱଚାକୁ ମୁଲାୟମ ରଖିବା ପାଇଁ ୱାଟର ବେସ୍‌ଡ ମଇଶ୍ଚରାଇଜର କିମ୍ବା ଗୋଲାପଜଳର ବ୍ୟବହାର କରନ୍ତୁ । ଆପଣ ଚାହିଁଲେ ଆଲ୍‌ମଣ୍ଡ ଅଏଲ୍ ମଧ୍ୟ ବ୍ୟବହାର କରିପାରିବେ ।

**ପ୍ୟାକ୍‌ରେ ଦୂର କରନ୍ତୁ ଡେଡ୍ ସ୍କିନ୍:**

ତ୍ୱଚାରୁ ଡେଡ୍‌ସ୍କିନ୍ ଦୂର କରିବାକୁ ହେଲେ ସପ୍ତାହରେ ଥରେ କିମ୍ବା ୨ ଥର ଅଖରୋଟ କିମ୍ବା ଷ୍ଟ୍ରବେରୀ ଯୁକ୍ତ ସ୍କ୍ରବ୍ ବ୍ୟବହାର କରନ୍ତୁ । ଏହା ପରେ ତ୍ୱଚାରେ ଲେମ୍ବୁ କିମ୍ବା ନିମଯୁକ୍ତ ଫେସ୍ ପ୍ୟାକ୍ ଲଗାଇ ପାରିବେ । ତ୍ୱଚାକୁ ଏହା ଇନ୍‌ଫେକ୍ସନରୁ ରକ୍ଷା କରିବା ସହ ବ୍ଲାକ୍‌ହେଡ୍‌ସ ଏବଂ ହ୍ୱାଇଟ୍‌ହେଡ୍‌ସ ମଧ୍ୟ କମ୍ କରିଥାଏ । ଏହା ବ୍ୟତୀତ ଷ୍ଟ୍ରବେରୀକୁ କାଟି ମଧ୍ୟ ମୁହଁରେ ଲଗାଇପାରିବେ । ଏକ କପ୍ ଷ୍ଟ୍ରବେରୀକୁ ଭଲଭାବେ ଗ୍ରାଇଣ୍ଡିଂ କରି ପ୍ୟୁରି ପ୍ରସ୍ତୁତ କରନ୍ତୁ । ଏଥିରେ ତିନି ଚାମଚ ଦହି ଏବଂ ଏକ ଚାମଚ ମହୁ ମିଶାଇ ଏହି ପେଷ୍ଟକୁ ପ୍ରତିଦିନ ମୁହଁରେ ଲଗାନ୍ତୁ । ବର୍ଷା ଦିନେ ଏହି ପେଷ୍ଟ ପ୍ରତିଦିନ ଲଗାଇଲେ ତ୍ୱଚା କୋମଳ ରହିବା ସହ ଏଥିରେ ଚାମକ ଆସିଥାଏ ।

ଜାଣିରଖନ୍ତୁ ...

- ବର୍ଷା ଦିନେ ତ୍ୱଚା ପାଇଁ ଡିପ୍ କ୍ଲିଂଜିଙ୍ଗ, ଫେସିଆଲ୍ କିମ୍ବା ସ୍କ୍ରବିଂ ନିହାତି ଜରୁରୀ । ସପ୍ତାହରେ ଦୁଇ ଥର ମୁହଁକୁ ସ୍କ୍ରିବିଂ କରନ୍ତୁ । ଆପଣ ପାର୍ଲର ଯାଇ ନ ପାରିଲେ ଘରେ ମଧ୍ୟ ଏହାକୁ ପ୍ରସ୍ତୁତ କରିପାରିବେ । ପେସ୍ତା ବାଦାମକୁ ପେଷ୍ଟ କରି ଏଥିରେ ଦହି, କମଳା ଚୋପାଗୁଣ୍ଡ ମିଶାନ୍ତୁ । ଏହି ମିଶ୍ରଣକୁ ମୁହଁରେ ଲଗାଇ ଧୀରେ ଧୀରେ ହାତରେ ମାଲିସ କରି କିଛି ସମୟ ପରେ ଧୋଇଦିଅନ୍ତୁ ।
- ଗୋଲାପ ଜଳ ପ୍ରାକୃତିକ ଟୋନର ପରି କାମ କରିଥାଏ । ଗୋଲାପ ଜଳ କିମ୍ବା ଗୋଲାପ ଫୁଲରେ ପ୍ରସ୍ତୁତ ଟନିକ୍‌କୁ ଫ୍ରିଜ୍‌ରେ ରଖି କଟନରେ ଏହାକୁ ଓଦା କରି ତ୍ୱଚାକୁ ପରିଷ୍କାର କରନ୍ତୁ ।
- ୩ ଚାମଚ ଓଟ୍‌ମିଲ୍, ଅଣ୍ଡାର ଧଳା ଅଂଶ, ଏକ ଚାମଚ ମହୁ ଏବଂ ଦହିର ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଯଦି ଆପଣ ଅଣ୍ଡା ବ୍ୟବହାର କରିବାକୁ ଚାହୁଁନାହାନ୍ତି ତେବେ ଗୋଲାପ ଜଳ କିମ୍ବା ସନ୍ତରା ରସର ମିଶ୍ରଣ ଲଗାଇ ଅଧଘଣ୍ଟା ପରେ ମୁହଁକୁ ଧୋଇ ଦିଅନ୍ତୁ । ସପ୍ତାହରେ ଅନ୍ତତଃ ଦୁଇ ଥର ଏପରି କରନ୍ତୁ ।
- ଚନ୍ଦନ ପାଉଡରରେ ଗୋଲାପ ଜଳ ମିଶାଇ ମୁହଁରେ ଲଗାନ୍ତୁ । ୨୦/୩୦ ମିନିଟ୍ ପରେ ମୁହଁକୁ ଧୋଇଦିଅନ୍ତୁ ।
- ୱେଟ ଟିସ୍ୟୁ ପେପରେ ମୁହଁକୁ ପରିଷ୍କାର କରି କମ୍ପାକ୍ଟ ପାଉଡର ଲଗାନ୍ତୁ । ଫ୍ରେସ୍ ଲାଗିବା ପାଇଁ ତୁଳସୀ ଏବଂ ନିମଯୁକ୍ତ ଫେସ୍‌ୱାଶ୍ ବ୍ୟବହାର କରନ୍ତୁ । ଫୁଲଯୁକ୍ତ କୌଣସି ଫେସ୍‌ୱାଶ୍ ଲଗାଇଲେ ଏହା ଆପଣଙ୍କ ତ୍ୱଚାକୁ ଥଣ୍ଡା ଏବଂ ଫ୍ରେସ୍ ରଖିଥାଏ ।



# ବର୍ଷାଦିନେ କମ୍ଫଟେବଲ ଲୁକ୍ ପାଇଁ...

ବର୍ଷା ଦିନେ ଜମ୍ପସୁଟ୍ କମ୍ଫର୍ଟେବଲ୍ ଲାଗିବା ସହ ସ୍ମାର୍ଟଲୁକ୍ ବି ଦେଇଥାଏ । ଏହା ସବୁ ପ୍ରକାରର ବଡି ଟାଇପ୍‌କୁ ଭଲଲାଗେ । ତେବେ ଏହା ସହିତ ବେଲ୍‌ଟ, ପର୍ସ ଏବଂ ଫୁଟ୍‌ୱେର ପ୍ରତି ମଧ୍ୟ ଧ୍ୟାନ ଦେବା ଜରୁରୀ...



**ଲୁଜ୍‌ବଟମ୍:**

ଯଦି ଆପଣଙ୍କ ବଡି ପିଅର ସେପ୍‌ଡ, ତେବେ ହାଂଲ୍‌ଟର ନେକ୍ ବା ସ୍ଲିଭ୍‌ଲେସ୍ ଜମ୍ପ୍‌ସୁଟ୍ ବାଛିପାରିବେ । ଆପଣ ଚାହିଁଲେ ପ୍ଲଂଜିଙ୍ଗ୍ ନେକ୍‌ଲାଇନ୍‌ର ଜମ୍ପ୍‌ସୁଟ୍ ମଧ୍ୟ ଆପଣେଇପାରିବେ । ଲୁଜ୍ ଫିଟିଙ୍ଗ୍ ବଟମ୍ ଜମ୍ପ୍‌ସୁଟ୍‌କୁ ଆଭୋଏଡ୍ କରନ୍ତୁ । ସ୍ଲିମ୍ ବଡି ପାଇଁ ଲୁଜ୍ ବଟମ୍ ପସନ୍ଦ କରିପାରିବେ ।

**ଡଙ୍ଗରୀ ଓ ପ୍ଲେସୁଟ୍ :**

ଜକ୍‌ପସୁଟ୍‌କୁ ଡଙ୍ଗରୀ ବା ପ୍ଲେସୁଟ୍ ଭାବେ ବ୍ୟବହାର କରିପାରିବେ । ଯଦି ପ୍ଲେନ୍ ଜମ୍ପ ସୁଟ୍ ପସନ୍ଦ ନୁହେଁ, ତେବେ ଏହା ସହିତ ବଡ ଇୟର ରିଙ୍ଗ୍‌ସ ଏବଂ ହତରେ ବ୍ରାଇଟ୍‌କଲର ବ୍ରେସଲେଟ୍ ପିନ୍ଧିପାରିବେ । ଫୁଟ୍‌ୱେରରେ ଫ୍ଲାଟ୍ ହିଲ୍ ପିନ୍ଧନ୍ତୁ ।ଯଦି ଆପଣଙ୍କୁ ଡେନିମ୍‌ର ଟାଡିଶନାଲ୍ ନୀଳ ରଙ୍ଗ ପସନ୍ଦ ନୁହେଁ, ତେବେ ପସନ୍ଦ ମୁତାବକ କୌଣସି ହାଲ୍‌କା ରଙ୍ଗର ଜମ୍ପସୁଟ୍ ପସନ୍ଦ କରନ୍ତୁ । ଏହା ସହିତ ଖୋଲା କେଶ ଭଲ ଭାବେ ଫୁଟ୍‌ୱେରରେ ହିଲ୍ସ ଓ ହାତରେ କ୍ଲଚ୍ ଧରିପାରିବେ ।

**ଜୁନିୟର୍ ଲର୍ଗସ ଜମ୍ପସୁଟ୍ :**

ଜୁନିୟ ଗର୍ଲ ଲୁକ୍ ପାଇଁ ଆପଣ ଡେନିମ୍‌ର ଲେୟର୍ଡ ଜମ୍ପସୁଟ୍ ପସନ୍ଦ କରିପାରିବେ । ଏହାର ଲମ୍ୱା ଆଣ୍ଠୁ ଉପର ପର୍ଯ୍ୟନ୍ତ ରଖନ୍ତୁ ।

**ଡିମାଣ୍ଡ୍‌ରେ ଫଙ୍କି କଲର:**

ପିଲାଙ୍କ ଜମ୍ପ୍‌ସୁଟ୍ ପାଇଁ ଫଙ୍କି କଲର ପସନ୍ଦ କରନ୍ତୁ । ଏହା ସହିତ ମ୍ୟାଚିଂ ଆସେସରିଜ୍ ପିନ୍ଧାନ୍ତୁ । ବେଲ୍‌ଟ ଏବଂ ପ୍ଲାୱାର ପିନ୍ ଉପରେ ଧ୍ୟାନ ରଖିବେ ।

**ପ୍ରିଣ୍ଟସ:**

ପ୍ରିଣ୍ଟେଡ୍ ଜମ୍ପ୍‌ସୁଟ୍ ମଧ୍ୟରେ ଏଥନିକ୍ ଏବଂ ଟ୍ୟପିକାଲ୍ ପ୍ରିଣ୍ଟର ଡିମାଣ୍ଡ ଅଧିକ । ଏହା ବ୍ୟତୀତ ଫ୍ଲୋରାଲ୍ ପ୍ରିଣ୍ଟ ମଧ୍ୟ ପସନ୍ଦ କରିପାରିବେ । ଲାଟେଷ୍ଟ ଟ୍ରେଣ୍ଡରେ ଜୋଗ୍ରାଫିକାଲ୍ ପ୍ରିଣ୍ଟର ରହିଛି ବିଶେଷ ଚାହିଦା ।

**କଲର:**

ସ୍ଲିବ୍‌ଲେସ୍ ଜମ୍ପ୍‌ସୁଟ୍‌ରେ ବ୍ରାଇଟ୍ ଏବଂ ଡାର୍କ କଲରର ଏବେ ଡିମାଣ୍ଡ୍ ରହିଛି । ତେବେ ନୀଳ ଏବଂ କଳା ରଙ୍ଗର ଚାହିଦା ସବୁଠୁ ଅଧିକ ।





ଖାଦ୍ୟରୁଚି

# ଦମ୍ ଭେଣ୍ଡି

**ଆବଶ୍ୟକ ସାମଗ୍ରୀ:**

ଭେଣ୍ଡି ୮୦୦ ଗ୍ରାମ୍, ଗୋଲମରିଚ ୧/୪ ଚାମଚ, (କଟାଯାଇଥିବା) ପୁଦିନା ପତ୍ର ୩ ଚାମଚ, ଧନିଆପତ୍ର ୧ ଚାମଚ, କଂାଲଙ୍କା ୧ ଚାମଚ, ଲଙ୍କାଗୁଣ୍ଡ ୧ ଚାମଚ, ୫୦ ମି.ଲି. ତେଲ, ଗୋଟା ଚମଚ ମସଲା ପାଇଁ ସାମଗ୍ରୀ (ଡାଲଚିନି, ତେଜପତ୍ର ବଡ ଅଳେଇଚ, ଗୋଲମରିଚ, ଛୋଟ ଅଳେଇଚ) ଅଦା ରସୁଣ ପେଷ୍ଟ ୨ ଚାମଚ, ହଳଦୀଗୁଣ୍ଡ ୧ ଚାମଚ, ଦହି ୫୦ ଗ୍ରାମ, ଧନିଆଗୁଣ୍ଡ, କଟାଇଥିବା ପିଆଜ ୧୦୦ ଗ୍ରାମ , ଗୁଣ୍ଡ ଗରମ ମସଲା ଓ ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:**

ଭେଣ୍ଡିକୁ ଭଲ ଭାବେ ଧୋଇ ମଝିରୁ ଏମିତି କାଟିବେ ଯେମିତିକି ତାହା ସମ୍ପୂର୍ଣ୍ଣ କଟିବ ନାହିଁ । ଏକ ପ୍ୟାନ୍‌ରେ ତେଲ ଗରମ କରନ୍ତୁ । ଏଥିରେ ଗୋଟା ଗରମ ମସଲା ପକାଇ ଅଳ୍ପ ଭାଜନ୍ତୁ । ଅନ୍ୟ ଏକ ପ୍ୟାନ୍‌ରେ ତେଲ ଗରମ କରି କଟାଯାଇଥିବା ପିଆଜ ପକାନ୍ତୁ । ପିଆଜ ଭାଜି ହୋଇ ଆସିବା ବେଳକୁ ଅଦା ରସୁଣ ପେଷ୍ଟ ପକାଇ ଫ୍ରାଇଏ କରନ୍ତୁ । ପୁଦିନାପେଷ୍ଟ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଧନିଆ ଏବଂ ଶଉଖିଲା ଲଙ୍କା ପକାନ୍ତୁ । ଏବେ ଭେଣ୍ଡି ପକାଇ ସାମାନ୍ୟ ଭାଜି ଗରମ ମସଲା ପକାଇ ଗୋଳାନ୍ତୁ । କିଛି ସମୟ ପରେ ଦହିକୁ ଭଲ ଭାବେ ଫେଣ୍ଟି ଏଥିରେ ପକାନ୍ତୁ । ବର୍ତ୍ତମାନ ଜା ଯାଇଥିବା ଗୋଟା ଗରମ ମସଲା ପକାନ୍ତୁ । ଶେଷରେ ସୁଗନ୍ଧ ପାଇଁ ଏଥିରେ କେଶର ପକାଇପାରିବେ । ଏବେ ପ୍ରସ୍ତୁତ ହୋଇଗଲା ଦମ୍ ଭେଣ୍ଡି । ଏହାକୁ ଗରମ ଗରମ ପରଷନ୍ତୁ ।



# ନୂତନ ପେନ୍‌ସନ୍ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ଗଠିତ

ନିଶ୍ଚିନ୍ତକୋଇଲି, ୨/୧୨(ନି.ପ୍ର): ନେମାଳସ୍ଥିତ ଜାଗୁଲାଇ ପୀଠ ପ୍ରାଙ୍ଗଣରେ ନିଶ୍ଚିନ୍ତକୋଇଲି ବ୍ଲକର ସମସ୍ତ ନୂତନ ପେନ୍‌ସନ ଭୁକ୍ତ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଏକ ସାଧାରଣ ଅଧିବେଶନ ଶ୍ରୀଯୁକ୍ତ ନାରାୟଣ ଚାନ୍ଦଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୨୫୦ ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଆଲୋଚନା ପର୍ଯ୍ୟାଲୋଚନା ପରେ ନବନିର୍ମିତ ସଂଘର ପଦପଦବୀଧାରୀଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା । ନବଗଠିତ ସଂଘର ମୁଖ୍ୟ ଉପଦେଷ୍ଟା ଭାବେ ପ୍ରାକ୍ତନ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ନିଶ୍ଚିନ୍ତକୋଇଲି ଶ୍ରୀଯୁକ୍ତ ଲକ୍ଷ୍ମଣ କୁମାର ଲେଙ୍କା, ଆଇନ ଓ ଜନସଂପର୍କ ଉପଦେଷ୍ଟା ଶ୍ରୀଯୁକ୍ତ ସୀତାକାନ୍ତ ସାମଲ, ଉପଦେଷ୍ଟା ମଣ୍ଡଳୀର ଅନ୍ୟତମ ସଦସ୍ୟ ଭାବେ ଶ୍ରୀଯୁକ୍ତ ଧନେଶ୍ୱର ଜେନା, ସୟଦ୍‌ଅକ୍ତର ହୁସେନ, କୈଳାସ ଚନ୍ଦ୍ର ସେଠୀ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା । ସଭାପତି ଭାବେ ଶ୍ରୀଯୁକ୍ତ ନାରାୟଣ ଚାନ୍ଦ, କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ରବେୟା ସରୱାର, କୋଷାଧ୍ୟକ୍ଷ ଭାବେ ପ୍ରଭାକର ସ୍ୱାଇଁ, ଉପସଭାପତି ଶ୍ରୀଯୁକ୍ତ ସୁନାକର ଭୋଇ, ଦୁର୍ଯ୍ୟୋଧନ ବେହେରା, ଧରଣୀଧର ପରିଡା, ଉପସଭାନେତ୍ରୀ ମିନତୀ ନାୟକ, ସାଧାରଣ ସଂପାଦକ ଭାବେ ଶ୍ରୀଯୁକ୍ତ ସୁବାସ କୁମାର ରାଉତ, ସଂଗଠନ ସଂପାଦକ ଶ୍ରୀଯୁକ୍ତ ଅକ୍ଷୟ କୁମାର ପଟ୍ଟନାୟକ, ଯୁଗ୍ମ ସଂପାଦକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ନାୟକ, ଯୁଗ୍ମ ସଂପାଦିକା ଶ୍ରୀମତୀ ସୁନୀତା ବେହେରା, ପ୍ରଭାତୀ ବେହେରା, ସୁଶ୍ରୀ ସ୍ନେହଲତା ଦାସ, ସହସଂପାଦକ ସେକ୍ ଦ୍ୱିୱାନ, ବିଚିତ୍ରାନନ୍ଦ ବେହେରା, ଗଣମାଧ୍ୟମ ସଂଯୋଜକ ଶ୍ରୀଯୁକ୍ତ ଜ୍ଞାନେନ୍ଦ୍ର ରାଉତରାୟ ପ୍ରମୁଖଙ୍କୁ ମନୋନୀତ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଛି । କଟକ ଜିଲ୍ଲା ସଂଘ ସଭାପତି ଶ୍ରୀଯୁକ୍ତ ଶଙ୍କର୍ଷଣ ବେହେରା ଏହି ବୈଠକରେ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ ।



## ଡାବୁଗାଁ ବିଧାୟକଙ୍କ ଦ୍ୱାରା କୋଷାଗୁମୁଡା ବ୍ଲକର ୩ଟି ପଞ୍ଚାୟତରେ ଚାଷୀଙ୍କୁ ବୁଟ ଚଣା ବିହନ ବଣ୍ଟନ



ନବରଙ୍ଗପୁର, ୨/୧୨(ନି.ପ୍ର): ଡାବୁଗାଁ ବିଧାୟକ ଶ୍ରୀ ମୋନହର ରନ୍ଧାରୀଙ୍କ ଦ୍ୱାରା କୋଡ଼ିଙ୍ଗା ପଞ୍ଚାୟତ ନୂଆଗୁଡା, ଆଟିଗାଁ ପଞ୍ଚାୟତର ଡ଼ଙ୍ଗାବେଡା ଓ ତାରାଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚାଷି ମାନଙ୍କୁ ବୁଟ ଚଣା ବିହନ ବଣ୍ଟନ କରାଯାଇଥିଲା । କୃଷି ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଚଳିତ ବର୍ଷ କୋଷଗୁମୁଡା ବ୍ଲକରେ ୨୮୦୦ ଏକର ଜମିରେ ବୁଟ ଚାଷ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହା ଆର୍ଥିକ ସ୍ଥିତିରେ ସୁଧାର ଆଣିବା ସାଙ୍ଗେ ସାଙ୍ଗେ ମାଟିର ଉର୍ବରତାକୁ ଫେରାଇ ଆଣିବାରେ ବୁଟ ଚାଷ ସହାୟକ ହେବ ବୋଲି କୋଷଗୁମୁଡା କୃଷି ଅଧିକାରୀ ଏଓ ଧନୁର୍ଜୟ ଜାନୀ କହିଥିଲେ ଏବଂ ଏଭଳି କଲେ ଚାଷି ମାନେ ନିଶ୍ଚୟ ଲାଭବାନ ହେବେ ବୋଲି ବିଧାୟକ ମଧ ଉପସ୍ଥିତି ଚାଷି ମାନଙ୍କୁ ପରାମର୍ଶ ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ କୋଷଗୁମୁଡା କୃଷି ଅଧିକାରୀ ଧନୁର୍ଜୟ ଜାନୀଙ୍କ ସମେତ ସର୍ବେଶ୍ୱର କୁମାର ପାଢ଼ୀ, ଅଜୟ କୁମାର ମହାନ୍ତି ଏବଂ ଏନଜିଓ ତରଫରୁ ଦିନେଶ କୁମାର ପାନକା ଓ ଚାଷି ଭାଇ ମାନେ ଉପସ୍ଥିତି ଥିଲେ ।

## ଓଡ଼ିଶା ସାମ୍ବାଦିକ ସଂଘର କନ୍ଧମାଳ ଜିଲ୍ଲା ଶାଖା ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ



ଫୁଲବାଣୀ, ୨/୧୨(ନି.ପ୍ର): ଓଡ଼ିଶା ସାମ୍ବାଦିକ ସଙ୍ଘ କନ୍ଧମାଳ ଜିଲ୍ଲା ଶାଖା ପକ୍ଷରୁ ଆଜି ଜି. ଉଦୟଗିରି ଡାକବଙ୍ଗଳା ଠାରେ ନୂତନ କର୍ମକର୍ତ୍ତା ଚୟନ ସହ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିଥି ଭାବେ ରାଜ୍ୟ କୋଷଧକ୍ଷ ଅରୁଣ କୁମାର ଷଡ଼ଙ୍ଗି ଯୋଗ ଦେଇଥିଲେ । ଓଡ଼ିଶା ସାମ୍ବାଦିକ ସଂଘର କନ୍ଧମାଳ ଜିଲ୍ଲା ଶାଖାର ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ସର୍ବସହମତି କ୍ରମେ ରାଧାମୋହନ ମହାପାତ୍ରଙ୍କୁ ଜିଲ୍ଲା ସଭାପତି ଭାବେ ଚୟନ କରାଯାଇଥିବା ବେଳେ ସମ୍ପାଦକ ଭାବେ ପ୍ରିୟବ୍ରତ ସାହୁଙ୍କୁ ଚୟନ କରାଯାଇଛି । ଉପ ସଭାପତି ଭାବେ ଅନୀଲ ଦଳବେହେରା ଏବଂ ଭାଗିରଥି ନାଥ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସଞ୍ଜୟ ପାତ୍ର, ଉପଦେଷ୍ଟା ଭାବେ ବ୍ରଜବିହାରି ନନ୍ଦ, ଦେବନାଥ ଦଳବେହେରା, ପତିତପାବନ ସାହୁ, ଅରୁଣ କୁମାର ସଡଙ୍ଗୀ ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପ୍ରସନ୍ନ ମିଶ୍ର, ସଞ୍ଜୟ ମହାନ୍ତି, ସୁଜିତ କୁମାର ସାହୁ, ଚନ୍ଦ୍ର ଶେଖର ପାଢ଼ୀ ଓ କାଳୀ ଚରଣ ତ୍ରିପାଠୀଙ୍କୁ ଚୟନ କରାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ଼ ଯୋଗାଇ ଦେଇଥିବାରୁ କନ୍ଧମାଳ ଶାଖା ପକ୍ଷରୁ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହା ସହ ସାମ୍ବାଦିକଙ୍କ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ଭରସା ସମାଜ ସେବକ ସଂଗଠନ ପକ୍ଷରୁ ଦୁସ୍ଥ ପରିବାରକୁ ସହଯୋଗ ପ୍ରଦାନ

ମାହାଙ୍ଗା, ୨/୧୨(ନି.ପ୍ର): କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାସୁଦେବପୁର ଗ୍ରାମ ପଂଚାୟତ ବାସୁଦେବପୁର ଗ୍ରାମ ଦଳିତ ସାହିର ସ୍ୱର୍ଗତ ରାଧୁ ମଳିକଙ୍କ ସ୍ତ୍ରୀ ବାସନ୍ତୀ ମଳିକ (୮୦) ଙ୍କ ମୃତ୍ୟୁ ଘଟିଛି । ବାସନ୍ତୀ ଗରିବ ପରିବାରର ଏବଂ ନିଜ ପରିବାର କେହି ନଥିବାରୁ ତାଙ୍କ ପୁତୁରା ଉପରେ ନିର୍ଭର କରିଆସୁଥିଲେ । ପୁତୁରା ଶ୍ରୀଯୁକ୍ତ ଅଭିମନ୍ୟୁ ମଳିକ ବାସନ୍ତୀଙ୍କ ଶେଷକୃତ୍ୟ ସଂପନ୍ନ କରିଥିଲେ । ଭରସା ସମାଜସେବକ ସଂଗଠନ ପକ୍ଷରୁ ସଂଗଠନ ସଭାପତି ଅରୁଣ କୁମାର ରାଉତରାୟ, ସାଧାରଣ ସଂପାଦକ କେଶବ ଚନ୍ଦ୍ର ମହାନ୍ତି, ନରେଶ ଚନ୍ଦ୍ର ମହାନ୍ତି, ଅଭିମନ୍ୟୁଙ୍କ ବାସଭବନରେ ପହଞ୍ଚି ପରିବାରର ସଦସ୍ୟଙ୍କୁ କିଛି ଖାଦ୍ୟର ବ୍ୟବସ୍ଥା କରିବା ସହ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ସାଧାରଣ ସଂପାଦକ କେଶବ ଚନ୍ଦ୍ର ମହାନ୍ତିଙ୍କ ସହ ସଂଗଠନର ସଦସ୍ୟ ବିଶ୍ୱଜିତ୍ ସାହୁ, କରୁଣାକର ମହାରଣା ଓ ସୁଧାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



## ଆଦିବାସୀ ମହାସଂଘ ଓଡ଼ିଶା (ଏଏମଓ)ର ଭୁବନେଶ୍ୱର କମିଟି ଗଠିତ

ଭୁବନେଶ୍ୱର, ୨/୧୨(ନି.ପ୍ର): ଆଦିବାସୀ ମହାସଂଘ ଓଡ଼ିଶା (ଏଏମଓ) ଭୁବନେଶ୍ୱର ଶାଖା ଆନୁକୂଲ୍ୟରେ ଆସନ୍ତା୧୫, ଡିସେମ୍ବରରେ ହେବାକୁ ଥିବା ଆଦିବାସୀ ମହାସଂଘ ଓଡ଼ିଶା (ଏଏମଓ)ର ତୃତୀୟ ବାର୍ଷିକ ସାଧାରଣ ଅଧିବେଶନ ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ସିଟିଓ ବିଲ୍ଡିଂରେ ତୃତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଥିଲା । ଆଦିବାସୀ ମହାସଂଘ ଓଡ଼ିଶା (ଏଏମଓ)ର ସଭାପତି ଶ୍ରୀଯୁକ୍ତ କାର୍ମା ଲାକ୍ରାଙ୍କ ସଭାପତିତ୍ୱରେ ଉକ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଏଏମଓ ର ସାଧାରଣ ସଂପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ନାୟକ, ଉପ-ସଭାପତି ଶ୍ରୀଯୁକ୍ତ ଧ୍ରୁବ କାଲ, ଶ୍ରୀଯୁକ୍ତ ଅଜୟ କୁମାର ପ୍ରଧାନ, ସହ ସମ୍ପାଦକ ଶ୍ରୀଯୁକ୍ତ ପୁରୁଷୋତ୍ତମ ମାଝି, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ନବୀନ ଚନ୍ଦ୍ର ଗୁରୁ, କାର୍ଯ୍ୟକାରୀ ସଦସ୍ୟ ଶ୍ରୀଯୁକ୍ତ ମନୋଜ କୁମାର ପ୍ରଧାନ, ଭାରତୀୟ ଜୀବନ ବୀମା ନିଗମର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ବିବେକାନନ୍ଦ ପ୍ରଧାନ ତଥା ସଂଗଠନର ଅନେକ ସଦସ୍ୟ ଯୋଗ ଦେଇଥିଲେ । ଉକ୍ତ ବୈଠକରେ ଆଗାମୀ ୧୫/୧୨/୨୦୨୪ରେ ହେବାକୁ ଥିବା ତୃତୀୟ ବାର୍ଷିକ ସାଧାରଣ ଅଧିବେଶନର ସଫଳ ରୂପାୟନ ନିମନ୍ତେ ବିସ୍ତୃତ ଆଲୋଚନା ହେଇଥିଲା । କମିଟିର ପୂର୍ବ ସୂଚୀ ମୁତାବକ ଭୁବନେଶ୍ୱର ପାଇଁ 'ଏଏମଓ - ଭୁବନେଶ୍ୱର କମିଟି' ଗଠନ କରାଗଲା ଏବଂ ଉକ୍ତ କମିଟି ପାଇଁ ସଭାପତି ଭାବରେ ଶ୍ରୀଯୁକ୍ତ ବିବେକାନନ୍ଦ ପ୍ରଧାନ, ଉପ-ସଭାପତି ଭାବରେ ଶ୍ରୀଯୁକ୍ତ ଜି.ସି ଭଦ୍ରା, ସାଧାରଣ ସଂପାଦକ ଭାବରେ ଶ୍ରୀଯୁକ୍ତ ମନୋଜ କୁମାର ପ୍ରଧାନ, ଶ୍ରୀଯୁକ୍ତ ହିମାଂଶୁ କୁମାର ଭଇ, କୋଷାଧ୍ୟକ୍ଷ ଭାବରେ ଶ୍ରୀଯୁକ୍ତ କେରଲଦିନ୍ ପ୍ରଧାନ ଓ ଶ୍ରୀଯୁକ୍ତ ଜୀବନ ଧାରୁଆଙ୍କୁ ମନୋନୀତ କରାଗଲା । ଶେଷରେ ନୂଆ କମିଟିର ସଭାପତି ଶ୍ରୀଯୁକ୍ତ ବିବେକାନନ୍ଦ ପ୍ରଧାନ ଉପସ୍ଥିତ ଏଏମଓର ଶୀର୍ଷ ନେତୃବୃନ୍ଦ, କମିଟିର ମନୋନୀତ କାର୍ଯ୍ୟକାରୀ ସଦସ୍ୟ ବୃନ୍ଦ ତଥା ସଂଗଠନର ସମସ୍ତ ସଦସ୍ୟ-ସଦସ୍ୟା ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## ଦିବଙ୍ଗତ ମେଧାବୀ ଛାତ୍ର ରୋହିତଙ୍କ ଶ୍ରଦ୍ଧାଞ୍ଜଳୀ ଅବସରରେ ଅନାଥ ଆଶ୍ରମରେ ଅନ୍ନ ଓ ବସ୍ତ୍ର ଦାନ

ନିଶ୍ଚିନ୍ତକୋଇଲି, ୨/୧୨(ନି.ପ୍ର): ସେକ୍ ମତଲୁବ୍ ଅଲୀ ସ୍ମୃତି ସଂସଦ ମାହାଙ୍ଗା ଆନୁକୂଲ୍ୟରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ନିଶ୍ଚିନ୍ତକୋଇଲି ବ୍ଲକ ତରତଶାସନ ଗ୍ରାମ ପଂଚାୟତ ଦାମୋଦରପୁର ଗ୍ରାମର ପ୍ରାକ୍ତନ ପ୍ରଦେଶ କଂଗ୍ରେସ କମିଟି ସଂପାଦକ ପ୍ରଦୀପ୍ତ କୁମାର ଦାସଙ୍କ ସୁପୁତ୍ର ରୋହିତ କୁମାର ଦାସଙ୍କ ଅକାଳ ବିୟୋଗରେ ସଂସଦର ସଂପାଦକ ଆଇନଜୀବୀ ଦୀପକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅଡମହେଶପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶ୍ରଦ୍ଧାଞ୍ଜଳୀ ସଭାରେ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ସାହିତ୍ୟିକ ଡକ୍ଟର କାର୍ତ୍ତିକ ଚନ୍ଦ୍ର ବରାଳ, ସଂସଦର ଉପଦେଷ୍ଟା ତଥା ଆଗାମୀ ଶତାବ୍ଦୀ ପତ୍ରିକା ସଂପାଦକ ସେକ୍ ମାସୁଦ୍ ଅଲୀ, ପଣ୍ଡିତ ପ୍ରଭାତ କୁମାର କର, ସମାଜସେବୀ ଶ୍ୟାମସୁନ୍ଦର ସ୍ୱାଇଁ, ସୁକାନ୍ତ କୁମାର ନନ୍ଦ ଓ ଅଶୋକ କୁମାର ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରୋହିତ କୁମାର ଦାସ ଜଣେ ମେଧାବୀ ଛାତ୍ର ତଥା ସରଳ ନିଷ୍କପଟ ପିତୃମାତୃଭକ୍ତ ଓ ମେଧାବୀ ଛାତ୍ର ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଅନୁଷ୍ଠିତ ସଭାରେ ବହୁ ମାନସିକ ବିକାରଗ୍ରସ୍ତ ଓ ଦିବ୍ୟାଙ୍ଗ ପିଲାମାନେ ଯୋଗଦେଇ ରାମଧୁନ୍ ଓ ଭଜନ ଗାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅରୁଣ କୁମାର ନାୟକ, କିଶୋର କୁମାର ଭୂୟାଁ, ରବିନାରାୟଣ ସାହୁ, ଭାନୁଚରଣ ପରିଡା, ନଳିନୀ କାନ୍ତ ନାୟକ, ଭ୍ରମରବର ଦାସ, କୈବଲ୍ୟ ମହାନ୍ତି, କୁଶାସନ ମଳିକ, ସେକ୍ ଜାବିର, ଅବିନାଶ ନାୟକ, ଭବାନୀ ଶଙ୍କର ଲେଙ୍କା, ବଳରାମ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସେଠୀ, ସମୀର କୁମାର ପ୍ରଧାନଙ୍କ ସମେତ ବହୁ କୁନି କୁନି ପିଲାମାନେ ଯୋଗଦେଇଥିଲେ । ପ୍ରଥମେ ରୋହିତଙ୍କ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ତାଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳର ଅନାଥ ଆଶ୍ରମରେ ଅନ୍ନ ଓ ବସ୍ତ୍ରଦାନ କରାଯାଇଥିଲା । ସ୍ୱର୍ଗତ ରୋହିତଙ୍କ ପରିବାର ସଦସ୍ୟ ସଦସ୍ୟା, ବନ୍ଧୁବାନ୍ଧବ ଓ ଜ୍ଞାତି କୁଟୁମ୍ବଙ୍କ ଉପସ୍ଥିତିରେ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ନବ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ - ନୂତନ ପେନ୍‌ସନ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ

ନିଶ୍ଚିନ୍ତକୋଇଲି, ୨/୧୨(ନି.ପ୍ର): :ନବଗଠିତ ନୂତନ ପେନ୍‌ସନ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳରେ ନବନିଯୁକ୍ତ ୬୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ବାହାର ଜିଲ୍ଲାରୁ ଏହି ବ୍ଲକରେ ଯୋଗଦାନ କରିଥିବା ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏପରିକି ମୋଟ ୭୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ନବଗଠିତ ନୂତନ ପେନ୍‌ସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ସମସ୍ତ ପଦପଦବୀଧାରୀଙ୍କ ସମେତ ସଂଘର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଏହି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା ।

## ତୁରୁମୁଙ୍ଗା ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉଦଘାଟିତ

ପାଟଣା, ୨/୧୨(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତୁରୁମୁଙ୍ଗାର ୨୯ତମ ତଥା ରଜତ ଜୟନ୍ତୀ ପାଳନ ବର୍ଷର ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଛି । ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତୁରୁମୁଙ୍ଗା ଥାନାର ସବ୍ ଇନ୍‌ସପେକ୍ଟର ରସାନନ୍ଦ ନାଏକ ଯୋଗଦେଇ କ୍ରୀଡାଧ୍ୱଜା ଉତ୍ତୋଳନ କରି ଉକ୍ତ କ୍ରୀଡା ସମାରୋହକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ଅଧିକାରୀ ବିଭୀଷଣ ମହାନ୍ତ ଯୋଗଦେଇ ସ୍ଥାନୀୟ ଗିରିଜା ଶଙ୍କର ମନ୍ଦିରରୁ କ୍ରୀଡାବିତ ବିଶ୍ୱ ସ୍ନେହାସିଶ ସାହୁ ଓ ଆଶିଷ କୁମାର ବାରିକଙ୍କ ଦ୍ୱାରା ଆନିତ କ୍ରୀଡାଜ୍ୟୋତିକୁ ପ୍ରଜ୍ୱଳନ କରିଥିଲେ । ତତସହିତ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହି ଦେଶ ମାତୃକାର ସେବା କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥିଭାବେ ସାମ୍ବାଦିକ ସନ୍ତୋଷ କୁମାର ପତି, ଶିଶୁ ମନ୍ଦିର ସମ୍ପାଦକ ପ୍ରମୋଦ କୁମାର ସାହୁ, ବିଦ୍ୟାମନ୍ଦିର ବିଭାଗର ସମ୍ପାଦକ ସତ୍ୟବାଦୀ ସାହୁ, ଉପସଭାପତି ସୁଧାଂଶୁ ଶେଖର ସାହୁ ଓ କୋଷାଧକ୍ଷ ବିଚିତ୍ର କୁମାର ସାହୁ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ପ୍ରଥମେ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ସୁଧାଂଶୁ ଶେଖର ସାହୁ ସ୍ୱାଗତ ଭାଷଣ ଦେଇଥିଲେ ।

## ଅଟଳସେନା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ସାଲେପୁର, ୨/୧୨(ନି.ପ୍ର): ଅଟଳସେନା ଓଡିଶାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅଟଳସେନା ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ସାଲେପୁରସ୍ଥିତ ଶାରଳା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକାରିଣୀ ବୈଠକରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଓ ଅଟଳ ସେନାର ୨୫ତମ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଅଟଳ ସେନାର ମୁଖ୍ୟ ଉପଦେଷ୍ଟା ଇଂ. ଚୌଧୁରୀ ପ୍ରଭାତ କେଶରୀ ମିଶ୍ରଙ୍କୁ ଶତବାର୍ଷିକୀ କମିଟିର ଅଧ୍ୟକ୍ଷ ରୂପେ ମନୋନୀତ କରାଯାଇଛି । ଶତବାର୍ଷିକୀ ଉତ୍ସବ ଅବସରରେ ରକ୍ତଦାନ ଶିବିର ବକ୍ତୃତା ପ୍ରତିଯୋଗିତା, ପ୍ରବନ୍ଧ ଲିଖନ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କରାଯିବା ସହ ପ୍ରତିଭା ଚୟନ ପାଇଁ ଏକ କମିଟି ଗଠନ କରାଯାଇଥିବା ଜଣାଯାଇଛି । କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି । ବୈଠକରେ ଡଃ. ଉମେଶ ଚନ୍ଦ୍ର ପତି, ଉପଦେଷ୍ଟା ହିଂମାଂଶୁ ମହାନ୍ତି, ଡ. ପ୍ରଭାତ କିଶୋର ନାୟକ, ଡଃ. ପୂର୍ଣ୍ଣଚନ୍ଦ୍ର ଓଝା, ସଂଗଠନ ମନ୍ତ୍ରୀ ରବିନ୍ଦ୍ର କୁମାର ବେହେରା, ବିଶ୍ୱଜିତ୍? ଷଡଙ୍ଗୀ, ପ୍ରଦୀପ୍ତ କୁମାର ବିଶ୍ୱାଳ, ଲକ୍ଷ୍ମୀନାରାୟଣ ରାଉତ, ସସ୍ମିତା ବେହେରା, ଦୀପ୍ତିମୟୀ ରାଉତ, ଝରୀ ସୁନ୍ଦର ମଲ୍ଲିକ, ବିଜୟିନୀ ନାୟକ, ମନୋଜ ବିଶ୍ୱାଳ, ପ୍ରତାପ କିଶୋର ମିଶ୍ର, ନିରୁପମା ସିଂହ, ହରେକୃଷ୍ଣ ସାମଲ, ବିଭୂତି ଭୂଷଣ ପାତ୍ର, କୁଳମଣୀ ବାରିକ, ଗୌତମ ରାୟ ଚୌଧୁରୀ, ମାନସ ରଂଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ତାପସ ରଂଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପେଟ୍ରୋଲ ପମ୍ପରେ ତେଲ ପକାଇବା ବେଳେ ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି, ୨/୧୨(ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଗତ ଦାଉଦପୁର ଗ୍ରାମ ପଂଚାୟତ ଚାନ୍ଦପୁର ଗ୍ରାମର ଯୁବ ବ୍ୟବସାୟୀ ପ୍ରଶାନ୍ତ ସାମଲ (୪୫)ଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି । ପ୍ରଶାନ୍ତ ନେମାଳ ପେଟ୍ରୋଲ ପମ୍ପରେ ନିଜ ମୋଟର ସାଇକେଲରେ ପେଟ୍ରୋଲ ପକାଇବା ସମୟରେ ହଠାତ୍ ଟଳି ପଡିଥିଲେ । ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ସେଠାରେ ସେ ମୃତ୍ୟୁ ବରଣ କରିଥିବା ଜଣାପଡିଥିଲା । ପ୍ରଶାନ୍ତଙ୍କ ଶବକୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡିକାଲକୁ ପଠାଯାଇଥିବା ସୂଚନା ମିଳିଛି । ସେ ଜଣେ ଯୁବ ବ୍ୟବସାୟୀ । ଯାତ୍ରୀବାହୀ ବସ୍ ଶାନ୍ତିଲତାର ମାଲିକ । ତାଙ୍କର ଉତ୍ତମ ବ୍ୟବହାର ଓ ମିଷ୍ଟଭାଷା ପାଇଁ ସେ ସଭିଙ୍କ ପାଖରେ ପ୍ରିୟ ହୋଇପାରିଥିଲେ । ତାଙ୍କ ବିୟୋଗରେ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ରମାକାନ୍ତ ବେହେରା ଗଭୀର ଶୋକବ୍ୟକ୍ତ କରିବା ସହ ସ୍ୱର୍ଗତ ଦାସଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ । ସେହିପରି ଜିଲ୍ଲାପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ, ଦାଉଦପୁର ସରପଂଚ ଲଳିତେନ୍ଦୁ ବିଶୋଇ, ସମିତିସଭ୍ୟ ଆଶିଷ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି ।

## ଅତାବିରା ଅନ୍ତର୍ଗତ ରେଙ୍ଗାଲିକ୍ୟାମ୍ପ ଠାରେ ନାଟ୍ୟ ମହର୍ଷି ସ୍ୱର୍ଗତ ଗୁରୁ ଭଗବାନ ସାହୁଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ପୁସ୍ତକ ଉନ୍ମୋଚିତ

ଅତାବିରା, ୨/୧୨(ନି.ପ୍ର): ବରଗଡ ଜିଲା ଅତାବିରା ବ୍ଲକ ଅଧିନ ରେଙ୍ଗାଲିକ୍ୟାମ୍ପ ଠାରେ ବ୍ଲକ ଆଂଚଳିକ ସାହିତ୍ୟ ପରିଷଦ ତରଫରୁ ନାଟ୍ୟ ମହର୍ଷି ସ୍ୱର୍ଗତ ଗୁରୁ ଭଗବାନ ସାହୁଙ୍କ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ତାଙ୍କ ଜୀବନ ଉପରେ କବି କିଶୋର ଚନ୍ଦ୍ର ପାତ୍ର ଆଲୋକପାତ କରିଥିଲେ । ଏହି ଅବସରରେ କବି ଧର୍ମରାଜ ପ୍ରଧାନଙ୍କ ରଚିତ କବିତା ସଂକଳନ ଅନ୍ତିମ ଅଭିଳାଷ ଉନ୍ମୋଚିତ ହୋଇଥିଲା । କବିତା ସଂକଳନ ଉନ୍ମୋଚନ ସମୟରେ ଆଂଚଳିକ ସାହିତ୍ୟ ପରିଷଦର ସଭାପତି ଦଶରଥ ଭୋଇ, ସମ୍ପାଦକ ସୁରେନ୍ଦ୍ର କଠାର, କବି କିଶୋର ଚନ୍ଦ୍ର ପାତ୍ର, ନାଟ୍ୟକାର ମନୋଜ ଭୋଇ, କବି ଧର୍ମରାଜ ପ୍ରଧାନ, କବି କେତନ ରଣା, କବି ଦୁର୍ଲଭ ଗଡତିଆ, କବି ସଂଜୁ ପଧାନ, ସୁବାଷ ପ୍ରଧାନ ଓ ଶନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## କୋଷାଗୁମୁଡ଼ା ଅନ୍ତର୍ଗତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଏଡ଼ସ ଦିବସ ପାଳନ



କୋଷାଗୁମୁଡ଼ା, ୨/୧୨(ନି.ପ୍ର): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଯୁବ ରେଡକ୍ରସ,ରେଡ ରିବନ କ୍ଲବ ଏବଂ କୋଡିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ସହଯୋଗରେ ଏଡ଼ସ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ସର୍ବପ୍ରଥମେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଏକ ବିରାଟ ରାଲିରେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ଏଡ଼ସ ଦିବସ ଅବସରରେ ଲୋକ ମାନଙ୍କୁ ସଚେତନ କରିଥିଲେ । ଉକ୍ତ ସଚେତନତା ରକ୍ଷଲିକୁ ଥାନା ଅଧିକାରୀ ଶ୍ରୀ ଯୁଗଳ ଶବର, ଅଧକ୍ଷା ଶ୍ରୀମତୀ ଅମିତା ରାୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହାପରେ ଅନୁଷ୍ଠାନର ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଡ଼କ୍ଷବୁଗାଁ ବିଧାୟକ ଶ୍ରୀ ମନୋହର ରନ୍ଧକ୍ଷରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କୋଡିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ାକ୍ତର ଅନୁରାଧା ଦାସ ମୁଖ୍ୟବକ୍ତା ଏବଂ କୋଡିଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ଯୁଗଳ ଶବର, ଫାର୍ମାସିଷ୍ଟ ହରିହର ପୂଜାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅନୁଷ୍ଠାନର ଅଧକ୍ଷକ୍ଷ ଶ୍ରୀମତୀ ଅମିତା ରାୟଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ତଥା ଅନୁଷ୍ଠାନର ରେଡ଼କ୍ରସ ଅଧିକାରୀ ଅଖିଳ କୁମାର ଭଟ୍ଟ ସ୍ୱାଗତ ଭାଷଣ ପ୍ରଦାନ କରି ମଞ୍ଚ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ମାନେ ଏଡ଼ସ ଭଳି ଏକ ମାରାତ୍ମକ ରୋଗ ଦ୍ୱାରା ଆଜିର ଯୁବ ସମାଜ କିଭଳି ପଥଭ୍ରଷ୍ଟ ହୋଇ ନିଜର ମୂଲ୍ୟବାନ ଜୀବନ ହରାଇ ଦେଉଛି ଏବଂ ଏହାର ସମୂହ ମୂଳୋତ୍ପାଟନ ପାଇଁ ସଚେତେନତକ୍ଷ ହେଉଛି ସବୁଠାରୁ ବଡ଼ ଔଷଧ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପୂର୍ବରୁ ଆୟୋଜିତ ପ୍ରବନ୍ଧ, ବିତର୍କ, ଚିତ୍ରାଙ୍କନ, ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ମଞ୍ଚାସିନ ଅତିଥି ମାନେ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ । ସ୍ଥାନୀୟ କୋଡ଼ିଙ୍ଗକ୍ଷ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଆଞ୍ଚଳିକ ଭାଷାରେ ପଥପ୍ରାନ୍ତ ନାଟକ ମଧ ଆୟୋଜନ କରଯାଇଥିଲା ଓ ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ, କୋଡ଼ିଙ୍ଗକ୍ଷ ସ୍ୱାସ୍ଥ୍ୟକେନ୍ଦ୍ରର ବହୁ ଆଶାକର୍ମୀ, କୋଡ଼ିଙ୍ଗକ୍ଷ ଥାନାର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ ।

## ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଓଡ଼ିଶା ରାଜ୍ୟ ଶାଖା ସମ୍ମିଳନୀ - ୨୦୨୪ ଅନୁଷ୍ଠିତ

ଭୁବନେଶ୍ୱର, ୨/୧୨(ନି.ପ୍ର): ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଓଡ଼ିଶା ରାଜ୍ୟ ଶାଖାର ଏକଦିବସୀୟ ରାଜ୍ୟ ସମ୍ମିଳନୀ ଭୁବନେଶ୍ୱର ସ୍ଥିତ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ତଥା କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଲେ ଓଡ଼ିଶା ପାଇଁ ଗୌରବାନିତ୍ୱ ମୁହୂର୍ତ୍ତ ୨୦୩୬ ମସିହାରେ ଓଡ଼ିଶା ଶତବାର୍ଷିକୀ ପାଳନ କରିବ । ରାଷ୍ଟ୍ର ହିତରେ ଶିକ୍ଷକ ଶିକ୍ଷକ ହିତରେ ସରକାର,ସରକାରଙ୍କ ହିତରେ ସମାଜ ଏହା ମୂଳମନ୍ତ୍ର । ଶିକ୍ଷକମାନେ ପ୍ରଥମ ପହଁଚି ରେ ରହିବେ । ଆମ ରାଜ୍ୟର ଶୈକ୍ଷିକ ସମୃଦ୍ଧି ସାରାବିଶ୍ୱରେ ଏକ ଐତିହାସିକ ଶ୍ରେଷ୍ଠତ୍ୱ ଯାହାକି ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ପୃଥିବୀର ସର୍ବ ପ୍ରଥମ ବିଶ୍ୱବିଦ୍ୟାଳୟ ଆମ ଓଡ଼ିଶାରେ ଥିଲା । ଏହା ଉପରେ ଶିକ୍ଷକମାନେ ଗବେଷଣା ଯୁକ୍ତ ହୋଇ ତଥ୍ୟ ଭିତିକ ପ୍ରତିପାଦନ କରିବାକୁ କହିଥିଲେ । କାର୍ଯ୍ୟକ୍ରମରେ ଡ. ନିରଞ୍ଜନ ମହାନ୍ତି ସଂଯୋଜନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ସାଧାରଣ ସମ୍ପାଦକ ଶ୍ରୀ ମହେନ୍ଦ୍ର କପୁର, ଉପସଭାପତି ମହେନ୍ଦ୍ର କୁମାର, ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ ଅଧକ୍ଷ ଡ. ପ୍ରକାଶ ଚନ୍ଦ୍ର ଅଗ୍ରୱାଲ, ରାଜ୍ୟ ସଭାପତି ଶ୍ରୀଯୁକ୍ତ ନିଲୁରାମ୍ ଜେନା, ପୂର୍ବାଂଚଳ ସଂଗଠନ ସମ୍ପାଦକ ଆଲୋକ ଚଟ୍ଟୋପାଧାୟ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ନାରାୟଣ ମହାନ୍ତି, ରାଜ୍ୟ ସଂଯୋଜକ ଡ.ପବିତ୍ର କୁମାର ରଥ ଓ ରାଜ୍ୟ ସଂଗଠନ ସମ୍ପାଦକ ଡକ୍ଟର ନିରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ କହିଥିଲେ ଯେ, ୧୯୮୮ ମସିହାରେ ବିଦ୍ୟାଳୟ କ୍ଷେତ୍ରରେ ଅଖିଳ ଭାରତ ଶୈକ୍ଷିକ ମହାସଂଘର ବୀଜ ବିପନ କରାଯାଇଥିଲା ବର୍ତମାନ ଏଥିରେ ୧୩ ଲକ୍ଷ ସଭ୍ୟ ଉକ୍ତ ମହସଂଗରେ ଅଛନ୍ତି । ଜାତୀୟ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରି ହେବ ପାଇଁ ମହାସଂଘ ତତ୍ପର ଚେଷ୍ଟିତ । ଆବଶ୍ୟକ ହେଲେ ଶିକ୍ଷକଙ୍କ ହିତରେ ଆନ୍ଦୋଳନ କରିବାକୁ ହୁଏ ବୋଲି କହିଥିଲେ ।

## ସରକାରୀ ବାସଭବନରେ କୃଷି ଉଦ୍ୟାନ ବିଭାଗ କର୍ମଚାରୀଙ୍କ ଆତ୍ମହତ୍ୟା

କନ୍ଧମାଳ, ୨/୧୨(ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ କୃଷି ଉଦ୍ୟାନ ବିଭାଗରେ ସରକାରୀ ବାସଭବନରେ ଦଉଡ଼ି ଦେଇ କର୍ମଚାରୀଙ୍କ ଆତ୍ମହତ୍ୟା ଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ମୃତକ ଜଣକ ହେଲେ ଫୁଲବାଣୀ କୃଷି ଉଦ୍ୟାନ ବିଭାଗ କର୍ମଚାରୀ ବିଜୟ କୁମାର ନାୟକ ବୋଲି ଜଣାପଡ଼ିଛି । ଘଟଣାସ୍ଥଳରେ ଫୁଲବାଣୀ ଟାଉନ୍ ଥାନା ପୁଲିସର ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ ?କରିଛି । ସେପଟେ ବିଜୟଙ୍କ ଆତ୍ମହତ୍ୟା ଘଟଣାକୁ ସହଜରେ ବିଶ୍ୱାସ କରିପାରୁନାହାନ୍ତି ପରିବାର ଲୋକେ ଅନ୍ୟ ପଟେ ମୃତକଙ୍କ ପୁଅ ଆଣିଲେ ହତ୍ୟା ଅଭିଯୋଗ । ସୂଚନା ଅନୁସାରେ, ଶନିବାର ଅପରାହ୍ନରେ ମୃତକ ବିଜୟ କୁମାର ନାୟକ ନିଜ ଝିଅ ଓ ସ୍ତ୍ରୀଙ୍କ ସହ ଫୋନରେ କଥା ହେବା ସହ ପୁଅ ପାଖକୁ ଅନଲାଇନରେ ଦୁଇ ହଜାର ଟଙ୍କା ପଠାଇଥିଲେ । ଏଥି ସହିତ ସେ ରାତିରେ ବସରେ ଭୁବନେଶ୍ୱର ଯିବେ ଏବଂ ସେଠାରୁ ଭଦ୍ରକ ନିଜ ଗାଁକୁ ଯିବେ ବୋଲି ସ୍ତ୍ରୀଙ୍କୁ କହିଥିଲେ । କିନ୍ତୁ, ଅପରାହ୍ନ ୪ଟା ୧୫ ମିନିଟ୍ ସମୟରେ ବିଜୟ ନିଜ ସରକାରୀ ବାସ ଭବନରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଖବର ସ୍ତ୍ରୀ ବାସନ୍ତୀ ନାୟକଙ୍କୁ ଜଣାଇଥିଲେ ଉଦ୍ୟାନ କୃଷି ନିର୍ଦ୍ଦେଶକ । ରବିବାର ପରିବାର ଲୋକେ ଫୁଲବାଣୀ ପହଞ୍ଚିବା ପରେ ପୋଲିସ୍ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ।

# ଭୀମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ଼ସ ଦିବସ ଆୟୋଜିତ




ପାଟଣା, ୨/୧୨(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆସ୍ଥ ଭିମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ରେଡ ରିବନ କ୍ଲବ ତରଫରୁ ଯୁବ ରେଡକ୍ରସ୍ ମାର୍ଗଦର୍ଶକ ସନ୍ତୋଷ କୁମାର ସେନାପତିଙ୍କ ସଂଯୋଜନାରେ ବିଶ୍ୱ ଏଡ଼ସ ଦିବସ ପରିପ୍ରେକ୍ଷୀରେ ଏକ ଜନଚେତନା ପଦଯାତ୍ରା ସହ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀଙ୍କ ଉଦ୍ଦେଶ୍ୟରେ ଏକ ସଭା ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସ୍ୱେଚ୍ଛାସେବୀମାନେ ଏକ ପଦଯାତ୍ରା ମାଧ୍ୟମରେ ଡୁମୁରିଆ ଗ୍ରାମ ପରିକ୍ରମା ସହ ସାଧାରଣ ଜନତାଙ୍କୁ ଏଚଆଇଭି ଓ ଏଡ଼ସର କାରଣ ଓ ନିରାକରଣ ନିମିତ୍ତ ପ୍ରଚାର ପତ୍ର ମାଧ୍ୟମରେ ସଚେତନ କରାଇଥିଲେ । ଯୁବ ରେଡ଼କ୍ରସ ମାର୍ଗଦର୍ଶକ ମଧ୍ୟ ସ୍ୱେଚ୍ଛାସେବୀମାନଙ୍କ ସହ ଏଚଆଇଭି ଓ ଏଡ଼ସ ର ଉତ୍ପତ୍ତି, କାରଣ, ନିରାକରଣ ଓ ଏହା କିପରି ବ୍ୟାପେ ନାହିଁ ସେ ସମ୍ବନ୍ଧରେ ଆଲୋଚନା କରିଥଲେ । ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର କର୍ମଚାରୀ ସନ୍ଦୀପ କୁମାର ମହାନ୍ତ, କାହ୍ନୁ ଚରଣ ପଲେଇ ତଥା ଯୁବ ରେଡକ୍ରସର ସମସ୍ତ ସ୍ୱେଚ୍ଛାସେବୀ ସହଯୋଗ କରିଥଲେ ।

# ପରବ - ୨୦୨୪ ଉପଲକ୍ଷେ କୋଟପାଡ଼ ଠାରେ ଜିଲ୍ଲା-ସ୍ତରୀୟ ଫୁଟବଲ ମ୍ୟାଚ ଅନୁଷ୍ଠିତ

କୋରାପୁଟ / କୋଟପାଡ଼, ୨/୧୨(ନି.ପ୍ର): ରାଜ୍ୟ ସ୍ତରୀୟ ଆଦିବାସୀ ମହୋତ୍ସବ 'ପରବ - ୨୦୨୪' ଅବସରରେ ଆୟୋଜିତ ଜିଲ୍ଲା-ସ୍ତରୀୟ ଫୁଟବଲ ପ୍ରତିଯୋଗିତା କୋଟପାଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ ବ୍ଲକ ଏବଂ ସହରାଞ୍ଚଳକୁ ମିଶାଇ ୧୮ଟି ଦଳ ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ପଞ୍ଜିକୃତ କରିଥିବା ବେଳେ ୧୨ ଟି ଦଳ ଅଂଶଗ୍ରହଣ କରିଥିଲେ । ସମସ୍ତ ଲିଗ ମ୍ୟାଚ ଭୈରବ ପଡିଆ ଏବଂ ନୂଆଗୁଡା ସ୍ପୋର୍ଟିଂ କ୍ଲବ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ କୋଟପାଡ଼ ବ୍ଲକ ଅଧକ ଉଦଘାଟନ କରିଥିବା ବେଳେ ଏନଏସି ଅଧକ ଏମ.ଶଙ୍କର ରାଓ, ଖେଳ ଆରମ୍ଭ କରିବା ପାଇଁ ଘୋଷଣା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା କୋଟପାଡ଼ ବିଡ଼ିଓ ଶ୍ରୀ ବିକ୍ରମ କୁମାର ଦୋରାଙ୍କ ପ୍ରମୁଖ ଭୂମିକା ଥିଲା । ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ବାଗସିଙ୍ଗ, ଜିପିଡିଓ ସୁଧାଂଶୁ ରଥ, ସମାଜ କଲ୍ୟାଣ ଅଧିକାରୀ ବଳରାମ ଭତ୍ରା ତଥା ସମସ୍ତ ବ୍ଲକ ଏବଂ ଏନଏସି କର୍ମଚାରୀ ତାଙ୍କୁ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଜିଲ୍ଲା କ୍ରୀଡା ଅଧିକାରୀ ଜ୍ଞାନଜୀତ ତ୍ରିପାଠୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଅଧିକାରୀ ଭାବେ ନିୟୋଜିତ ଥିବା ବେଳେ ତାଙ୍କୁ ପ୍ରକାଶ କୁମାର ସାମଲ, ଧିଳେଶ୍ୱର ପଣ୍ଡା, ଅବନିକାନ୍ତ ଭୁଂୟା, ଅନନ୍ତ କୁରୋମି ପ୍ରମୁଖ ସହଯୋଗ କରିଥିଲେ । ଜିଲ୍ଲାର ସମସ୍ତ ପିଇଟି ଶିକ୍ଷକ ମାନେ ରେଫେରି ତଥା ଅନ୍ୟ ସହାୟକ କାର୍ଯ୍ୟ ତୁଲାଉଥିବା ଦେଖିବାକୁ ମିଳିଥିଲା । କୋଟପାଡ଼ ବ୍ଲକ ପ୍ରଶାସନ ଖେଳାଳିଙ୍କ ରହିବା, ଖାଇବାର ସୁନ୍ଦର ବ୍ୟବସ୍ଥା କରିଥିଲେ । ଫାଇନେଲ ମ୍ୟାଚରେ କୋରାପୁଟ ମୁନିସିପାଲଟି ଟିମ ଲମତାପୁଟ ଟିମକୁ ୪ ଗୋଲରେ ପରାସ୍ତ କରି ଚମ୍ପିୟାନ ଘୋଷିତ ହୋଇଥିଲେ । ଲମତାପୁଟ ଟିମକୁ ରନର୍ସ-ଅପ ଟ୍ରଫି କୋଟପାଡ଼ ଭୈରବ ପଡ଼ିଆରେ ଦିଆଯାଇଥିବା ବେଳେ ଚମ୍ପିଅନ କୋରାପୁଟ ଟିମକୁ କୋରାପୁଟ ଜିଲ୍ଲା କାର୍ଯ୍ୟକ୍ରମରେ ସମ୍ମାନିତ କରାଯିବାକୁ ଘୋଷଣା କରାଯାଇଥିଲା । କୋଟପାଡ଼କୁ ଏହି ଜିଲ୍ଲା-ସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଆୟୋଜକ କରାଯାଇଥିବାରୁ ଅଞ୍ଚଳବାସୀ ଜିଲ୍ଲାପାଳ ଶ୍ରୀ ଭି.କୀର୍ତ୍ତୀ ବାସନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



# ପୋଲସରା କଲେଜରେ ବିଶ୍ୱ ଏଡସ ଦିବସ ପାଳନ



ପୋଲସରା, ୨/୧୨(ନି.ପ୍ର): ଗଞ୍ଜାମ ଜିଲ୍ଲା ରାଜ୍ୟରେ ଏକ ଏଡସ ରୋଗ ବହୁଳ ଜିଲ୍ଲା। ଗଞ୍ଜାମ ଜିଲ୍ଲାରେ ମୋଟ ୧୮ହଜାର ୪୮୪ ଜଣ ଏଡସ ରୋଗୀ ଚିହ୍ନଟ ହୋଇଛନ୍ତି । ସେଥି ମଧ୍ୟରୁ ପୋଲସରା ବ୍ଲକ ଓ ଏନଏସି ରେ ମୋଟ ୧୩୪୨ ଜଣ ଥିବା ବେଳେ ଗଞ୍ଜାମ ଜିଲ୍ଲାରେ ପ୍ରଥମ ସ୍ଥାନରେ ରହିଅଛି । ଏହି କାରଣ ଯୋଗୁଁ ପୋଲସରା ଅଞ୍ଚଳରେ ଏଡସ ସଚେତନତାର ଯଥେଷ୍ଟ ଆବଶ୍ୟକ ରହିଛି । ପ୍ରଶଂସନୀୟ ବିଷୟ ପୋଲସର ବିଜ୍ଞାନ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍ ଓ ରେଡ୍ ରିବନ କ୍ଲବ୍ ପକ୍ଷରୁ ଡିସେମ୍ବର ୦୧ ତାରିଖ ଦିନ ବିଶ୍ୱ ଏଡସ ଦିବସ ଉପଲକ୍ଷେ ଏଚଆଇଭି / ଏଡ଼ସ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଦିବସ ଅବସରରେ ମହାବିଦ୍ୟାଳୟ ଆଡମିନିଷ୍ଟ୍ରଟିଭ ତଥା ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ରୁଦ୍ର ପ୍ରସାଦ ଗୌଡ଼ ପ୍ଲାକାର୍ଡ ଧରି ଶୋଭଯାତ୍ରାକୁ ଉଦଘାଟନ କରିଥିଲେ । ଯୁବ ରେଡକ୍ରସ୍ କାଉନସିଲ ବିଶ୍ୱନାଥ ଚୌଧୁରୀ, ଜାତୀୟ ସେବା ଯୋଜନାର ତିନିଗୋଟି ୟୁନିଟର ପ୍ରୋଗ୍ରାମ ଅଫିସର ସେକ ଫରିଦ, ପ୍ରକାଶ ଚନ୍ଦ୍ର ସାହୁ ଓ ବସନ୍ତ କୁମାର ପାଣି ସଂଯୋଜନା କରିଥିଲେ । ସ୍ୱେଚ୍ଛାସେବୀ ମାନେ ପ୍ଲାକାର୍ଡ ମାଧ୍ୟମରେ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ଏଡ଼ସରୁ ଦୁରେଇ ରହିବା ପାଇଁ ସଚେତତା କରିଥିଲେ । ଶୋଭାଯାତ୍ରା କଲେଜ ଛକ, ବ୍ଲକ ଛକ, ହାଇସ୍କୁଲ ଛକ ଦେଇ କଲେଜକୁ ଫେରିଥିଲା । ଇତିହାସ ବିଭାଗର ମୁଖ୍ୟ ଶାନ୍ତନୁ କୁମାର ପ୍ରଧାନ ସହଯୋଗ କରିଥିଲେ ।

# କନ୍ଧମାଳ ଜିଲ୍ଲା ମିଡିଆକିଆ ଅନ୍ତର୍ଗତ ନୂଆସାହି ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଏଡ଼ସ ଦିବସ ପାଳିତ



ବାଲିଗୁଡା, ୨/୧୨(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ମିଡିଆକିଆ ପଞ୍ଚାୟତର ନୂଆସାହି ପ୍ରାଥମିକ ବିଦ୍ୟାଳୟ ତରଫରୁ ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗଦୀଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ଛାତ୍ରଛାତ୍ରୀ ମାନେ ଏଡ଼ସ ସମ୍ପର୍କିତ ପ୍ଲା-କାର୍ଡ ଧରି ବିଭିନ୍ନ ସ୍ଲୋଗାନ ମାନ ଦେଇ ସମଗ୍ର ଗ୍ରାମ ପରିକ୍ରମା କରି ସଚେତନ କରାଇଥିଲେ । ପରେ ପରେ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ସହକାରୀ ଶିକ୍ଷୟତ୍ରୀ କିମନ୍ତି ମଳିକ ଓ ସରୋଜିନୀ ମଳିକ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଶେଷରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ ବଣ୍ଟନ କରାଯଇଥିଲା ।

# ବାଲିଗୁଡା ଠାରେ ସୀମା ସୁରକ୍ଷା ବାହିନୀର ୬୦ ତମ ବୃଦ୍ଧି ଦିବସ ପାଳନ

ବାଲିଗୁଡା, ୨/୧୨(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଅନ୍ତର୍ଗତ ଦଣ୍ଡପଦର ସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟରେ ଥିବା ୧୩୬, ସୀମା ସୁରକ୍ଷା ବାହିନୀ ବାଟାଲିୟନ ତରଫରୁ ସୀମା ସୁରକ୍ଷା ବଳର ୬୦ ତମ ବୃଦ୍ଧି ଦିବସ ପାଳନ ହୋଇଯାଇଛି । ଏଥିରେ ସ୍ଥାନୀୟ ୧୩୬, ସୀମା ସୁରକ୍ଷା ବାହିନୀ ବାଟାଲିୟନର କମାଣ୍ଡାଣ୍ଟ ମାନସ ରଞ୍ଜନ ପଣ୍ଡା ଓ ଅନ୍ୟ ଅଧିକାରୀ ତଥା ବାହିନୀର ଜବାନ ମାନଙ୍କ ଉପସ୍ଥିତରେ କମାଣ୍ଡାଣ୍ଟ ଶ୍ରୀ ପଣ୍ଡା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଦେଶ ପାଇଁ ଉତ୍ସାହର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଦେଶର ପ୍ରଥମ ଲାଇନରେ କାର୍ଯ୍ୟ କରୁଥିବା ସୀମା ସୁରକ୍ଷା ବାହିନୀ ଏହାର ସମସ୍ତ କାର୍ଯ୍ୟକୁ ଆଭ୍ୟନ୍ତରୀଣ କର୍ତ୍ତବ୍ୟରେ ମଧ ପ୍ରାଧାନ୍ୟ ଦେବା ସହ ସୀମା ସୁରକ୍ଷା ବଳର କର୍ମଚାରୀ ହୋଇଥିବାରୁ ନିଜେ ଗର୍ବ ଅନୁଭବ କରିବା ଉଚିତ୍ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରି ସୀମା ସୁରକ୍ଷା ବାହିନୀର ମନୋବଳ ବୃଦ୍ଧି କରାଇଥିଲେ । ଏଥିରେ ବାହିନୀର ସମସ୍ତ ଜବାନ ଓ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# ଫାଶୀ ଲଗାଇ ଇଞ୍ଜିନୟରିଙ୍ଗ୍ ଛାତ୍ରଙ୍କ ଆତ୍ମହତ୍ୟା

ପାଟଣା, ୨/୧୨(ନି.ପ୍ର): ଘଟଗାଁ ଥାନା ଅଞ୍ଚଳ ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସରାସପଶି ପଞ୍ଚାୟତ ଗୋବରାବେଡା ଗ୍ରାମର ଭୋଳାନାଥ ନାଏକଙ୍କ ସାନପୁଅ ଦେବପ୍ରସଦ ନାଏକ (୨୩) ଆଜି ମଧ୍ୟାହ୍ନ ପରେ ପରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି । ଘର ଲୋକେ ଘର ନିକଟରେ ଥ୍ରେଶରରେ ଧାନ ଝାଡୁଥିବା ବେଳେ ଏହି ଘଟଣା ଘଟିଛି । କେଉଁ କାରଣରୁ ଭୁବନେଶ୍ୱରରେ ଇଂଜିନିୟରିଂ ପାଠପଢୁଥିବା ଦେବପ୍ରସାଦ ଆତ୍ମହତ୍ୟା ଭଳି କଠୋର ନିଷ୍ପତ୍ତି ନେଲେ ତାହା ସ୍ପଷ୍ଟ ହୋଇନାହିଁ । ଘରେ ଫାଶୀ ଲଗାଇବା ସମୟରେ ଭଉଣୀ ବିଷ୍ଣୁପ୍ରିୟା ଏହା ଦେଖି ଲୋକଙ୍କୁ ଡାକି ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ରିସିଭ ଡେଥ ଘୋଷଣା କରିବା ସହ ଢେଙ୍କିକୋଟ ପୁଲିସକୁ ସୂଚନା ଦେଇଛନ୍ତି । ଖବରପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ଘଟଗାଁ ଥାନା ଅପମୃତ୍ୟୁ ମାମଲା ୬୩/୨୦୨୪ ମୂଳେ ଘଟଣାର ତଦନ୍ତ କରୁଛନ୍ତି ।

# ଚାରିଛକ ବଜାରରେ ଆଳୁ ଉଭାନ : ନୂଆହାଟରେ ଆଳୁ କିଲୋ ୫୦ ଟଙ୍କା

ନିମାପଡ଼ା, ୨/୧୨(ନି.ପ୍ର): ପଶ୍ଚିମବଙ୍ଗ ରୁ ଆଳୁ ଆସିବା ବନ୍ଦ ହୋଇ ଯାଇଥିବାରୁ କେତେକ ଅସାଧୁ ବ୍ୟବସାୟୀ ଆଳୁକୁ କଳା ବଜାରରେ ବିକ୍ରି କରୁଥିବାରୁ ବଜାରରେ ଆଳୁ କିଲୋ ୫୦ ଟଙ୍କାରେ ବିକ୍ରି ହେଉଛି । ଚାରିଛକ ବଜାରରେ ଆଳୁ ମିଳୁ ନଥିବା ବେଳେ ଆଜି ନୂଆହାଟ ସାପ୍ତାହିକ ହାଟରେ ଆଳୁ କିଲୋ ପିଛା ୫୦ ଟଙ୍କାରେ ବିକ୍ରି ହେଉଛି । ଗତ ଅକ୍ଟୋବର ମାସରେ ବାତ୍ୟା ଆଳରେ ବଜାରରେ କେତେକ ଅସାଧୁ ବ୍ୟବସାୟୀ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ପନିପରିବା ଦର ବଢାଇ ଥିଲେ । ଆଳୁ କିଲୋ ପ୍ରତି ୩୦ ଟଙ୍କା ଥିଲା, ଏବେ ଆଳୁ ଆସୁନଥିବା ଶୁଣି ୫୦ ଟଙ୍କାରେ ବିକ୍ରି କରୁଛନ୍ତି । ପିଆଜ ୬୦ ଟଙ୍କା, ବାଇଗଣ, ପୋଟଳ ଓ ଅନ୍ୟାନ୍ୟ ପରିବା ୬୦ / ୭୦ ଉପରେ, ଦର ବୃଦ୍ଧି ଯୋଗୁଁ ଖାଉଟି ହନ୍ତସନ୍ତ ହେଉଛନ୍ତି । ଦୁଇ ମାସ ମଧ୍ୟରେ ଦୁଇ ଥର ଆଳୁ ଦର ବୃଦ୍ଧି କରି ଖାଉଟି ମାନଙ୍କୁ ଶୋଷଣ କରାଯାଉଥିବା ନେଇ ଅଭିଯୋଗ କରିଛନ୍ତି କେତେକ ଖାଉଟି । ରାଜ୍ୟ ସରକାର ଖାଉଟି ମାନଙ୍କୁ ସୁଲଭ ମୂଲ୍ୟରେ ଆଳୁ ଯୋଗାଇ ଦେବାକୁ ଖାଉଟି ମାନେ ଦାବି କରିଛନ୍ତି ।

# ପୋଲସରା ଅନ୍ତର୍ଗତ ହାତୀଓଟ କଲେଜରେ ବିଶ୍ୱ ଏଡସ ଦିବସ ପାଳନ



ପୋଲସରା, ୨/୧୨(ନି.ପ୍ର): ଗଞ୍ଜାମ ଜିଲ୍ଲା ରାଜ୍ୟରେ ଏକ ଏଡସ ରୋଗ ବହୁଳ ଜିଲ୍ଲା । ଗଞ୍ଜାମ ଜିଲ୍ଲାରେ ମୋଟ ୧୮ହଜାର ୪୮୪ ଜଣ ଏଡସ ରୋଗୀ ଚିହ୍ନଟ ହୋଇଛନ୍ତି । ସେଥି ମଧ୍ୟରୁ ପୋଲସରା ବ୍ଲକ ଓ ଏନଏସିରେ ମୋଟ ୧୩୪୨ ଜଣ ଆକ୍ରାନ୍ତ ଥିବା ବେଳେ ଗଞ୍ଜାମ ଜିଲ୍ଲାରେ ପ୍ରଥମ ସ୍ଥାନରେ ରହିଛି । ଏହି କାରଣ ଯୋଗୁଁ ପୋଲସରା ଅଞ୍ଚଳରେ ଏଡସ ସଚେତନତାର ଯଥେଷ୍ଟ ଆବଶ୍ୟକ ରହିଛି । ପ୍ରଶଂସନୀୟ ବିଷୟ ପୋଲସର ବ୍ଲକ ଅନ୍ତର୍ଗତ ହାତୀଓଟ ଗଙ୍ଗାଧର ସାହୁ ବିଜ୍ଞାନ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ଏନଜିଓ ଅରୁଣା ମିଳିତ ଆନୁକୂଲ୍ୟରେ ଡିସେମ୍ବର ୦୧ ତାରିଖ ଦିନ ବିଶ୍ୱ ଏଡସ ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ କଲେଜ ପ୍ରିନ୍ସପାଲ ଯାଜ୍ଞସେନୀ ସାହୁଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ହାତୀଓଟ ଗ୍ରାମ ପଞ୍ଚାୟତ ପରିକ୍ରମା କରିଥିଲା । ଏହା ପରେ କଲେଜ ପ୍ରିନ୍ସପାଲ ସୁଶ୍ରୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଅରୁଣା ସଙ୍ଗଠନର ଡ଼ିଆରପି ସୁଶିଲ କୁମାର ସାହୁ ଏବଂ ସଂଯୋଜକ ବାଳକୃଷ୍ଣ ସାହୁ ଓ ଆଇସିଟିସି ସଂଯୋଜକ ମନୋଜ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥି ବୃନ୍ଦ ଏଡ଼ସ ରୋଗର କାରଣ, ନିରାକରଣ ଓ ସଚେତନତା ଉପରେ ଆଲୋକପାତ କରିଥିଲେ । ଏହା ପରେ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗୀତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ୍ ସଂଯୋଜକ ତ୍ରିଲୋଚନ ଦାସ ପରିଚାଳନା କରିଥିଲାବେଳେ ଅଧାପକ ଅଧାପିକା ଅନିଲ କୁମାର ଖଟେଇ, ଆଦିତ୍ୟ ନାରାୟଣ ବିଷୋୟୀ, ଦିଲୀପ କୁମାର ପ୍ରଧାନ, ରାଜେନ୍ଦ୍ର ସାହୁ, ବିଷ୍ଣୁ ପ୍ରସାଦ ଜାନୀ, ନିବେଦିତା ସ୍ୱାଇଁ, ଜାନକୀ କୁମାରୀ ସାହୁ, ଅଭିଷେକ ଡାକୁଆ ଓ ଅରୁଣା ସଙ୍ଗଠନ ପୋଲସରା ବ୍ଲକର ସମସ୍ତ ସିଏଲଡବ୍ଲ୍ୟୁ ବୃନ୍ଦ ସହଯୋଗ କରିଥିଲେ ।

# ବୟାଳିଶମୌଜା ମୁଖ୍ୟ ରାସ୍ତା ସମସ୍ୟାର ସମାଧାନ ନେଇ ଦାବୀ

କଟକ, ୨/୧୨(ନି.ପ୍ର): ବୟାଳିଶମୌଜା ମୁଖ୍ୟ ରାସ୍ତାର ପିଚୁ କାମ ଅଧପନ୍ତରିଆ ଭାବେ ଏବେ ମଧ ପଡି ରହିଛି, ଏପରିକି ବେଣ୍ଟକାର ବଜାର ଠାରୁ କିଛି ଦୂରରେ ପ୍ରାୟ ଏକ ଶହ ମିଟର ରାସ୍ତା କାମ ସମ୍ପୂର୍ଣ୍ଣ ନହେବାରୁ ରାସ୍ତାଟି ତଳ ଉପର ହୋଇ ରହିଛି । ଦୈନନ୍ଦିନ ଜୀବନରେ ଯାତାୟତରେ ବହୁ ଅସୁବିଧା ଭୋଗୁଛନ୍ତି ବାସିନ୍ଦା । ଫଳରେ ଦୁର୍ଘଟଣା ଘଟିବାର ସମ୍ଭାବନା ମଧ ରହିଛି । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବରିଷ୍ଠ ସମାଜସେବୀ ଇଂ.ଅଶୋକ ବିଶ୍ୱାଳ, ଅଭିରାମ ଦଳାଇ, ଶିବ ବେହେରା, ବାଇନ ନାୟକ, ରମେଶ ମଳିକ, ସମୀର ଦଳାଇ, ପ୍ରକାଶ ସାହୁ, କୁଲୁ ସେନାପତି, ପ୍ରମୋଦ ଲେଙ୍କା ପ୍ରମୁଖ ଦାବୀ କରିଛନ୍ତି ।

# ମୁଣ୍ଡବିହୀନ କଂଗ୍ରେସ ଗଣମାଧ୍ୟମରେ ବଞ୍ଚିବାକୁ ଚେଷ୍ଟା କରୁଛି

ଭୁବନେଶ୍ୱର, ୨/୧୨(ନି.ପ୍ର): ସାରା ବିଶ୍ୱର ଅଦ୍ୱିତୀୟ ନେତା ଆମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଲଗାତର ୩ ଦିନ ଧରି ରାଜ୍ୟର ରାଜଧାନୀରେ ଉପସ୍ଥିତ ରହି ବିଭିନ୍ନ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଆଜି ସେ ତାଙ୍କ ଗସ୍ତ ଶେଷ କରି ରାଜ୍ୟରୁ ବାହୁଡ଼ିଛନ୍ତି । ସେ ଓଡ଼ିଶାରେ ୩ ଦିନ ପାଇଁ ରହିବା ଆମ ସମସ୍ତଙ୍କ ପାଇଁ ଏକ ଗୌରବର ବିଷୟ । ସ୍ୱାଧୀନତା ପରେ ରାଜ୍ୟରେ ପ୍ରଥମ ଥର ପାଇଁ ଡିଜି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଦେଶର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଠାରୁ ଆରମ୍ଭ କରି ସମସ୍ତ ଡିଜି, ଆଇଜି ଓ ଉଚ୍ଚପଦସ୍ଥ ସୁରକ୍ଷା ଅଧିକାରୀମାନେ ଏଥିରେ ଯୋଗଦେଇ ଆଇନଶୃଙ୍ଖଳା ବିଷୟରେ ଆଲୋଚନା କରିଛନ୍ତି । ଏଥିସହ ସେମାନେ ଓଡ଼ିଶାର ପରମ୍ପରା ଓ ସଂସ୍କୃତିକୁ ପାଖରୁ ଦେଖିଛନ୍ତି । ଲୋକପ୍ରିୟ ମୁଖମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀ ଏତେ ବଡ଼ ସମ୍ମିଳନୀକୁ ସଫଳ ଭାବେ ପରିଚାଳନା କରିବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ବିଷୟ ହୋଇଥିବାବେଳେ ଦିଶାହୀନ କଂଗ୍ରେସ ପ୍ରଳାପ କରୁଛି । ଦେଶର ଯେବେ ବି ବିକାଶ ପ୍ରସଙ୍ଗ ଉଠିଛି ସେତେବେଳେ କଂଗ୍ରେସ ଦେଶକୁ ଅପମାନିତ କରିଛି । ବିଜେପି ରାଜ୍ୟରେ ଏକାକୀ ସରକାର କରିବା ପରେ ମୋହନ ମାଝୀଙ୍କ ନେତୃତ୍ୱରେ ଦେଶର ବିକାଶ ସହ ତାଳ ଦେଇ ରାଜ୍ୟ ମଧ ଆଗେଇ ଚାଲିଥିବା ବେଳେ ଦିଶାହୀନ କଂଗ୍ରେସ ଏହାକୁ ସହି ନ ପାରି ପ୍ରଳାପ କରୁଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି । ଶ୍ରୀ ପଣ୍ଡା କହିଛନ୍ତି, ୫୦ ବର୍ଷ ପରେ ବି ନିଜକୁ ଯୁବନେତା ବୋଲି କହୁଥିବା କଂଗ୍ରେସର ଜଣେ ଶୀର୍ଷ ନେତା ସାରା ବିଶ୍ୱରେ ବୁଲିବୁଲି ଦେଶର ସଂସ୍କୃତି ଓ ଗାରିମାକୁ ତଳେ ପକାଉଛନ୍ତି । ଦେଶର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ପାଇଁ ସର୍ବଦା ଉଦ୍ୟମ ଜାରି ରଖିଛନ୍ତି । ତାଙ୍କ ପଦାଙ୍କ ଅନୁସରଣ କରି ଯୁବ କଂଗ୍ରେସ ମଧ ସେଭଳି କାର୍ଯ୍ୟ କରୁଛି । ରାଜ୍ୟ ଏହି ଐତିହାସିକ କ୍ଷଣର ମର୍ଯାଦା କ୍ଷୁର୍ଣ୍ଣ କରିବା ପାଇଁ କଂଗ୍ରେସ ଦଳର କେତେଜଣ ଉଦ୍ ?ଭ୍ରାନ୍ତ ଯୁବକ ସାମ୍ବାଦିକ ସମ୍ମିଳନୀ ଡାକି ବିଭ୍ରାନ୍ତିକର ମନ୍ତବ୍ୟ ଦେଉଛନ୍ତି । ଅତୀତରେ କଂଗ୍ରେସର ଏହି ଉଦ୍‌ଭ୍ରାନ୍ତ ଯୁବକମାନେ ରାଜ୍ୟରେ ଅନେକ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛନ୍ତି । ଅନେକଙ୍କ ବିରୋଧରେ ସଙ୍ଗୀନ ଅପରାଧିକ ମାମଲା ରହିଥିବାବେଳେ ଆଇନଶୃଙ୍ଖଳା ଭଙ୍ଗ କରିଥିବା ଅଭିଯୋଗମାନ ରହିଛି । ସବୁବେଳେ ଅଶାନ୍ତି, ବିଶୃଙ୍ଖଳା ସୃଷ୍ଟି କରି ଆଇନ୍ ଶୃଙ୍ଖଳାକୁ ହାତକୁ ନେଉଥିବା କଂଗ୍ରେସ ଯୁବସଙ୍ଗଠନର ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଷୟରେ କହିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ । ମୁଣ୍ଡ ନ ଥିଲେ ଯେମିତି ଶରୀର ନିର୍ଜୀବ ହୋଇଥାଏ, ଓଡ଼ିଶା କଂଗ୍ରେସ ସେଭଳି ଏକ ମୁଣ୍ଡବିହୀନ ନିର୍ଜୀବ ସଙ୍ଗଠନରେ ପରିଣତ ହୋଇଛି । ଏଭଳି ଏକ ବିଶୃଙ୍ଖଳିତ ଦଳ ଯାହା ଅପରାଧିକମାନଙ୍କ ଆଡ୍ଡାସ୍ଥଳୀ ପାଲଟିଯାଇଛି ସେହି ଦଳର ଉଦ ?ଭ୍ରାନ୍ତ ଯୁବକମାନେ ରାଜ୍ୟର ଗାରିମା କ୍ଷୁର୍ଣ୍ଣ କରିବାକୁ ଅପଚେଷ୍ଟା କରିବା ଅତ୍ୟନ୍ତ ନିନ୍ଦନୀୟ । ତାଙ୍କ ଦଳ ପ୍ରଥମେ ନିଜର ମୁଣ୍ଡ ସ୍ଥିର କରନ୍ତୁ । ଏଥସହ ଏଭଳି ହୀନ ମନ୍ତବ୍ୟ ଦେଉଥିବା ଦଳର ଯୁବକମାନଙ୍କୁ ବାରଣ କରନ୍ତୁ ନଚେତ୍ ରାଜ୍ୟବାସୀ ଏହାର ଉଚିତ୍ ଜବାବ୍ ଦେବେ । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସୁଜିତ୍ ସିଂ, ସମ୍ପାଦକ ସୁବ୍ରତ କୁମାର ବିଶ୍ୱାଳ ଓ ପ୍ରଶାନ୍ତ ପାଇକରାଏ ପ୍ରମୁଖ ଉପସ୍ଥିତ ଥିଲେ ।

# ଗାଧୋଇବାକୁ ଯାଇ ପୋଖରୀରେ ବୁଡି ବୃଦ୍ଧ ମୃତ

ପାଟଣା, ୨/୧୨(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ଥାନା ଅଞ୍ଚଳ ଯମୁନାପଶି ଗ୍ରାମର ବ୍ରହ୍ମେଶ୍ୱର ନାଏକ (୫୮) ନାମକ ଜଣେ ବ୍ୟକ୍ତି ଆଜି ପୋଖରୀକୁ ଗାଧୋଇବାକୁ ଯାଇ ସେଠାରେ ବୁଡି ଯାଇଥିଲେ । ଘରଲୋକେ ଖୋଜାଖୋଜି କରିବା ପରେ ପୋଖରୀରେ ତାଙ୍କ ଶବ ଭାସୁଥିବା ଦେଖା ଯାଇଥିଲା । ତେବେ ପୋଖରୀରେ ଗଭୀର ଜଳ ସହ ପୋଖରୀ ପଦ୍ମମୟ ଥିବାରୁ ପୋଖରୀକୁ କେହି ପଶିବାକୁ ସାହସ କରିନଥିଲେ । ଖବରପାଇ ପାଟଣା ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ଯାଇ ଆଜି ବିଳମ୍ବିତ ସନ୍ଧ୍ୟାରେ ପୋଖରୀରୁ ବ୍ରହ୍ମେଶ୍ୱରଙ୍କ ଶବ ଉଦ୍ଧାର କରିବା ସହ ଘଟଣା ସମ୍ପର୍କରେ ପୁଲିସକୁ ସୂଚନା ଦେଇଥିବା ଜଣାପଡିଛି ।

# ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟରେ ରେଡ-ରିବନ କ୍ଲବ ପକ୍ଷରୁ ବିଶ୍ୱ ଏଡ଼ସ ଦିବସ ପାଳିତ

ବାଲିଗୁଡା, ୨/୧୨(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟରେ ରେଡ ରିବନ କ୍ଲବ ପକ୍ଷରୁ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି । ଉକ୍ତ ସଭାରେ ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ସିରେଡ, ରିବନ କ୍ଲବ ଜିଲ୍ଲା ସଂଯୋଜକ ତଥା ଅଧାପକ ଡ଼.ବିଭୂତି ଭୂଷଣ ଆଚାର୍ଯ୍ୟ, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ବିବେକାନନ୍ଦ ମଲାଣ, କାଉନସେଲର ଦଣ୍ଡପାଣି ଭୂୟାଁ, ଅଧାପକ ଦୁଷ୍ମନ୍ତ ଶବର, କ୍ରୀଡା ପ୍ରଶିକ୍ଷକ ଗଙ୍ଗାଧର ପଣ୍ଡା ପ୍ରମୁଖ ଯୋଗ ଦେଇ ଦିବସର ତାତ୍ପର୍ଯ୍ୟ ବୁଝାଇ ଥିଲେ । ସ୍ୱେଚ୍ଛାସେବୀ ମାନେ ନିଜନିଜର ସନ୍ଦେହ ମୋଚନ ବିଷୟ ବିଶାରଦଙ୍କ ଦ୍ୱାରା କରାଇଥିଲେ । ଏଥିରେ +୨ ଓ +୩ କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ ।



# ବାପାର ଟାଙ୍ଗିଆ ଚୋଟରେ ପୁଅ ଗୁରୁତର

ବାଲିଗୁଡା, ୨/୧୨(ନି.ପ୍ର): କଟକ ବଡ଼ ମେଡିକାଲର ସ୍ନାୟୁ ଶଲ୍ୟ ଚିକିତ୍ସା (ନ୍ୟୁରୋସର୍ଜରୀ) ବିଭାଗରେ ଅସ୍ତ୍ରୋପଚାର ପରେ ନୂଆ ଜୀବନ ପାଇଛନ୍ତି କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଟିକାବାଲି ଅଞ୍ଚଳର ବିବେକ କହଁର । ମୁଣ୍ଡରେ ଧାରୁଆ ଟାଙ୍ଗିଆ ଭିତରକୁ ପଶିଥିବା ବେଳେ ପ୍ରାୟ ୪ ଘଣ୍ଟା ଧରି ଅସ୍ତ୍ରୋପଚାର କରାଯାଇ ଟାଙ୍ଗିଆ ବାହାର କରାଯାଇଛି । ବିଭାଗୀୟ ଡାକ୍ତର ପ୍ରତାପ ଶତପଥୀ ଓ ଦୁଇ ଜଣ ବରିଷ୍ଠ ଡାକ୍ତର ଏହି ଜଟିଳ ଅସ୍ତ୍ରୋପଚାର କରିଛନ୍ତି । ଅସ୍ତ୍ରୋପଚାର ପରେ ବିବେକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ନେଇ ମେଡିକାଲ ପକ୍ଷରୁ ସୂଚନା ଦେଇଛନ୍ତି ଏସସିବି ନ୍ୟୁରୋସର୍ଜରୀ ବିଭାଗ ଡାକ୍ତର ରୋସନ ମେହେର । ଏହାସହ ଯେତେବେଳେ ବିବେକ ଏସସିବିରେ ପହଞ୍ଚିଥିଲେ ସେହି ସମୟରେ ତାଙ୍କର ଅବସ୍ଥା ଗୁରୁତର ରହିଥିଲା । ମୁଣ୍ଡରୁ ରକ୍ତସ୍ରାବ ସାଙ୍ଗକୁ ବହୁତ ଯନ୍ତ୍ରଣାରେ ଥିଲେ । ଏପିରିକି ଅସ୍ତ୍ରୋପଚାର ସମୟରେ ଜଣେ ଡାକ୍ତର ସେହି ଟାଙ୍ଗିଆକୁ ଧରି ରଖିଥିଲେ । ଅନେକ ସମୟ ଧରି ଚାଲିଥିଲା ଅପରେସନ ।ବିବେକଙ୍କ ପତ୍ନୀ ମମତା ଦେଇଥିବା ସୂଚନା ଅନୁଯାୟୀ, ବିବେକଙ୍କ ବାପା ଓ ଦୁଇ ଜଣ ଯୁବକ ଘରେ ନିଶା ପାନ କରିବା ସମୟରେ ବଡ଼ ଧରଣର ବଚସା ହୋଇଥିଲା । ଏହି ସମୟରେ ବିବେକ କହଁର ଝଗଡ଼ା ରୋକିବା ପାଇଁ ପ୍ରୟାସ କରିବା ସମୟରେ ମୁଣ୍ଡକୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ ତାଙ୍କ ନିଶାସକ୍ତ ବାପା । ଘଟଣାସ୍ଥଳରେ ଗୁରୁତର ହୋଇ ପଡ଼ିଥିଲେ ବିବେକ, ପ୍ରଥମେ ନିକଟସ୍ଥ ଟିକାବାଲି ହସ୍ପିଟାଲ ପରେ ଏମକେସିଜି ଓ ଶେଷରେ ଏସସିବି ମେଡିକାଲରେ ଶନିବାର ସକାଳେ ଭର୍ତ୍ତି ହୋଇଥିଲେ ବିବେକ । ବିଳମ୍ବିତ ରାତିରେ ଅସ୍ତ୍ରୋପଚାର ଶେଷ ହେବା ପରେ ବିବେକ ବିପଦମୁକ୍ତ ରହିଥିବା କହିଛନ୍ତି ଡାକ୍ତର ।

# ବାଣପୁରରେ ଖୋଲିଲା ଅଞ୍ଚଳର ସର୍ବପ୍ରଥମ ନର୍ସିଙ୍ଗ ଓ ପାରା ମେଡିକାଲ କଲେଜ

ବାଣପୁର, ୨/୧୨(ନି.ପ୍ର): ରବିବାର ଦିନ ବାଣପୁର ସହରସ୍ଥିତ କଲେଜ ରୋଡ ଅନ୍ତର୍ଗତ ବାବା ବଖାରି କଲ୍ୟାଣ ମଣ୍ଡପ ନିକଟରେ ଟାଙ୍ଗୀ ଇନଷ୍ଟିଚ୍ୟୁଟ ଅଫ ନର୍ସିଂ ଓ ପାରାମେଡିକାଲ ସାଇନ୍ସର ନୂତନ ଶାଖା ଉଦଘାଟିତ ହୋଇଯାଇଛି । ଉକ୍ତ ଶିକ୍ଷାନୁଷ୍ଠାନରେ ମୁଖ୍ୟ ଅତିଥି ଭାବେ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ା ରମାକାନ୍ତ ନାୟକ ଯୋଗଦେଇ ଏହାକୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଦାବରୀଶ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ବିନାୟକ ହୋତା, ଗ୍ରାମୀଣ ମହିଳା ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ସର୍ବେଶ୍ୱର ଷଡ଼ଙ୍ଗୀ, ଓସିସିଏଫ ନିର୍ଦ୍ଦେଶକ ସନ୍ତୋଷ କୁମାର ନାଥ ଏବଂ ନାଚୁଣୀ ଗାୟତ୍ରୀ ହସ୍ପିଟାଲର ପ୍ରତିଷ୍ଠାତା ମୋନାଲିସା ହରିଚନ୍ଦନ ଯୋଗଦେଇଥିଲେ । ଏହି ଅବସରରେ ସ୍ଥାନୀୟ ବାବା ବଖାରି କଲ୍ୟାଣ ମଣ୍ଡପ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ଅତିଥିମାନେ ବାଣପୁର ସହରରେ ଉକ୍ତ ଶିକ୍ଷାନୁଷ୍ଠାନ ଖୋଲିବା ଦ୍ୱାରା ବହୁ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ମତ ଦେଇଥିଲେ । ଏପରିକି ଯୁକ୍ତ ୨ ପରେ ବହୁ ଛାତ୍ରଛାତ୍ରୀ ଉକ୍ତ କୋର୍ସ କରିବା ପାଇଁ ବହୁ ଦୂରଦୁରାନ୍ତରକୁ ଯାଉଥିବା ବେଳେ ବର୍ତ୍ତମାନ ବାଣପୁର, ବାଲୁଗାଁ ଏବଂ ଏହାର ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ ମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନର ଅଧକ୍ଷ ଡ଼ା ତପନ କୁମାର ଶାସମଲ, ଉପାଧକ୍ଷା ରଶ୍ମିତା ଶାସମଲ, କିମ୍ସ ହସ୍ପିଟାଲ ଭୁବନେଶ୍ୱର ସଂଯୋଜକ ମଧୁସ୍ମିତା ଲେଙ୍କା, ବାଣପୁର ଶାଖା ପରିଚାଳକ ଜୟକୃଷ୍ଣ ପ୍ରଧାନ, ଉପଦେଷ୍ଟା ହିମାଂଶୁ ଦଳେଇ ଓ ବେଣୁଧର ପାଇକରାୟ ଆଦି ପରିଚାଳନା କରିଥିଲେ ।

# ବେଲଗୁଣ୍ଠାର ବିଭିନ୍ନ ଶିକ୍ଷାନୁଷ୍ଠାନରେ 'ବିଶ୍ୱ ଏଡ଼ସ ଦିବସ' ପାଳିତ

ବେଲଗୁଣ୍ଠା, ୨/୧୨(ନି.ପ୍ର): ବେଲଗୁଣ୍ଠା ବ୍ଲକ କ୍ଷେତ୍ରିୟବରପୁର ସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ଼କ୍ରସ, ରେଡ-ରିବନ କ୍ଲବ, ଭାରତ ସ୍କାଉଟ ଓ ଗାଇଡ଼ ଏବଂ ଜାତୀୟ ସେବା ଯୋଜନା ଶାଖାର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା 'ବିଶ୍ୱ ଏଡ଼ସ ଦିବସ' ପାଳନ କରାଯାଇଛି । ଏହି ଅବସରରେ ସମସ୍ତ ଶାଖାର ସ୍ୱେଚ୍ଛାସେବୀ ମାନେ ଯୁବ ରେଡ଼କ୍ରସ ଶାଖାର ଉପଦେଷ୍ଟା ସୁଶାନ୍ତ କୁମାର ଲେଙ୍କା, ରୋଭର ଲିଡର ପି ଦୀପକ ରାଓ ଏବଂ ଜାତୀୟ ସେବା ଯୋଜନା ଅଧିକାରୀ ଦୀପୁ ଭୂୟାଁଙ୍କ ନେତୃତ୍ୱରେ ଏଡ଼ସ ନିରାକରଣ ସଚେତନତା ବାର୍ତ୍ତା ସମ୍ବଳିତ ବିଭିନ୍ନ ପ୍ଲାକାର୍ଡ ଧରି ଏକ ବିଶାଳ ଶୋଭାଯାତ୍ରାରେ ପରସୁଲୁଣ୍ଡା ଗ୍ରାମ ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାକୁ ଅଧକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହାପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଦ୍ୟୁତ ପରିଷଦର ଉପସଭାପତି ଦେବେଶ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା ସଭାରେ ଅଧକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଚେତନତା ମାଧ୍ୟମରେ ଏଡ଼ସ ନିରାକରଣ କରିବାକୁ ସ୍ୱେଚ୍ଛାସେବୀମାନଙ୍କୁ ପରାମର୍ଶ ଦେଇଥିଲେ ଏବଂ ଉକ୍ତ କାର୍ଯ୍ୟରେ ଉତ୍ସର୍ଗୀକୃତ ହେବାକୁ ଶପଥ କରାଇଥିଲେ । ମଞ୍ଜାସିନ ସାଧନ ବ୍ୟକ୍ତି ଦାରିଙ୍ଗବାଡିସ୍ଥିତ 'ଜାଗୃତି' ସଂସ୍ଥାର ପ୍ରଶାସକ ରତିକାନ୍ତ ପଟ୍ଟନାୟକ ସ୍ୱେଚ୍ଛାସେବୀମାନଙ୍କୁ ଏଡ଼ସ ନିରାକରଣ ପାଇଁ ବହୁ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ । ଶେଷରେ ଯୁବ ରେଡ଼କ୍ରସ ସହ ଉପଦେଷ୍ଟା ସ୍ୱରୂପାରାଣୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ ପ୍ରଦୀପ ଦିଗାଲ, ସୌମେନ୍ଦୁ ପଣ୍ଡା, ସିମାଞ୍ଚଳ ବିଶ୍ୱାଳ, ସନ୍ତୋଷ ବିଶ୍ୱାଳ, ରାମଚନ୍ଦ୍ର ନାୟକ, ବଳରାମ ଗୌଡ଼ ଏବଂ ମହେଶ୍ୱର ନାଇକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନ ଅଧକ୍ଷ ସୁବାଷ ଚନ୍ଦ୍ର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗଣିତ ବିଭାଗ ଅଧାପକ ଅମୂଲ୍ୟ କୁମାର ପଣ୍ଡା ପରିଚାଳନା କରିବା ସହିତ ଆତ୍ମ ସଂଯମ ଏବଂ ଶୃଙ୍ଖଳା ଦ୍ୱାରା ଏଡସ୍ ସମାଜରୁ ମୂଳୋତ୍ପାଟନ ହୋଇପାରିବ ବୋଲି ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ସୀମାଞ୍ଚଳ ମହାନ୍ତି ଏଡସ୍ ବିଷୟରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀ ଅନୀତା ଗୌଡ଼ ଏଡସ୍ ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିବା ବେଳେ ବିପ୍ର ଚରଣ ତ୍ରିପାଠୀ ଧନ୍ୟବାଦ ଜ୍ଞାପନ କରିଥିଲେ । ଅନୁଷ୍ଠାନର ସମସ୍ତ ଅଧାପକ, ଅଧାପିକା ଏବଂ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଅନିଶ୍ଚିତତାରେ ମହାନଦୀର ଭାଗ୍ୟ



ଭୁବନେଶ୍ୱର, ୦୨/୧୨: ଓଡ଼ିଶାର ଲାଇଫଲାଇନ୍ 'ମହାନଦୀ ଜଳବିବାଦ'ର ଭାଗ୍ୟ ଏବେ ଅନିଶ୍ଚିତତାରେ। ପଡ଼ୋଶୀ ଛତିଶଗଡ଼ ସହ ମହାନଦୀ ଜଳବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ଗଢ଼ିଥିବା 'ମହାନଦୀ ଟ୍ରିବ୍ୟୁନାଲ' ଏବେ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ଟ୍ରିବ୍ୟୁନାଲରେ ସ୍ଥାୟୀ ଅଧ୍ୟକ୍ଷ ନଥିବାରୁ କୌଣସି ଶୁଣାଣି ମଧ୍ୟ ସମ୍ଭବପର ହୋଇପାରୁନଥିବା ଜଣାପଡ଼ିଛି। ତତକାଳୀନ ବିଜେଡି ସରକାରର ଅବହେଳାରୁ ଛତିଶଗଡ଼ ସରକାର ମହାନଦୀର ଉପରମୁଣ୍ଡରେ ଏକାଧିକ ପ୍ରକଳ୍ପ କରି ମହାନଦୀ ଜଳକୁ ନିଜ କବଜାରେ ରଖିବାରେ ସମ୍ଭବପର ହୋଇଛନ୍ତି। ସୂଚନା ଅନୁସାରେ, ଆନ୍ତଃରାଜ୍ୟ ନଦୀ ଜଳବିବାଦ ଆଇନ-୧୯୫୬ ଆଧାରରେ କେନ୍ଦ୍ର ସରକାର ଗଢ଼ିଥିବା 'ମହାନଦୀ ଟ୍ରିବ୍ୟୁନାଲ' ଏବେ ଏକପ୍ରକାର ଅଚଳ ହୋଇପଡ଼ିଛି। ଟ୍ରିବ୍ୟୁନାଲର ଅଧ୍ୟକ୍ଷ ପଦରୁ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏ.ଏମ୍.ଖାନଓ୍ୱାଲିକର ଗତ ମାର୍ଚ୍ଚ ୧୨ତାରିଖରୁ ଇସ୍ତଫା ଦେଇସାରିଛନ୍ତି। କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ତାଙ୍କର ଇସ୍ତଫାକୁ ଅନୁମୋଦନ କରିବାପରେ

## ୭ ମାସ ବିତିଲାଣି, ଟ୍ରିବ୍ୟୁନାଲ ଅଚଳ, ଶୁଣାଣି ଠପ୍

ସେ ଭାରତ ସରକାରଙ୍କ ଲୋକପାଳ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ତେବେ ତାଙ୍କ ସ୍ଥାନରେ ଏପର୍ଯ୍ୟନ୍ତ କାହାରିକୁ ମହାନଦୀ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିନଥିବାରୁ ଶୁଣାଣି ପ୍ରକ୍ରିୟା ଠପ୍ ହୋଇରହିଛି। ଶେଷଥର ପାଇଁ ଟ୍ରିବ୍ୟୁନାଲରେ ଶୁଣାଣି ୨୦୨୪ ଫେବୃୟାରୀ ୨୨ତାରିଖରେ ହୋଇଥିଲା। ଟ୍ରିବ୍ୟୁନାଲର ଏହି ୪୩ତମ ବୈଠକ ପରେ ମାର୍ଚ୍ଚ ୧୧ତାରିଖରେ ପ୍ରସ୍ତାବିତ ଶୁଣାଣି ହୋଇପାରିନଥିଲା ଓ ଯାହା ମାର୍ଚ୍ଚ ୨୭ତାରିଖକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏହି ଅବଧି ମଧ୍ୟରେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ଖାନଓ୍ୱାଲିକର ଇସ୍ତଫା ଦେଇସାରିଥିବାରୁ ଆଉ ଶୁଣାଣି ସମ୍ଭବପର ହୋଇପାରିନାହିଁ। ରାଜ୍ୟ ଜଳସମ୍ପଦ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁସାରେ, ଟ୍ରିବ୍ୟୁନାଲର ଅନ୍ୟ ଦୁଇ ସଦସ୍ୟ ଅଛନ୍ତି କିନ୍ତୁ ଅଧ୍ୟକ୍ଷ ନଥିବାରୁ ଶୁଣାଣି ସମ୍ଭବପର ହୋଇପାରୁନି। ଟ୍ରିବ୍ୟୁନାଲରେ ଦୁଇ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରବିରଞ୍ଜନ ଓ ଜଷ୍ଟିସ ଇନ୍ଦରମିତ୍ କୌର କୋଚର ଆରମ୍ଭରୁ ସଦସ୍ୟ ଅଛନ୍ତି। ମହାନଦୀ ଟ୍ରିବ୍ୟୁନାଲର ଅବଧିକୁ କେନ୍ଦ୍ର ସରକାର ମଧ୍ୟ ୨୦୨୬ ଏପ୍ରିଲ ୧୩ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରିସାରିଛନ୍ତି। ଟେକିନିକାଲ ଦୃଷ୍ଟିରୁ ଟ୍ରିବ୍ୟୁନାଲରେ ୩ଜଣ ସଦସ୍ୟ ରହିବା ଜରୁରୀ। ତେଣୁ ମହାନଦୀ ଜଳବିବାଦ ଉପରେ କୌଣସି ଶୁଣାଣି ଗତ ମାର୍ଚ୍ଚ ମାସଠୁ ସମ୍ଭବପର ହୋଇପାରିନି ବୋଲି ଜଳସମ୍ପଦ ବିଭାଗ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟରେ ବିଜେପି ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜର ଛତିଶଗଡ଼ ପ୍ରତିପକ୍ଷଙ୍କ ସହ ମହାନଦୀ ଜଳବିବାଦର ଆପୋଷ ସମାଧାନ ପାଇଁ ଅଣଆନୁଷ୍ଠାନିକ ଭାବେ ପ୍ରାରମ୍ଭିକ ଆଲୋଚନା କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବିଗତ ୩ବର୍ଷରେ ମହାନଦୀର ହୀରାକୁଦଠାରେ ପ୍ରବାହିତ ଜଳର ପରିମାଣ ୨୦୨୧-୨୨ରେ ୧୯.୮ ନିୟୁତ ଏକର ଫୁଟ, ୨୦୨୨-୨୩ରେ ୨୭.୭ନିୟୁତ ଏକର ଫୁଟ ଓ ୨୦୨୩-୨୪ରେ ୨୫.୪ ନିୟୁତ ଏକର ଫୁଟ ରହିଥିଲା। ମହାନଦୀର ଜଳସ୍ତର ହ୍ରାସ ପାଇବା ପରେ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ଦେଖାଦେଇଥିଲା। ତତକାଳୀନ ବିଜେଡି ସରକାର ନିଜ ଭୁଲ୍ ଲୁଚାଇବା ପାଇଁ ଏହାକୁ ରାଜନୀତିକ ରଙ୍ଗ ଦେଇଥିଲେ। ପରେ ରାଜ୍ୟ ସରକାରଙ୍କ ଦାବିକୁ ଗ୍ରହଣ କରି ଛତିଶଗଡ଼ ସହ ଜଳବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ୨୦୧୮ ମାର୍ଚ୍ଚ ୧୨ତାରିଖରେ ଜଷ୍ଟିସ ଖାନଓ୍ୱାଲିକରଙ୍କ ଅଧ୍ୟକ୍ଷତାରେ ଟ୍ରିବ୍ୟୁନାଲ ଗଠନ କରିଥିଲେ।

# ଫୁଲବାଣୀ ବିଇଡି କଲେଜରେ ଜ଼ିଲ୍ଲା ସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମ









ଫୁଲବାଣୀ ତା,୦୨/୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କେନ୍ଦ୍ର ସରକାରଙ୍କର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଦ୍ୱାରା କନ୍ଧମାଳ ଶାଖା ମାଇ ଭାରତ ଫୁଲବାଣୀ ନେହରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଜ଼ିଲ୍ଲା ସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମ ସଦର ମହକୁମା ସ୍ଥିତ ବିଇଡି କଲେଜ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ବି ଇ ଡି କଲେଜର ଯୁବ ଅଧକ୍ଷ ଶ୍ରୀ ମଧୁପ ସୁନା ଯୋଗଦାନ କରିଥିବା ବେଳେ ସଂମାନିତ ଅତିଥିଭାବେ ବରିଷ୍ଠ ଆଇନ ଯିବି ଶ୍ରୀ ବିଜୟ କୃଷ୍ଣ ପଟ୍ଟନାୟକ, ଅବସର ପ୍ରାପ୍ତ ଏ ସ ଆ ଇ ଅ ଫ ସ୍କୁଲଶ୍ରୀ ନବ କିଶୋର ରଥ, ନିଶ୍ୱାସ କଲେଜ ଅଧକ୍ଷ ଶ୍ରୀ ପ୍ରସନ ବିଶୋଇ, ସରକାରୀ ସି ଟି କଲେଜ ଅଧକ୍ଷ ଶ୍ରୀ କୃଷ୍ଣ ଲେନ୍ଦ୍ରା, ବି ଇ ଡି କଲେଜ ର ଅଧାପକ ମନୋଜ କୁମାର ଲେଙ୍କା ଅକ୍ଷୟ କୁମାର ସ୍ୱାଇ,ଏବଂ ମାଇ ଭାରତ (ନେହରୁ ଯୁବ କେନ୍ଦ୍ର) ଫୁଲବାଣୀ ର ଜ଼ିଲ୍ଲା ଯୁବ ନିର୍ଦ୍ଧେଶକ ନଭନୀତ କୁମାର,ପ୍ରମୁଖ ଯୋଗଦାନ କରିଥିଲେ କ୍ଷ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସିନିୟର ଗ୍ରୁପର ଦ୍ୱାରା ବିଜ୍ଞାନ ମେଳା ପ୍ରଦର୍ଶନ କରାଯାଇ ଥିବା ବେଳେ ଜୁନିଅର ଗ୍ରୁପ ରେ ଚିତ୍ରାଙ୍କନ, କବିତା, ବକ୍ତୃତା, ଏବଂ ସିନିଅର ଓ ଜୁନିଅର ଗ୍ରୁପରେ ମୋବାଇଲ ଫୋଟୋ ଚିତ୍ର, ସାଂକୃତିକ କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରତି ଯୋଗିତାରେ କନ୍ଧମାଳ ଜ଼ିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଭାଇ ଓ ଭଉଣୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବକ୍ତୃତା ପ୍ରତିଯୋଗିତା ରେ ଅହଲିଶା ରାଜନନ୍ଦିନୀ, ପ୍ରଥମସ୍ଥାନ ହାସଲ କରିଥିବା ବେଳେ ସୋଲାନି ମହାପାତ୍ର ଦ୍ୱିତୀୟ ଓ ସିମରଣ ପଟନାୟକ ତୃତୀୟ ସ୍ଥାନ ହାସଲ କରିଥିଲେ । ଜୁନିଅର ବିଭାଗରେ ଇପ୍ସିତା ମହାନ୍ତି ପ୍ରଥମ;ହୋଇଥିବା ବେଳେ ପଥନଥା ପ୍ରିୟଦର୍ଶିନୀ ଦ୍ୱିତୀୟ, ଓ ସିମରଣ ପଟ୍ଟନାୟକ ତୃତୀୟ କୃତିତ୍ୱ ହାସଲ କରିଥିଲେ । ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ଅପରାଜିତା କଂହର ପ୍ରଥମ, ରୂପଶ୍ରୀ ପ୍ରଧାନ ଦ୍ୱିତୀୟ, ଦିସିଖା ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଥିଲେ । ସେହିପରି ମୋବାଇଲ ଫୋଟୋ ଗ୍ରାଫି ରେ ଭଗବାନ ପ୍ରଧାନ ପ୍ରଥମ, ପ୍ରୀତମ କୁମାର ପଟ୍ଟନାୟକ ଦ୍ୱିତୀୟ, ଲିଙ୍କନ କୁମାର ଡାକୁଆ ତୃତୀୟ ହୋଇଥିବା ବେଳେ,କବିତାରେ ଅର୍ଣ୍ଣପୂର୍ଣ୍ଣା ସାହାଣୀ ପ୍ରଥମ, କେ ଖୁସି ପାତ୍ର ଦ୍ୱିତୀୟ, ସନ୍ତ ସିନି ମହାପାତ୍ର ତୃତୀୟ ସ୍ଥାନ ହାସଲ କରିବାରେ ସକ୍ଷମ ହୋଇଥିଲେ । ଶେଷରେ ବିଜ୍ଞାନ ମେଳା,ଏକକ ପ୍ରତିଯୋଗିତା ରେ ସାଜେଦ ଖାଁ ପ୍ରଥମ, ସାଗର ସେଠି ଦ୍ୱିତୀୟ, ମେଘନା ମତଗଜା ସିଂ ତୃତୀୟ ସ୍ଥାନ ଅଧିକାରୀ ହୋଇଥିଲେ ଏବଂ ଜୁନିଅର ବିଭାଗରେ ପୀତବାସ ଦୀପ ପ୍ରଥମ, ଶୁଭମ ଡାକୁଆ ଦ୍ୱିତୀୟ, ଶ୍ରୀୟା ରଥ ତୃତୀୟ ସ୍ଥାନ ହାସଲ କରିଥିଲେ । ଗୋଷ୍ଠୀ ଗତ ପ୍ରତିଯୋଗିତା ରେ ରିଚିସ୍ମିତା ସାହୁ ଏବଂ ସାଥି ପ୍ରଥମ, ଓ ସୁଚିତ୍ରା ପଣ୍ଡା ଏବଂ ସାଥି ଦ୍ୱିତୀୟ, ପିନାକୀ ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ ଏବଂ ଗ୍ରୁପ ତୃତୀୟ, ଜୁନିଅର ବିଭାଗ ରେ ସାଇମନ ପ୍ରୀତି ଗ୍ରୁପ ପ୍ରଥମ, ଏବଂ କ୍ରିଷ୍ଣା ନାୟକ ଗ୍ରୁପ ଦ୍ୱିତୀୟ,ହୋଇଥିବା ବେଳେ କୃପାଳି ଦାଶ ଗ୍ରୁପ ସାଥି ତୃତୀୟ, ସ୍ଥାନରେ ରହିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସାଇ ଡ୍ୟାନ୍ସ ଗ୍ରୁପ ପ୍ରଥମ,ବି ଏସ ସି ନରସିଂ ଡ୍ୟାନ୍ସ ଗ୍ରୁପର ଦ୍ୱିତୀୟ, ଏବଂ ପ୍ରିୟବର୍ତ୍ତି ଏବଂ ସାଥି ତୃତୀୟ ସ୍ଥାନରେ କୃତ କାର୍ଯ୍ୟ ହୋଇ ଥିଲେ। ଜ଼ିଲ୍ଲା ସ୍ତରୀୟ ଯୁବ ଉତ୍ସବ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ରେ ଅଂଶ କରିବେ ବୋଲି ଏବଂ ଏହି କାର୍ଯ୍ୟକ୍ରମର ମୁଖ୍ୟ ଜ଼ିଲ୍ଲା ସ୍ତରରେ ଲୁକକାୟିତ ହୋଇ ରହିଥିବା ଯୁବା ପ୍ରତିଭା ନିଜର ଦକ୍ଷତା ପ୍ରଦର୍ଶନ କିରିବାର ଗୋଟେ ମାଧମ ଏବଂ ଏହି ମାଧମରେ ଜଣେ ଜ଼ିଲ୍ଲା ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ନିଜର ଦକ୍ଷତା ପାରଦର୍ଶିତା ପ୍ରଦର୍ଶନ କରିପାରିବ ବୋଲି ଜ଼ିଲ୍ଲା ଯୁବ ଅଧିକାରୀ ନଭନୀତ କୁମାର ଅଂଶଗ୍ରହଣ କରିଥିବା ସମସ୍ତ ଯୁବକ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ , ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମ ର ମୁଖ୍ୟ ଓ ଉଦେଶ୍ୟ ବିଷୟରେ ଉପସ୍ଥିତ ଥିବା ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ କ୍ଷ ଜ଼ିଲ୍ଲା ସ୍ତରୀୟ ପ୍ରତିଯୋଗିତା ରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି,ପ୍ରମାଣ ପତ୍ର ଓ ଅର୍ଥ ରାଶି ପ୍ରଦାନ କରା ଯାଇଥିଲା। ବୈଠକରେ ମାଇ ଭାରତ (ନେହରୁ ଯୁବ କେନ୍ଦ୍ର )ଫୁଲବାଣୀ ର ସହ କର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟ ଅତିଥି, ସନମାନିତ ଅତିଥି ସମେତ ଉପସ୍ଥିତ ଥିବା ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ରମେଶ କଂହର ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରି ଥିଲେ।

# ଫୁଲବାଣୀ ଉଦ୍ୟାନ ବିଭାଗ ସରକାରୀ କର୍ମଚାରୀ ବିଜୟଙ୍କ ଆତ୍ମହତ୍ୟା







ଫୁଲବାଣୀ ତା, ୦୨/୧୨ ଜଗନ୍ନାଥଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ସଦର ଫୁଲବାଣୀ ଉଦ୍ୟାନ ବିଭାଗ ସରକାରୀ ବାସ ଭବନରେ ଗଳାରେ ଦଉଡ଼ି ଦେଇ ବିଜୟ ନାୟକ ନାମକ ସରକାରୀ କର୍ମଚାରୀ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି । ଏଭଳି ଏକ ଅଭାବନୀୟ ଓ ଦୁଖଦଃ ପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଛି ଫୁଲବାଣୀ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସର ମଧ୍ୟରେ । ମୃତକ ଫୁଲବାଣୀ ଉଦ୍ୟାନ ବିଭାଗ କର୍ମଚାରୀ ବିଜୟ କୁମାର ନାୟକ ହୋଇଥିବା ଜଣାପଡ଼ିଛି ।ଖବର ପାଇ ଘଟଣାସ୍ଥଳରେ ଫୁଲବାଣୀ ଟାଉନ୍ ଥାନା ପୁଲିସ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସମସ୍ତ ଦିଗରୁ ତଦନ୍ତ ଆରମ୍ଭ ?କରିଛି । ସେପଟେ ବିଜୟଙ୍କ ଆତ୍ମହତ୍ୟା ଘଟଣାକୁ ସହଜରେ ବିଶ୍ୱାସ କରିପାରୁନାହାନ୍ତି ପରିବାର ଲୋକେ । ସେପଟେ ମୃତକଙ୍କ ପୁଅ ଆଣିଲେ ହତ୍ୟା ଅଭିଯୋଗ । ସୂଚନା ପ୍ରକାରେ ଗତକାଲି ଅପରାହ୍ନରେ ମୃତକ ବିଜୟ କୁମାର ନାୟକ ନିଜ ଝିଅ ଓ ସ୍ତ୍ରୀଙ୍କ ସହ ଫୋନରେ କଥା ହେବା ସହ ପୁଅ ପାଖକୁ ଅନ୍ ଲାଇନରେ ଦୁଇ ହଜାର ଟଙ୍କା ପଠାଇଥିଲେ । ଏଥିସହିତ ସେ ରାତିରେ ବସରେ ଭୁବନେଶ୍ୱର ଯିବେ ଏବଂ ସେଠାରୁ ଭଦ୍ରକ ନିଜ ଗାଁ କୁ ଯିବେ ବୋଲି ସ୍ତ୍ରୀ ଙ୍କୁ କହିଥିଲେ । କିନ୍ତୁ ଅପରାହ୍ନ ୪ଟା ୧୫ ମିନିଟ୍ ସମୟରେ ବିଜୟ ନିଜ ସରକାରୀ ବାସ ଭବନରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଖବର ସ୍ତ୍ରୀ ବାସନ୍ତୀ ନାୟକଙ୍କୁ ଜଣାଇଥିଲେ ଉଦ୍ୟାନ କୃଷି ନିର୍ଦ୍ଦେଶକ । ଆଜି ପରିବାର ଲୋକଙ୍କ ପକ୍ଷରୁ ଫୁଲବାଣୀ ପହଁଚିବା ପରେ ପୋଲିସ୍ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଅନ୍ୟପଟେ ମୃତକ ବିଜୟଙ୍କ ପରିବାର ପକ୍ଷରୁ ତାଙ୍କ ବଡ଼ ପୁଅ ବିଶ୍ୱଜିତ ନାୟକ ଆଣିଥିବା ଅଭିଯୋଗକୁ ଭିତ୍ତି କରି ଏକ ଆତ୍ମହତ୍ୟା ବା ଟଉ ଉଇଝର ଘଙ ୪୫ / ୨୦୨୪ ପ୍ରକାରେ ମାମଲା ରଜୁ କରି. ଆଇଓ ଶ୍ରୀ ମନୋରଞ୍ଜନ ଭୋଇ ଅଧିକ ତଦନ୍ତ ଚଳାଇଥିବା ପ୍ରକାଶ କରିଛନ୍ତି । ବର୍ତ୍ତମାନ ମୃତକ ଙ୍କ ଧର୍ମ ପତ୍ନୀ ଶ୍ରୀମତୀ ବାସନ୍ତୀ ନାୟକ, ପୁଅ ବିଶ୍ୱଜିତ ନାୟକ ଓ ଗୋଟିଏ ବୋଲି ଝିଅ ପରିବାର ମଧ୍ୟରେ ଥିବା ଜଣା ପଡିଛି । ବର୍ତ୍ତମାନ ସୁଦ୍ଧା କୌଣସି ସିଦ୍ଧାନ୍ତରେ ପହଂଚି ପାରିନି, ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଜଣା ପଡିବ ମୃତକ ସରକାରୀ କର୍ମଚାରୀ ବିଜୟ ନାୟକଙ୍କ ଅସଲ ମୃତ୍ୟୁର କାରଣ, ପ୍ରକୃତରେ ଆତ୍ମହତ୍ୟା ନା ସୁପରିକଳ୍ପିତ ହତ୍ୟା କାଣ୍ଡ ବୋଲି ସନ୍ଦେହ ଘେରରେ ତଦନ୍ତ ଅଧିକାରୀ । ଦେଖାଯାଉ ବର୍ତ୍ତମାନ ପୋଲିସ ର ଉପଯୁକ୍ତ ତଦନ୍ତ ଉପରେ ହିଁ ଜଣାପଡିବ ଆତ୍ମହତ୍ୟା ର କାରଣ, ଆଉ ଏହି ଘଟଣାରେ ଜଡିତ ଥିବା ଅଭିଯୁକ୍ତ ମାନେ ଆଇନ ହାତରେ ଧରାପଡି ଦଣ୍ଡିତ ହେବେ, ହେଲେ ପୁନଃ ଜୀବନ ପାଇ ପରିବାର ନିକଟକୁ ଫେରି ଆସିବେନି ଆଉ ବିଜୟ , ଏହା ଚିରନ୍ତନ ସତ୍ୟ, ଖାଲି ଦେଖିବାକୁ ବାକି ରହିଲା ଏହା ପ୍ରକୃତରେ ଆତ୍ମହତ୍ୟା ନା ହତ୍ୟା ବୋଲି ଟାଉନ ଥାନା ପୋଲିସ ର ଉପଯୁକ୍ତ ତଦନ୍ତ ଉପରେ ନିର୍ଭର କରୁଛି ।

# କେନ୍ଦ୍ରୀୟ ସୀମା ସୁରକ୍ଷା ବାହିନୀର ୬୦ ତମ ପ୍ରତିଷ୍ଠା ଦିବସ ପାଳନ



ବାଲିଗୁଡା ତା, ୦୨/୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ବାଲିଗୁଡା ଦଣ୍ଡପଦର ସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟରେ ଥିବା ୧୩୬ ସୀମା ସୁରକ୍ଷା ବାହିନୀ ବାଟାଲିୟନ ତରଫରୁ ସୀମା ସୁରକ୍ଷା ବଳର ୬୦ ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି ଓ ଏଥିରେ ସ୍ଥାନୀୟ ୧୩୬ ସୀମା ସୁରକ୍ଷା ବାହିନୀ ବାଟାଲିୟନର କମାଣ୍ଡାଣ୍ଟଶ୍ରୀ ମାନସ ରଞ୍ଜନ ପଣ୍ଡା ଓ ଅନ୍ୟ ଅଧିକାରୀ ତଥା ସୁରକ୍ଷା ବାହିନୀର ଜବାନ ମାନଙ୍କ ଉପସ୍ଥିତରେ କମାଣ୍ଡାଣ୍ଟ ଶ୍ରୀ ପଣ୍ଡା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଦେଶ ପାଇଁ ଉତ୍ସାହ ସହିତ ନିଷ୍ଠାର ସ ?ହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଦେଶର ପ୍ରଥମ ଧାଡିରେ କାର୍ଯ୍ୟ କରୁଥିବା ସୀମା ସୁରକ୍ଷା ବାହିନୀ ଏହାର ସମସ୍ତ କାର୍ଯ୍ୟକୁ ଆଭ୍ୟନ୍ତରୀଣ କର୍ତ୍ତବ୍ୟରେ ମଧ ପ୍ରାଧାନ୍ୟ ଦେବା ସହ କେନ୍ଦ୍ରୀୟ ସୀମା ସୁରକ୍ଷା ବଳର କର୍ମଚାରୀ ହୋଇଥିବାରୁ ନିଜେ ଗର୍ବ ଅନୁଭବ କରିବା ଉଚିତ୍ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରି ସୀମା ସୁରକ୍ଷା ବାହିନୀର ମନୋବଳ ବୃଦ୍ଧି କରାଇଥିଲେ । କେନ୍ଦ୍ରୀୟ ବାହିନୀର ସମସ୍ତ ଜବାନ ଓ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ବିଶେଷ କଥା ହେଲା, ସନ୍ୟବାହିନୀ ଯଥା ସ୍ଥଳ ବାହିନୀ, ଜଳ ବାହିନୀ ଓ ଆକାଶ ବାହିନୀ ପରି ମଧ୍ୟ ଦେଶର ସୀମାନ୍ତରେ କାର୍ଯ୍ୟ କରିଥାନ୍ତି ଏହି କେନ୍ଦ୍ରୀୟ ସୀମା ସୁରକ୍ଷା ବାହିନୀ, ଯେଉଁ ମାନଙ୍କ ନିର୍ଭିକ ସାହସୀ ଓ ବିଚକ୍ଷଣ ବୁଦ୍ଧିର ସହିତ ରଣ କୌଶଳ ତିଆରି ଶତ୍ରୁ ସହିତ ମୁକାବିଲା କରିବାରେ ସକ୍ଷମ ହୋଇ ଦେଶକୁ ଓ ଦେଶ ବାସୀଙ୍କୁ ସୁରକ୍ଷା ଦେଇଥାନ୍ତି ସେଇ କେନ୍ଦ୍ରୀୟ ସୀମା ସୁରକ୍ଷା ବାହିନୀ ପାଇଁ ଆମର ଧନ ଜୀବନ ରକ୍ଷା ହୋଇପାରିବା ସହିତ ଆମେ ସମସ୍ତେ ଶାନ୍ତିରେ ନିଶ୍ୱାସ ମାରି ନିଶ୍ଚିନ୍ତ ରେ ନିଜ ନିଜର ପରିବାର କୁ ନେଇ ସୋଇପାରୁଛୁ ଆଉ ରହିପାରୁଛୁ । ନିଜ ଯିବନକୁ ମରଣ ମୁହକୁ ଠେଲି ଦେଇ ଦେଶର ସୀମାନ୍ତରେ ସୁରକ୍ଷା ଦେବା ପାଇଁ କାର୍ଯ୍ୟ କରୁଥିବା କେନ୍ଦ୍ରୀୟ ସୀମା ସୁରକ୍ଷା ବାହିନୀ ଙ୍କ ପାଇଁ ସତରେ ଗର୍ବର ରେ ଆମର ଛାତି କୁଣ୍ଢେ ମୋଟ ହୋଇଯାଉଛି । ତେଣୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲ ବହାଦୁର ଶାସ୍ତ୍ରୀ ଙ୍କର ଏକ ସ୍ଲୋଗାନ ଥିଲା, ଜୟ ଯବାନ, ଜୟ କି ସାନ,, ବୋଲି ।

# ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର , ତା ୦୨.୧୨.୨୦୨୪ ରିଖ : ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ ।ଆଜି ମୋଟ ୨୨୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୨୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୫ ଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୯୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦୪ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକୃଷ୍ଣ ଜେନା,ଜ଼ିଲ୍ଲା ପରିଷଦ ର ମୁଖ୍ୟ ବିକାଶ ଅଧିକାରୀ ଶ୍ରୀ ଅଶୋକ କୁମାର ବେହୁରିଆ , ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ଶିବାଶିଷ ମହାରଣା, ଉପ ଜିଲ୍ଲାପାଳ ଶ୍ରୀ ଅଂଶୁମାନ ଶତପଥି , ଗୋଷ୍ଠୀ ଉନ୍ନୟନ ଅଧିକାରୀ ,ଯାଜପୁର ଶ୍ରୀ ସ୍ୱାଗତ ଦାସ , ତହସିଲଦାର, ଯାଜପୁର ଶ୍ରୀ ଅରବିନ୍ଦ ବେହେରା ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

# ଫୁଲବାଣୀ ମେଡିକାଲ ରେ ବିଶ୍ୱ ଏଡ଼ସ ଦିବସ ପାଳିତ





ଫୁଲବାଣୀ ତା ୦୨/୧୨ ଜଗନ୍ନାଥଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଫୁଲବାଣୀ ଠାରେ ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଯାଇଛି । ଆଜିର ଏଡ଼ସ ଦିବସକୁ ସକାଳ ୯.୩୦ ମିନିଟ ସମୟରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼କ୍ଟର ସନ୍ତୋଷ କୁମାର ପାଢ଼ୀ, ପତାକା ଦେଖାଇ ସଚେତନତା ଶୋଭାଯାତ୍ରା ତଥା ସଚେତନତା ରଥ କୁ ପ୍ରଚାର ଯିବାପାଇଁ ଶୁଭାରମ୍ଭ କରିଥିଲେ । ଏହି ସମୟରେ ଜିଲ୍ଲା ଏଡ଼ସ କାର୍ଯ୍ୟକ୍ରମର ନୋଡାଲ ଅଫିସର ଡ଼କ୍ଟର ପ୍ରଶ୍ନନ କୁମାର ତ୍ରିପାଠୀ, ଶ୍ରୀ ମନୋରଞ୍ଜନ ସାହୁ ଡିପିମ, ଏନ ଏଚ ଏମ, ଶ୍ରୀ ଧର୍ମେନ୍ଦ୍ର ତାଣ୍ଡି, ସ୍ୱାସ୍ଥ୍ୟ ଶିକ୍ଷା ଅଧିକାରୀ ଶ୍ରୀ ଦେବାଶିଷ ମିଶ୍ର, ଜିଲ୍ଲା ଏଡ଼ସ ସୁପରଭାଇଜର ଶ୍ରୀ ଗୋବିନ୍ଦ ଚନ୍ଦ୍ର ଜେନା, ଏଡ଼ସ କାଉନ ସିଲର ଶ୍ରୀ ଶିବରଞ୍ଜନ ଦାଶ, ଏମ, ଆଇ ସି, ଶ୍ରୀ ପ୍ରଦୀପ କୁମାର ସ୍ୱାଇଁ, ସ୍ୱାତି ଅନୁଷ୍ଠାନ ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଶୋଭାଯାତ୍ରା ରେ ଶ୍ୱାସ୍ଥ୍ୟ ବିଭାଗର ତାଲିମ ରତ ଛାତ୍ରୀ ମାନଙ୍କ ସହିତ ସ୍ୱାତିର ଶ୍ୱେଚ୍ଛାସେବୀ କର୍ମକର୍ତ୍ତା ମାନେ ତଥା ଟି ଜି କମୁନିଟି ର କର୍ମକର୍ତ୍ତା ମାନେଏହି କାର୍ଯ୍ୟକ୍ରମ ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟ ଡାକ୍ତର ଖାନରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ମୁଖ୍ୟ ଚିକିତ୍ସାଳୟରେ ପହଂଚିଥିଲା । ପରେ ନରସିଙ୍ଗ କଲେଜ ରେ ଏକ ସାଧାରଣ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମୁଖ୍ୟ ଚିକିତ୍ସା ତଥା ଜନସ୍ୱାଥ୍ୟ ଅଧିକାରୀ ଡ଼କ୍ଟର ସନ୍ତୋଷ କୁମାର ପାଢ଼ୀ , ସାମୁହିକ ପ୍ରଚେଷ୍ଟା ଦ୍ୱାରା ଏଡ୍ସ ସଂକ୍ରମଣ କୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି କହିଥିଲେ ଓ H I V ସଂକ୍ରମିତ ବ୍ୟକ୍ତିମାନଙ୍କର ସାମାଜିକ ସୁରକ୍ଷା ପ୍ରଦାନ ନିମନ୍ତେ ପ୍ରଚେଷ୍ଟା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ନୋଡାଲ ଅଫିସର ଡ଼କ୍ଟର ପ୍ରସନ୍ନ କୁମାର ତ୍ରିପାଠୀ, ଜିଲ୍ଲାର ଏଡ଼ସ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଶେଷ ଭାବରେ ଆଲୋକପଓତ କରିଥିଲେ, ଡିପିଏମ ଶ୍ରୀ ମନୋରଞ୍ଜନ ସାହୁ ସ୍ୱ -ରଚିତ କବିତା ମାଧମରେ ଏଡ଼ସ ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଆଡିସିନାଲ ପିଡି, ଜ଼ିଲ୍ଲା ପରିଷଦ ଶ୍ରୀ ନରେନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ବରିଷ୍ଠ ନାଗରିକ ମଞ୍ଚ ଶ୍ରୀ ପ୍ରଣବ ମଣ୍ଡଳ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ. ଶ୍ରୀ ଧର୍ମେନ୍ଦ୍ର ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେଫ ମହିଳା ସ୍ୱାସ୍ଥ୍ୟ କର୍ମୀ ଛାତ୍ରୀ ମାନଙ୍କ ଦ୍ୱାରା ଦୁଇଟି ସଚେତନତା କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ଶେଷରେ ବରିଷ୍ଠ ନାଗରିକ ମଞ୍ଚ, ରୋଟାରୀ କ୍ଲବ, ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ର, ନର୍ସିଙ୍ଗ କଲେଜ, ସ୍ୱାତି ଅନୁଷ୍ଠାନ, ଟି ଜି କମୁନିଟି ଏବଂ ଜିଲ୍ଲା ର ତିନି ଜଣ ଐଓଠ ପରାମର୍ଶଦାତା ଶ୍ରୀ ଦେବାଶିଷ ମିଶ୍ର, ଶ୍ରୀ ଗୋବିନ୍ଦ ଚନ୍ଦ୍ର ଜେନା ଏବଂ ଶ୍ରୀମତୀ ଗୀତାଞ୍ଜଳି ପଣ୍ଡା ଙ୍କୁ ସାନମାନିତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀ ଦେବାଶିଷ ମିଶ୍ର ପରିଚାଳନା କରିଥିଲା ବେଳେ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଜେନା ସହଯୋଗ କରିଥିଲେ ଫ ଏହି ଦିନ ମଧ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର, ଗୁଟିଙ୍ଗିଆ ଠାରେ ଏକ ରକ୍ତ ଦାନ ଶିବିର ର ଆୟୋଜନ କରାଯାଇଥିଲା ଓ କନ୍ଧମାଳ ଜିଲାକୁ ସମ୍ପୂର୍ଣ୍ଣ ଏଡ଼ସ ବିହୀନ ଜିଲ୍ଲା ଭାବେ ଅବସ୍ଥାପିତ କରିବା ପାଇଁ ଉପସ୍ଥିତ ସମସ୍ତ ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନ ର କର୍ମକର୍ତ୍ତା ମାନେ ଅଙ୍ଗିକାର ବଦ୍ଧ ହୋଇ କାର୍ଯ୍ୟ କରିବା ପାଇଁ ସଭାରେ ଆହ୍ୱାନ କରିଥିବା ଦେଖିବାକୁ ମିଳିଥିଲା ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ